ISSN-0971-8400

# ଯୋଜନା

ନଭେମ୍ବର ୨୦୧୭ ବିକାଶମୂଳକ ମାସିକ ପତ୍ରିକା ୨୨ ଟଙ୍କା

## ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ



ଏମ୍ଏସ୍ଏମ୍ଇ ଉଦ୍ୟୋଗର ସଶକ୍ତୀକରଣ
ଅରୁଣ କୁମାର ପଣ୍ଡା

ଉଦ୍ୟୋଗ ପ୍ରୋତ୍ସାହନ ଯୋଜନା ଓ ଏନ୍ଆଇ-ଏମ୍ଏସ୍ଏମ୍ଇ
ଚନ୍ଦ୍ରଶେଖର ରେଡ୍ଡୀ

ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ମାନ ପ୍ରମାଣନ ବ୍ୟବସ୍ଥା
ଜୀତେନ୍ଦ୍ର ସିଂହ

ଭାରତରେ ଏମ୍ଏସ୍ଏମ୍ଇ ଉଦ୍ୟୋଗର ସମସ୍ୟା
ଅନୀଲ ଭରଦ୍ୱାଜ

ବିଶେଷ ପ୍ରସଙ୍ଗ
ଭାରତୀୟ ଏମ୍ଏସ୍ଏମ୍ଇ ଉଦ୍ୟୋଗ ଟେକ୍ନୋଲୋଜି ବିକାଶ
ବାଲ୍ ସୁବ୍ରମଣ୍ୟମ୍ ମୁଞ୍ଜିଲା ଚିଲେମାନେ

ଫୋକସ୍
ଭିନ୍ନ ଏକ ନିର୍ମାଣ: ଖଦି ଆୟୋଗଙ୍କ ନୂଆ ପ୍ରୟାସ
ଭି. କେ. ସକ୍ସେନା

## ବିକାଶର ରୋଡ୍‌ମ୍ୟାପ୍

# ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସଘନ ମିଶନ ଇନ୍ଦ୍ରଧନୁଷ୍ (ଆଇଏମ୍‌ଆଇ) ଆରମ୍ଭ

ଗୁଜରାଟର ବଡ଼ ନଗରଠାରେ ପ୍ରଧାନମନ୍ତ୍ରୀ ନିକଟରେ ସଘନ ମିଶନ ଇନ୍ଦ୍ରଧନୁଷ (ଆଇଏମ୍‌ଆଇ) କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ନିୟମିତ ଟିକାକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇପାରି ନଥିବା ଦୁଇବର୍ଷରୁ କମ୍ ବୟସର ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଆବଶ୍ୟକ ଟିକା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ସ୍ୱତନ୍ତ୍ର ପ୍ରୟାସ ଆରମ୍ଭ କରାଯିବ । ଦେଶର ଯେଉଁସବୁ ଜିଲ୍ଲାରେ ଟିକାକରଣ କାର୍ଯ୍ୟକ୍ରମ ଲକ୍ଷ୍ୟ ଠାରୁ ପଛରେ ରହିଛି ସେସବୁ ଚିହ୍ନଟ ଜିଲ୍ଲାରେ ୨୦୧୮ସୁଦ୍ଧା ଶତପ୍ରତିଶତ ବା ୯୦ ଶତାଂଶରୁ ଅଧିକ ଟିକାକରଣ ହାସଲ କରିବାର ଲକ୍ଷ୍ୟ ରହିଛି । ପୂର୍ବରୁ ମିଶନ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମରେ ୨୦୨୦ସୁଦ୍ଧା ସମ୍ପୂର୍ଣ୍ଣ ଟିକାକରଣ ହାସଲ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଆଇଏମ୍‌ଆଇ କାର୍ଯ୍ୟକ୍ରମ ଦ୍ୱାରା ତାହାକୁ ଦୁଇ ବର୍ଷ ଆଗେଇ ଅଣାଯାଇଛି ।

ଏହି ଉପଲକ୍ଷେ ଆୟୋଜିତ ଏକ ଉତ୍ସବରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ କୌଣସି ଶିଶୁ ଟିକାଜନିତ ଅଭାବରୁ ବ୍ୟାଧିର ସମ୍ମୁଖୀନ ହୋଇ ଯେପରି ମୃତ୍ୟୁମୁଖରେ ନ'ପଡ଼େ ତାହା ନିଶ୍ଚିତ କରିବାକୁ ପଡ଼ିବ । ଟିକାକରଣକୁ ସରକାର ଏକ ଜନ ଓ ସାମାଜିକ ଆନ୍ଦୋଳନରେ ପରିଣତ କରିଛନ୍ତି । ଶିଶୁ ଓ ମାତୃମୃତ୍ୟୁହାର ହ୍ରାସ କରିବାରେ ସମସ୍ତେ ସହଯୋଗ କରିବାକୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ଆହ୍ୱାନ ଜଣାଇଥିଲେ ।

ଚାରି ପର୍ଯ୍ୟାୟ ବିଶିଷ୍ଟ ମିଶନ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମରେ ୨.୫୩ କୋଟି ଶିଶୁ ଓ ୬୮ ଲକ୍ଷ ଗର୍ଭବତୀ ମହିଳାଙ୍କୁ ଜୀବନରକ୍ଷାକାରୀ ଟିକା ପ୍ରଦାନ କରାଯାଇସାରିଲାଣି । ସେଥିମଧ୍ୟରୁ ଗୁଜରାଟରେ ୫.୨୧ ଲକ୍ଷ ଶିଶୁ ଓ ୧.୨୭ ଲକ୍ଷ ଗର୍ଭବତୀ ମହିଳା ଅନ୍ତର୍ଭୁକ୍ତ । ଆଗରୁ ଏହି କାର୍ଯ୍ୟକ୍ରମରେ ବର୍ଷକୁ ଟିକାକରଣ କାର୍ଯ୍ୟ ମାତ୍ର ଏକ ପ୍ରତିଶତ ବଢୁଥିବା ବେଳେ ମିଶନ ଇନ୍ଦ୍ରଧନୁଷ ପ୍ରଥମ ଦୁଇ ପର୍ଯ୍ୟାୟରେ ଏହି ହାର ବାର୍ଷିକ ୬.୭% ବଢ଼ିଛି ।

ଆଇଏମ୍‌ଆଇ ଯୋଜନାରେ ଏହି ଟିକାକରଣ କାର୍ଯ୍ୟକ୍ରମକୁ ଉଭୟ ସହର ଓ ଗ୍ରାମାଞ୍ଚଳର ଅଗ୍ରାଧିକାର ଇଲାକାମାନଙ୍କରେ ବ୍ୟାପକ କରାଯାଇଛି । ଏଥିପାଇଁ କ୍ରମାଗତ ଚାରିପର୍ଯ୍ୟାୟ ଟିକାଦାନର ବ୍ୟବସ୍ଥା ହୋଇଛି । ପ୍ରଥମ ପର୍ଯ୍ୟାୟରେ ୧୭୩ଟି ଜିଲ୍ଲାରେ ସାତ ଦିନ ପାଇଁ, ଦ୍ୱିତୀୟ ପର୍ଯ୍ୟାୟରେ ୧୬ଟି ରାଜ୍ୟର ୧୨୧ଟି ଜିଲ୍ଲା ଓ ୧୭ ସହରରେ ଏକ ସପ୍ତାହ ଧରି ଏହି ଟିକା ଦିଆଯିବାର ବ୍ୟବସ୍ଥା ହୋଇଛି । ତୃତୀୟ ପର୍ଯ୍ୟାୟରେ ଉତ୍ତର-ପୂର୍ବାଞ୍ଚଳର ୫୨ଟି ଜିଲ୍ଲାରେ ଏବଂ ଶେଷ ପର୍ଯ୍ୟାୟରେ ଅବଶିଷ୍ଟ ଜିଲ୍ଲାରେ ଏହି ଟିକାଦାନ କରାଯିବ । ଅକ୍ଟୋବର ୨୦୧୭ରୁ ୨୦୧୮ ଜାନୁଆରୀ ମଧ୍ୟରେ ଏହି ଟିକାକରଣ କାର୍ଯ୍ୟକ୍ରମ ପ୍ରତି ମାସରେ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ କାମ ଆରମ୍ଭ ହୋଇଛି । ଯେଉଁ ସବୁ ଜିଲ୍ଲାରେ ଶିଶୁ ଓ ମାତୃମୃତ୍ୟୁହାର ଅଧିକ ସେଠାରେ ଆଇଏମ୍‌ଆଇକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯାଉଛି । ଜାତୀୟ ସର୍ବେକ୍ଷଣ, ସ୍ୱାସ୍ଥ୍ୟ ପରିଚାଳନା ସୂଚନା ବ୍ୟବସ୍ଥା ତଥ୍ୟାବଳୀ ଓ ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ତଥ୍ୟାବଳୀ ଆଧାରରେ ସମସ୍ୟାବହୁଳ ଇଲାକାଗୁଡ଼ିକୁ ଚିହ୍ନଟ କରାଯାଇଛି । ସହରାଞ୍ଚଳର ବସ୍ତି ଇଲାକା, ଅଗମ୍ୟ ଗ୍ରାମାଞ୍ଚଳ, ସ୍ଥାନାନ୍ତରୀ ଲୋକ ରହୁଥିବା ଇଲାକାକୁ ଏହି କାର୍ଯ୍ୟକ୍ରମରେ ଅଗ୍ରପ୍ରାଧାନ୍ୟ ଦିଆଯାଇ ଟିକାକରଣ କରାଯାଉଛି ।

ଆଇଏମ୍‌ଆଇ କାର୍ଯ୍ୟକୁ ଜିଲ୍ଲା, ପ୍ରଦେଶ ଓ କେନ୍ଦ୍ରୀୟ ସ୍ତରରେ ତଦାରଖ କରାଯାଉଛି ଏବଂ କେନ୍ଦ୍ର କ୍ୟାବିନେଟ୍ ସଚିବ ଜାତୀୟ ସ୍ତରରେ ନିୟମିତ ଏହାର ସଫଳତାକୁ ସମୀକ୍ଷା କରିବାର ବ୍ୟବସ୍ଥା ହୋଇଛି । ସର୍ବୋଚ୍ଚ ସ୍ତରରେ 'ପ୍ରଗତି' (ପ୍ରୋଆକ୍ଟିଭ ଗଭର୍ଣ୍ଣାନ୍ସ ଆଣ୍ଡ ଟାଇମ୍‌ଲି ଇମ୍ପ୍ଲିମେଣ୍ଟେସନ) ଏହାର ସମୀକ୍ଷା କରିବ ।

କାର୍ଯ୍ୟକ୍ରମର ଟିକିନିଖି ତଦାରଖ ପାଇଁ ଆଇଏମ୍‌ଆଇ ଯୋଜନାରେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ହୋଇଛି । ରାଜ୍ୟ ଓ ଜିଲ୍ଲାସ୍ତରରେ ଟିକାକରଣର ବ୍ୟାପକ ସଫଳତା ପାଇଁ ଆତ୍ମ-ଆକଳନ ବ୍ୟବସ୍ଥା କରାଯାଇଛି । ଏହାଫଳରେ କେତେ ଟିକା ନେଲେ, କେତେ ନେଇପାରିଲେ ନାହିଁ ତାହାର ସ୍ପଷ୍ଟ ଚିତ୍ର ମିଳିଯିବ । ୨୦୧୮ ଡିସେମ୍ବର ସୁଦ୍ଧା ଅତିକମ୍‌ରେ ୯୦ ଶତାଂଶ ମହିଳା ଓ ଶିଶୁଙ୍କୁ ଟିକା ପ୍ରଦାନ କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

ଯେଉଁ ଜିଲ୍ଲା ବା ରାଜ୍ୟ ୯୦% ସଫଳତା ହାସଲ କରିବେ ସେମାନଙ୍କୁ ପୁରସ୍କୃତ ବା ପ୍ରଶଂସିତ କରିବା ପାଇଁ ମଧ୍ୟ ଏକ ବ୍ୟବସ୍ଥା କରାଯାଇଛି । ସେଥିମଧ୍ୟରେ ସଂକଟକାଳୀନ ସ୍ଥିତିରେ ଶ୍ରେଷ୍ଠ ନୀତି ଅବଲମ୍ବନ ଓ ଗଣମାଧ୍ୟମ ପରିଚାଳନା ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟରେ ସହଯୋଗ କରୁଥିବା ବ୍ୟକ୍ତିବିଶେଷ, ଅନୁଷ୍ଠାନ, ସଂସ୍ଥା, ନାଗରିକ ସମାଜ ଓ ଅନ୍ୟମାନଙ୍କୁ ପ୍ରଶଂସାପତ୍ର ଦେବାର ମଧ୍ୟ ବ୍ୟବସ୍ଥା କରାଯାଇଛି ।

ନଭେମ୍ବର ୨୦୧୭

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ପଞ୍ଚବିଂଶ ବର୍ଷ / ପ୍ରଥମ ସଂଖ୍ୟା

## ଏ ସଂଖ୍ୟାରେ...

| ବିଷୟ / ଲେଖକ | ପୃଷ୍ଠା |
|---|---|
| ସମ୍ପାଦକୀୟ | ୦୪ |
| ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ସଶକ୍ତୀକରଣ<br>*ଅରୁଣ କୁମାର ପଣ୍ଡା* | ୦୫ |
| ଉଦ୍ୟୋଗ ପ୍ରୋତ୍ସାହନ ଯୋଜନା ଓ ଏନ୍‌ଆଇ-ଏମ୍‌ଏସ୍‌ଏମ୍‌ଇ<br>*ଚନ୍ଦ୍ରଶେଖର ରେଡ୍ଡୀ* | ୧୦ |
| ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ମାନ ପ୍ରମାଣନ ବ୍ୟବସ୍ଥା<br>*ଡଃ. ଜତୀନ୍ଦ୍ର ସିଂହ* | ୧୪ |
| ଭାରତରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ସମସ୍ୟା<br>*ଅନୀଲ ଭରଦ୍ୱାଜ* | ୧୭ |
| କ୍ଷୁଦ୍ର ଉଦ୍ୟୋଗ ପାଇଁ ଉପଯୁକ୍ତ ପରିବେଶ<br>*ଅଶ୍ୱିନୀ ମହାଜନ* | ୩୨ |
| ଏମ୍‌ଏସ୍‌ଏମ୍‌ଇର ସର୍ବଶେଷ ଆହ୍ୱାନ, ସୁଯୋଗ ଓ ଅନିବାର୍ଯ୍ୟତା<br>*ପି. ଏମ୍. ମାଥ୍ୟୁ* | ୩୭ |
| ସମସ୍ତଙ୍କ ପାଇଁ ଏମ୍‌ଏସ୍‌ଏମ୍‌ଇ ସାମଗ୍ରୀ ଓ ସେବା<br>*ଶିଶିର ସିହ୍ନା* | ୪୩ |
| ଆପଣ ଜାଣନ୍ତି କି ? | ୪୯ |
| ସାମ୍ପ୍ରତିକୀ | ୫୦ |

**ଫୋକସ୍**

ଭିନ୍ନ ଏକ ନିର୍ମାଣ: ଖଦି ଆୟୋଗଙ୍କ ନୂଆ ପ୍ରୟାସ
ଭି. କେ. ସକ୍‌ସେନା *ପୃଷ୍ଠା: ୨୬*

**ବିଶେଷ ପ୍ରବନ୍ଧ**

ଭାରତୀୟ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ଟେକ୍‌ନୋଲୋଜି ବିକାଶ
ବାଲ୍ ସୁବ୍ରମଣ୍ୟମ୍ ମୁର୍ଗିଲା ଚିଲେମାନେ *ପୃଷ୍ଠା: ୨୨*

*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।


## ସମ୍ପାଦକୀୟ

# କ୍ଷୁଦ୍ର ଉଦ୍ୟୋଗର ବୃହତ୍ ଦକ୍ଷତା

ଏକ ଦୃଢ଼ ଶିଳ୍ପୋଦ୍ୟୋଗ ନିର୍ମାଣ କରିବା ଦେଶ ଶାସନ କରୁଥିବା ନେତୃମଣ୍ଡଳୀ ଓ ନୀତି ନିର୍ଦ୍ଧାରକଙ୍କ କାର୍ଯ୍ୟସୂଚୀରେ ସର୍ବଦା ଅଗ୍ରାଧିକାର ଲାଭ କରିଥାଏ। ଶିଳ୍ପ ସଂସ୍ଥା କେବଳ ଦେଶର ଆଭ୍ୟନ୍ତରୀଣ ଆବଶ୍ୟକତା ପୂରଣ ଓ ରପ୍ତାନୀ ପାଇଁ ସାମଗ୍ରୀ ଉତ୍ପାଦନ କରି ନ' ଥାଏ ; ଏହା ମଧ୍ୟ ଯୁବ ସମାଜକୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥାଏ। ଦେଶର ଜିଡିପି ଏବଂ ଅର୍ଥନୈତିକ ଅଭିବୃଦ୍ଧି କଥା ଆଲୋଚନାବେଳେ ଲୁହା ଓ ଇସ୍ପାତ, କାର୍, ଇଲେକ୍ଟ୍ରୋନିକ୍ସ ଭଳି ବଡ଼ ବଡ଼ ଶିଳ୍ପ ସଂସ୍ଥାର କଥା ଅଧିକ ଚର୍ଚ୍ଚା ହୁଏ। ଏହି ଆଲୋଚନାରେ କ୍ଷୁଦ୍ର ଶିଳ୍ପ ସଂସ୍ଥା କଥା ପ୍ରାୟତଃ ଉଠେନାହିଁ। ଏହି ଉଦ୍ୟୋଗଟି ଚର୍ଚ୍ଚାରେ ନ ଥିଲେ ମଧ୍ୟ ବିଭିନ୍ନ ସାମଗ୍ରୀ ଉତ୍ପାଦନ (ମାନୁଫାକଚରିଙ୍ଗ) ଏବଂ କର୍ମ ନିଯୁକ୍ତି ପ୍ରଦାନରେ ଏକ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥାଏ। ଏହି କ୍ଷେତ୍ରର ପ୍ରଦର୍ଶନ ଓ ସାମର୍ଥ୍ୟ ସାଧାରଣତଃ ଅର୍ଥନୀତିଜ୍ଞ ଓ ନୀତିନିର୍ଦ୍ଧାରକଙ୍କ ଦୃଷ୍ଟି ଅନ୍ତରାଳରେ ରହିଯାଏ। ଦେଶର ଆର୍ଥିକ ଅଭିବୃଦ୍ଧିରେ ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଭୂମିକା ଅନସ୍ୱୀକାର୍ଯ୍ୟ।

ଭାରତରେ ଏହି ଉଦ୍ୟୋଗ, ଯାହା ଏମ୍ଏସ୍ଏମ୍ଇ ନାମରେ ପରିଚିତ, ସେଥିରେ ପ୍ରାୟ ୧୧କୋଟି ଲୋକ ନିଯୁକ୍ତ। ଜିଡିପିକୁ ଏହି ଉଦ୍ୟୋଗର ଅବଦାନ ପ୍ରାୟ ୧୭ ଶତାଂଶ। ଖଦି କୁର୍ତ୍ତା ଠାରୁ ଆରମ୍ଭ କରି, ମହୁ ଓ କତା ସାମଗ୍ରୀ ଭଳି କୁଟୀର ଶିଳ୍ପ ପ୍ରସ୍ତୁତ ଜିନିଷପତ୍ର ତଥା ଶିଳ୍ପ ସଂସ୍ଥାରେ ବ୍ୟବହୃତ ଅନେକ ପ୍ରକାର ସାମଗ୍ରୀ ଏହି ଉଦ୍ୟୋଗରେ ଉତ୍ପାଦିତ ହୁଏ। ଠିକ୍ ସମୟରେ ଋଣ ନ'ପାଇବା, ଭିତ୍ତିଭୂମିର ଅଭାବ, ଯନ୍ତ୍ରପାତିର ଉନ୍ନତି ବିଧାନ ପାଇଁ ସମ୍ବଳ ଯୋଗାଡ଼ର ଅସୁବିଧା, ଦକ୍ଷ ଲୋକ ଶକ୍ତିର ଅଭାବ, ଭଲ ବଜାର ଓ ବିପଣନ ସୁବିଧାର ଅଭାବ ଆଦି ଏହି ଉଦ୍ୟୋଗର ପ୍ରମୁଖ ସମସ୍ୟା। ଚୀନ ଭଳି ପଡ଼ୋଶୀ ଦେଶରୁ ମଧ୍ୟ ଏହି ଉଦ୍ୟୋଗ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହୁଏ। ବିଦେଶୀ ସାମଗ୍ରୀ ଶସ୍ତାରେ ଭାରତୀୟ ବଜାରକୁ ଦଖଲ କରିବା ବେଳେ ଅଧିକାଂଶ ଘରୋଇ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିକୂଳ ସ୍ଥିତି ଯୋଗୁଁ ଏହାର ମୁକାବିଲା କରି ନ'ପାରି ବିପୁଳ କ୍ଷତି ସହିଥାନ୍ତି।

କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ପାଣ୍ଠି ଅଭାବର ମୁଖ୍ୟ କାରଣ ହେଲା ଅର୍ଥ ଯୋଗାଣକାରୀ ସଂସ୍ଥାମାନେ ଏହାର ଦକ୍ଷତା, ବ୍ୟବହାରିକତା ଓ ସ୍ଥିତି ଘେନି ଭଲଭାବେ ଅବଗତ ନୁହଁନ୍ତି। ଏହି ସମସ୍ୟାବଳୀର ସମାଧାନ ପାଇଁ ସରକାର ସଂପୃକ୍ତ ଉଦ୍ୟୋଗର ଋଣ ଗ୍ୟାରେଣ୍ଟି ପାଣ୍ଠି ଯୋଜନାକୁ ଏକ ଲକ୍ଷରୁ ୨ଲକ୍ଷ ଟଙ୍କାକୁ ବଢ଼ାଇ ଦେଇଛନ୍ତି। ପ୍ରତିଯୋଗିତା କରିବା ପାଇଁ ଏମ୍ଏସ୍ଏମ୍ଇ ଉଦ୍ୟୋଗ ପାଇଁ ଟେକ୍ନୋଲୋଜିର ବିକାଶ (ଅପ୍‌ଗ୍ରେଡେସନ) ଏକ ନିଛକ ବାସ୍ତବତା। ଏହାଦ୍ୱାରା ବିଶ୍ୱ ବଜାରରେ ଏହାର ଉତ୍ପାଦିତ ସାମଗ୍ରୀ ପ୍ରତିଯୋଗିତା କରିବାକୁ ସମର୍ଥ ହୋଇପାରିବ। ମାତ୍ର ଖରାପ ଆର୍ଥିକ ସ୍ଥିତି ଏବଂ ସୀମିତ ଲୋକଶକ୍ତି ଯୋଗୁଁ ଏହି ଉଦ୍ୟୋଗ ଏ କ୍ଷେତ୍ରରେ ବିଶେଷ କିଛି କରିପାରେନାହିଁ। ଟେକ୍ନୋଲୋଜି ଟ୍ରାନ୍ସଫର ଏ କ୍ଷେତ୍ରରେ ଏକ ସମାଧାନ ସୂତ୍ର ହୋଇଥିବାବେଳେ ସରକାର ନିଜଆଡ଼ୁ ଉଚ୍ଚମାନର ଦକ୍ଷତା ବିକାଶ ସୁବିଧା ଏବଂ ବୈଷୟିକ ସହାୟତା ଯୋଗାଇଦେଉଛନ୍ତି। ଏଥିପାଇଁ ସାରା ଦେଶରେ ଟୁଲ୍ ରୁମ୍ ଓ ଟେକ୍ନୋଲୋଜି ବିକାଶ କେନ୍ଦ୍ରମାନ ଖୋଲାଯାଇଛି।



ଅଧିକାଂଶ ଏମ୍ଏସ୍ଏମ୍ଇ ଉଦ୍ୟୋଗ ଅତି ସୀମିତ ସୁବିଧାସୁଯୋଗ ଓ ଭିତ୍ତିଭୂମି ମଧ୍ୟରେ ଭାରତରେ କାମ କରୁଛନ୍ତି। ସରକାରଙ୍କ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମର ଲକ୍ଷ୍ୟ କମନ୍‌ଫାସିଲିଟି ସେଣ୍ଟର ଖୋଲି ଉଦ୍ୟୋଗୀଙ୍କୁ ସର୍ବଶେଷ ଯନ୍ତ୍ରପାତି, ଟେକ୍ନୋଲୋଜି, ଡିଜାଇନ୍ ଆଦି ଯୋଗାଇଦେବା। ସର୍ବୋପରି ଏହି ଉଦ୍ୟୋଗର ସଫଳତା ହାସଲ ପାଇଁ ମୌଳିକ ପ୍ରସଙ୍ଗ ହେଲା ଦକ୍ଷ ଲୋକଶକ୍ତି ପାଇବା। ଦକ୍ଷ କର୍ମଚାରୀଙ୍କୁ ରଖିବା, ନୂଆ କୁଶଳୀ, ଦକ୍ଷ ଲୋକଶକ୍ତିକୁ ଆକର୍ଷିତ କରିବା ଏବଂ ନୂତନ ପ୍ରତିଭାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏକଥାକୁ ସ୍ୱୀକାର କରି ସରକାର ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସରକାର ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଏବଂ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଲକ୍ଷ୍ୟ ପୂରଣ କରିବାକୁ ଚାହୁଁଛନ୍ତି।

ପ୍ରତ୍ୟେକ ଦେଶର ଅର୍ଥନୀତିରେ ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହା ଅଣକୁଶଳୀ, ଅର୍ଦ୍ଧକୁଶଳୀ ଓ କୁଶଳୀ ବର୍ଗର ଲୋକଙ୍କୁ ନିଯୁକ୍ତିର ସୁବିଧା ଦେଇଥାଏ। ଅଳ୍ପ ପୁଂଜି ଓ ସୀମିତ ଭିତ୍ତିଭୂମି ମଧ୍ୟରେ ଏହି ଉଦ୍ୟୋଗ ଅପେକ୍ଷାକୃତ ଅଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ଦିଏ। ଏହି ଉଦ୍ୟୋଗର ଉତ୍ପାଦିତ ସାମଗ୍ରୀ ଦେଶୀ ଜ୍ଞାନକୌଶଳରେ ମୁଖ୍ୟତଃ ଗ୍ରାମାଞ୍ଚଳରେ ପ୍ରସ୍ତୁତ ହେଉଥିବାରୁ ଗ୍ରାମୀଣ ଅର୍ଥନୀତି ତିଷ୍ଠିରହେ। ଏସବୁ ଉତ୍ପାଦିତ ସାମଗ୍ରୀ ମଧ୍ୟରୁ କିଛି ଏତେ ଚମତ୍କାର ଯେ ଯାହାର ମଧ୍ୟ ରପ୍ତାନୀ ଦକ୍ଷତା ରହିଛି। ଏହାଫଳରେ ଆନ୍ତର୍ଜାତିକ ବଜାରରେ ଏହାକୁ ବିକି ବୈଦେଶିକ ବିନିମୟ ମୁଦ୍ରା ଅର୍ଜନ କରିହେବ। କମ୍ ଉତ୍ପାଦନ ମୂଲ୍ୟ ଏବଂ କୁଟୀରଶିଳ୍ପ ଭଳି ବାତାବରଣରେ ଏହା ଉତ୍ପାହିତ ହେଉଥିବାରୁ ଅର୍ଥନୈତିକ ଅସ୍ଥିରତା ସମୟରେ ମଧ୍ୟ ଏହା ତିଷ୍ଠି ପାରିବ।

ଭାରତୀୟ ଅର୍ଥନୀତିକୁ ଆଗକୁ ନେବାରେ ଏମ୍ଏସ୍ଏମ୍ଇ ଉଦ୍ୟୋଗ ପ୍ରଚୁର ସମ୍ଭାବନା ଓ ଦକ୍ଷତା ବହନ କରେ। ସରକାର ଓ ଆର୍ଥିକ ପ୍ରତିଷ୍ଠାନସମୂହର ସାମାନ୍ୟ ସହାୟତାରେ ଏହି ଶିଳ୍ପ ସଂସ୍ଥାଗୁଡ଼ିକ ଅଭିବୃଦ୍ଧିର ସ୍ତମ୍ଭରେ ପରିଣତ ହୋଇପାରିବେ।

# ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ସଶକ୍ତୀକରଣ

ଡଃ ଅରୁଣକୁମାର ପଣ୍ଡା

ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଯାହା ଏମ୍‌ଏସ୍‌ଏମ୍‌ଇ ଭାବେ ପରିଚିତ, ଦେଶର ମୋଟ୍ ଜାତୀୟ ଆୟ ବା ଜିଡିପିରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ ଏବଂ ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରେ। ଲୋକଙ୍କୁ କର୍ମ ନିଯୁକ୍ତି ଯୋଗାଇବା ତଥା ନୂଆ ନୂଆ ଜିନିଷ ଉତ୍ପାଦନ କରି ଉଦ୍‌ଯୋଗ ବିକାଶ କ୍ଷେତ୍ରରେ ଏହା ଏକ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥାଏ। ସହାୟକ ଶିଳ୍ପ ହିସାବରେ ଏହି ଉଦ୍ୟୋଗ ମଧ୍ୟ ବୃହତ୍ ଉଦ୍ୟୋଗକୁ ଉତ୍ପାଦିତ ସାମଗ୍ରୀ ଯୋଗାଇ ସେମାନଙ୍କ ଆବଶ୍ୟକତା ପୂରଣ କରିବା ସହ ବ୍ୟବସାୟ ବଢ଼ାଇବାରେ ସାହାଯ୍ୟ କରେ। ମୋଟାମୋଟି ଭାବେ ଦେଶର ସାମାଜିକ-ଆର୍ଥିକ ଓ ସମାବେଶୀ ବିକାଶ କ୍ଷେତ୍ରରେ ଏହି ଉଦ୍ୟୋଗର ଅବଦାନ ଗୁରୁତ୍ୱପୂର୍ଣ୍ଣ।

**ଭାରତୀୟ ଦୃଶ୍ୟପଟ:**

ଭାରତୀୟ ଅର୍ଥନୀତିରେ ଏହି ଉଦ୍ୟୋଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଦେଶର ପ୍ରାୟ ୯୦% ଶିଳ୍ପ ସଂସ୍ଥା ଏହି ଉଦ୍ୟୋଗର ଅନ୍ତର୍ଗତ। ଏଥିରେ ଦେଶର ମୋଟ୍ ଶ୍ରମଶକ୍ତିର ୪୦ଭାଗ ଲୋକ ନିଯୁକ୍ତ। ପାରମ୍ପରିକ ସାମଗ୍ରୀଠାରୁ ଆରମ୍ଭ କରି ହାଇଟେକ୍ ଜିନିଷ ପର୍ଯ୍ୟନ୍ତ ୮୦୦୦ରୁ ଅଧିକ ଦ୍ରବ୍ୟ ଏହି ଉଦ୍ୟୋଗ ଦ୍ୱାରା ଉତ୍ପାଦିତ ହୋଇଥାଏ। କ୍ରମବର୍ଦ୍ଧିଷ୍ଣୁ ଭାରତୀୟ ଅର୍ଥନୀତିର ଆକାର ୨୦୨୫ସୁଦ୍ଧା ପାଞ୍ଚ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ହିସାବ କରାଯାଇଥିବାବେଳେ ଏହି କ୍ଷେତ୍ର ଏଥିରେ ଏକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବ। ତାହାକୁ ଦୃଷ୍ଟିରେ ରଖି ସରକାର ଏହି ଉଦ୍ୟୋଗ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ନୂଆ ନୂଆ ଉପାୟ ଓ ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି। ସରକାରଙ୍କ ଏହି ଆଭିମୁଖ୍ୟର ସୂଚନା ବଜେଟ୍‌ରୁ ଆପାତତଃ ମିଳେ। ଏହି ଉଦ୍ୟୋଗ ପାଇଁ ଗତବର୍ଷ ୩୪୬୫ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ ଏଥର ତାହାକୁ ୬୪୮୨ କୋଟିକୁ ବୃଦ୍ଧି କରାଯାଇଛି।

**ବିଭିନ୍ନ ସୁଦୃଢ଼ୀକରଣ ପଦକ୍ଷେପ:**

ଅଭିବୃଦ୍ଧି ଓ ବିକାଶ ପାଇଁ ଏହି ଉଦ୍ୟୋଗର ଜନ୍ମଗତ ଦକ୍ଷତା ସତ୍ତ୍ୱେ ଏହା ବିଭିନ୍ନ ଆହ୍ୱାନର ସମ୍ମୁଖୀନ। ଉଦାହରଣ ସ୍ୱରୂପ ଏହି ଉଦ୍ୟୋଗକୁ ଠିକ୍ ସମୟରେ ଋଣ ସୁବିଧା ମିଳେ ନାହିଁ। ଏହାର ଭିତ୍ତିଭୂମି ଓ ପୁରୁଣାକାଳିଆ ଯନ୍ତ୍ରପାତି ଆଦିର ସମସ୍ୟା ରହିଛି। ଏହି ଉଦ୍ୟୋଗର ଦକ୍ଷ ଲୋକଶକ୍ତିର ଅଭାବ ଥିବାବେଳେ ବଜାର ଓ ବିକ୍ରିବଟା ସୁବିଧା ମଧ୍ୟ



ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଥିବା ତଫସିଲଭୁକ୍ତ ଜାତି ଓ ଉପଜାତିର ଉଦ୍ୟୋଗୀଙ୍କର ମଧ୍ୟ ବିଭିନ୍ନ ସ୍ୱତନ୍ତ୍ର ସମସ୍ୟା ଓ ଅସୁବିଧା ରହିଛି। ତାହାକୁ ଦୂର କରିବା ପାଇଁ ସରକାର ସେମାନଙ୍କ ପାଇଁ ସ୍ୱତନ୍ତ୍ର ହବ୍ ବିକାଶ କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏସ୍‌ଏଚ୍) ହାତକୁ ନେଇଛନ୍ତି। ଏହି ଯୋଜନାକୁ ୨୦୧୬ ଅକ୍ଟୋବର ୧୮ ତାରିଖରେ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ୨୦୧୬-୨୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ନିମନ୍ତେ ୪୯୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଉଦ୍ୟୋଗୀଙ୍କୁ ପେସାଦାରୀ ସହଯୋଗ ଯୋଗାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଏହି ଯୋଜନା ଏବେ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ (ଏମ୍‌ଏସ୍‌ଆଇସି) ଦ୍ୱାରା କାଯ୍ୟକାରୀ ହେଉଛି।

ସେତେ ଉତ୍ସାହଜନକ ନୁହେଁ। ଚୀନ୍, ଇଣ୍ଡୋନେସିଆ, ଫିଲିପାଇନ୍ସ ଓ ଥାଇଲାଣ୍ଡ ଭଳି ପଡ଼ୋଶୀ ଦେଶରୁ ଏହି ଉଦ୍ୟୋଗ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ। ଅତଏବ ଏହି ଉଦ୍ୟୋଗକୁ ବିଶ୍ୱସ୍ତରରେ ପ୍ରତିଯୋଗିତା କରିବା ପାଇଁ ଯୋଗ୍ୟ କରିବାକୁ ହେବ। ସରକାର ଏସବୁ ସମସ୍ୟା ବିଷୟରେ ଅବଗତ ଏବଂ ଏହାର ଉନ୍ନତି ଓ ସାମଗ୍ରିକ ବିକାଶ ପାଇଁ ପଦକ୍ଷେପ ଲୋଡ଼ା ବୋଲି ଅନୁଭବ କରିବା ପରେ 'ମେକ୍ ଇନ୍ ଇଣ୍ଡିଆ', ଡିଜିଟାଲ ଇଣ୍ଡିଆ, 'ଷ୍ଟାର୍ଟଅପ୍ ଇଣ୍ଡିଆ' ଓ 'ସ୍କିଲ ଇଣ୍ଡିଆ' ଭଳି ନାନାବିଧ ଯୋଜନା ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଜିଡିପିକୁ ମାନୁଫାକଚରିଙ୍ଗ ଉଦ୍ୟୋଗର ଅବଦାନ ବର୍ତ୍ତମାନର ୧୬-୧୭ ଶତାଂଶରୁ ୨୫ ଶତାଂଶକୁ ବଢ଼ାଇବା ସହ ୨୦୨୨ ସୁଦ୍ଧା ୧୦୦ ନିୟୁତ ନିଯୁକ୍ତି ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

**ଅର୍ଥଯୋଗାଣ ବ୍ୟବସ୍ଥା:**

ମନେ ରଖିବାକୁ ହେବ ଯେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ଏକ ଅସମ କ୍ଷେତ୍ର। ଏଥିରେ ବିଭିନ୍ନ ଉଦ୍ୟୋଗର ସମସ୍ୟା ଓ ଆବଶ୍ୟକତା ଭିନ୍ନଭିନ୍ନ। ଅତିକ୍ଷୁଦ୍ର ଓ କ୍ଷୁଦ୍ର ଉଦ୍ୟୋଗମାନ ଉପଯୁକ୍ତ ସମୟରେ ଅଧିକ ଋଣ ସହାୟତା ଲୋଡୁଥିବାବେଳେ ସେ ସମସ୍ୟାଟି ମଧ୍ୟମ ଉଦ୍ୟୋଗରେ ଏତେ ଉତ୍କଟ ନୁହେଁ। ଏହି ସମସ୍ୟାର ସମାଧାନ ପାଇଁ ସରକାର ଏକ ଋଣ ଗ୍ୟାରେଣ୍ଟି ପାଣ୍ଠି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିରେ କୌଣସି ଗ୍ୟାରେଣ୍ଟି ବା ବନ୍ଧକ ନ ଦେଇ ଅତି କ୍ଷୁଦ୍ର ଓ କ୍ଷୁଦ୍ର ଉଦ୍ୟୋଗମାନ ନିର୍ଦ୍ଦିଷ୍ଟ କେତେକ ଆର୍ଥିକ ଅନୁଷ୍ଠାନରୁ ସର୍ବାଧିକ ୨କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପାଇପାରିବେ। ପୂର୍ବରୁ ଏହି ଋଣ ପରିମାଣ ଏକ କୋଟି ଟଙ୍କାରେ ସୀମିତ ଥିଲା। ଏହାଛଡ଼ା ଏହି ଉଦ୍ୟୋଗର ଆର୍ଥିକ ସମସ୍ୟା ଓ ଋଣ ଅଭାବ ଜନିତ ସ୍ଥିତିର ମୁକାବିଲା ପାଇଁ ଅଭିନବ ଉପାୟର ମଡେଲ ମଧ୍ୟ ବଜାରକୁ ଆସିବାକୁ ଆରମ୍ଭ କଲାଣି। ଅନେକ ଷ୍ଟାର୍ଟଅପ୍ ନିଜର କାର୍ଯ୍ୟକାରୀ ପୁଞ୍ଜି ପରିସର ମଧ୍ୟରେ କାମ କରିବା ସହ ସହଜରେ ଋଣ ପାଇବାକୁ ଲାଗିଲେଣି। କାରଣ ଏ କ୍ଷେତ୍ରରେ ପୁଞ୍ଜି ଲଗାଣ ଓ ଯୋଗାଣ ପାଇଁ ବିଭିନ୍ନ ସଂସ୍ଥା ଏବଂ ବ୍ୟକ୍ତି ବିଶେଷ ଆଗେଇ ଆସିଛନ୍ତି। ଏହା ଦ୍ୱାରା ଏହି ଉଦ୍ୟୋଗ ଆର୍ଥିକ ଦୃଷ୍ଟିରୁ କ୍ରମଶଃ ସୁରକ୍ଷିତ ହେଉଛି।

**ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ (ପିଏମ୍‌ଇଜିପି):**

ଏହା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ। ଏହି ଯୋଜନାରେ ଦେଶରେ ପ୍ରତିବର୍ଷ ଅତିକ୍ଷୁଦ୍ର ଉଦ୍ୟୋଗମାନ ଅଧିକରୁ ଅଧିକ ସ୍ଥାପନ କରି ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ଆତ୍ମନିଯୁକ୍ତ ବ୍ୟବସ୍ଥାରେ ଗ୍ରାମ ଓ ସହରାଞ୍ଚଳରେ ନିଯୁକ୍ତି ସୁଯୋଗ ଅଧିକରୁ ଅଧିକ ସଂଖ୍ୟାରେ ସୃଷ୍ଟି କରିବା ପିଏମ୍‌ଇଜିପିର ଲକ୍ଷ୍ୟ। ନିଯୁକ୍ତି ସୁଯୋଗ ସୃଷ୍ଟି କ୍ଷେତ୍ରରେ ଏହି ଉଦ୍ୟୋଗର ପ୍ରଚଣ୍ଡ ଦକ୍ଷତା ରହିଛି।

**ଖଦି ଓ ଗ୍ରାମୋଦ୍ୟୋଗ:**

ଖଦି ଓ ଗ୍ରାମୋଦ୍ୟୋଗ ଦେଶର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଜାତୀୟ ଐତିହ୍ୟ କ୍ଷେତ୍ର। ଗ୍ରାମାଞ୍ଚଳରେ ବିଶେଷ କରି ଦୁର୍ବଳ ଶ୍ରେଣୀର ଲୋକଙ୍କ ମଧ୍ୟରେ ସ୍ୱଳ୍ପ ମୁଣ୍ଡ ପିଛା ପୁଞ୍ଜି ଲଗାଣ କରି ସେମାନଙ୍କୁ କର୍ମନିଯୁକ୍ତି ପ୍ରଦାନ କରିବାରେ ଖଦି ଓ ଗ୍ରାମୋଦ୍ୟୋଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପକ୍ଷରୁ ଖଦି ଓ ଗ୍ରାମୋଦ୍ୟୋଗ କ୍ଷେତ୍ର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଲୋକଙ୍କୁ ବିଶେଷ କରି ଗ୍ରାମାଞ୍ଚଳର ଯୁବକ ଯୁବତୀଙ୍କୁ ନିଜ ଘର ପାଖରେ ଯଥାର୍ଥ ନିଯୁକ୍ତି ସୁଯୋଗ ଯୋଗାଇ





ଦେଇ ସେମାନଙ୍କୁ ରୋଜଗାରକ୍ଷମ କରିବା ଏହି ସବୁ କାର୍ଯ୍ୟକ୍ରମର ଲକ୍ଷ୍ୟ।

**ଟେକ୍‌ନୋଲୋଜି ଉପରେ ଗୁରୁତ୍ୱ:**

ଏବେ ଆନ୍ତର୍ଜାତିକ ସ୍ତରରେ ସାମଗ୍ରୀଗୁଡ଼ିକ ବଜାର ପାଇବା ପାଇଁ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ। ଏ କ୍ଷେତ୍ରରେ ଉତ୍ତମମାନ ଓ ଶସ୍ତା ଜିନିଷର ଚାହିଦା ଅଧିକ। ସେଥିପାଇଁ ଉଦ୍ୟୋଗୀଙ୍କୁ ନିଜର ଉତ୍ପାଦିତ ପଦାର୍ଥକୁ ଆନ୍ତର୍ଜାତିକ ମାନର ସମକକ୍ଷ କରିବାକୁ ପଡ଼ିବ। ଏଥିପାଇଁ ନୂଆ ଜ୍ଞାନ କୌଶଳ, ଉଚ୍ଚମାନର ଯନ୍ତ୍ରପାତି, ଦକ୍ଷ ଲୋକଶକ୍ତି ଓ କମ୍ ଖର୍ଚ୍ଚରେ ଉଚ୍ଚମାନର ସାମଗ୍ରୀ ନିର୍ମାଣ ପାଇଁ ଅଭିନବ କୌଶଳ ଆପଣେଇବାକୁ ହେବ। ସେଥିପାଇଁ ମନ୍ତ୍ରଣାଳୟ ପକ୍ଷରୁ ୧୮ଟି ଟୁଲ୍ ରୁମ୍ ଓ ଟେକ୍‌ନୋଲୋଜି ଡେଭେଲପ୍‌ମେଣ୍ଟ ସେଣ୍ଟର ମାଧ୍ୟମରେ ଅତ୍ୟାଧୁନିକ ଦକ୍ଷତା ବିକାଶ ତାଲିମ ଏବଂ ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି। ଏହି ଉଦ୍ୟୋଗର ସାମଗ୍ରିକ ଉତ୍ପାଦକତା ବୃଦ୍ଧି ପାଇଁ ମନ୍ତ୍ରଣାଳୟ ପକ୍ଷରୁ ବିଶ୍ୱବ୍ୟାଙ୍କ ସହାୟତାରେ ୧୫ଟି ନୂଆ ଟେକ୍‌ନୋଲୋଜି ସେଣ୍ଟର ପ୍ରତିଷ୍ଠା ସହ ପୁରୁଣା ସେଣ୍ଟରଗୁଡ଼ିକର ଆଧୁନିକୀକରଣ ପାଇଁ ୨୨୦୦କୋଟି ଟଙ୍କା ମଂଜୁର କରାଯାଇଛି। ଏହା ଟେକ୍‌ନୋଲୋଜି ସେଣ୍ଟର ସିଷ୍ଟମ ପ୍ରୋଜେକ୍ଟ ଅଧୀନରେ କାର୍ଯ୍ୟକାରୀ ହେଉଛି। ଏହି ଟେକ୍‌ନୋଲୋଜି ସେଣ୍ଟରଗୁଡ଼ିକ ଉଦ୍ୟୋଗୀଙ୍କୁ ଅତ୍ୟାଧୁନିକ ମାନୁଫାକଚରିଙ୍ଗ ଟେକ୍‌ନୋଲୋଜି, ତାଲିମ ମାଧ୍ୟମରେ ଦକ୍ଷ ଲୋକଶକ୍ତି ତିଆରି କରିବା ଏବଂ ଉଦ୍ୟୋଗ, ବ୍ୟବସାୟ, ପରିଚାଳନାରେ ଉଦ୍ୟୋଗୀଙ୍କୁ ପରାମର୍ଶ ଦେବା ଆଦି କାର୍ଯ୍ୟରେ ସହାୟତା କରୁଛନ୍ତି।

ସଂପୃକ୍ତ ଉଦ୍ୟୋଗର ଟେକ୍‌ନୋଲୋଜି ଅପ୍‌ଗ୍ରେଡେସନ୍ ପାଇଁ କ୍ରେଡିଟିଲିଙ୍କ୍‌ଡ କ୍ୟାପିଟାଲ ସବ୍‌ସିଡି ବ୍ୟବସ୍ଥା ସରକାର ପ୍ରବର୍ତ୍ତନ କରିଛନ୍ତି। ଏହା ଫଳରେ ଆଧୁନିକ ଯନ୍ତ୍ରପାତି କ୍ରୟ ଓ ଉଦ୍ୟୋଗର ଆଧୁନିକୀକରଣ ପାଇଁ ଉଦ୍ୟୋଗୀମାନେ ରିଆତିରେ ଅର୍ଥ ପାଉଛନ୍ତି। ଏ କ୍ଷେତ୍ରରେ ରିଆତିର ପରିମାଣ ୧୫ ଶତାଂଶ ବା ସର୍ବାଧିକ ୧୫ ଲକ୍ଷ ଟଙ୍କା। ୨୦୧୭ ଜୁନ୍ ସୁଦ୍ଧା ମୋଟ୍ ୭୮ କୋଟି ୬୮ ଲକ୍ଷ ଟଙ୍କା ରିଆତି ବାବଦରେ ୧୨୯୩ଟି ଉଦ୍ୟୋଗକୁ ମିଳିଛି।

ପ୍ରଧାନମନ୍ତ୍ରୀ ନିକଟରେ ଜିରୋ ଡିଫେକ୍ଟ ଜିରୋ ଇଫେକ୍ଟ (ଜେଡ୍) ପ୍ରମାଣନ ବ୍ୟବସ୍ଥାରେ ଏହି ଉଦ୍ୟୋଗକୁ ଆର୍ଥିକ ସହାୟତା ଯୋଗାଣ ବିଷୟରେ ଘୋଷଣା କରିଛନ୍ତି। ନିଜର ଉତ୍ପାଦିତ ସାମଗ୍ରୀର ମାନବୃଦ୍ଧି ପାଇଁ ଉଦ୍ୟୋଗଙ୍କୁ ପ୍ରୋତ୍ସାହିତ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ।

**ଭିତ୍ତିଭୂମି ସୁଦୃଢ଼ୀକରଣ:**

ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ଭିତ୍ତିଭୂମି ସହିତ ଯାହା ସବୁ ସଂପୃକ୍ତ ସେଗୁଡ଼ିକ ହେଲା – ମୌଳିକ ଆବଶ୍ୟକତା ପୂରଣର ସୁବିଧା, ବଜାର, ଦକ୍ଷ ଲୋକଶକ୍ତି ଓ ସର୍ବାଧୁନିକ ଟେକ୍‌ନୋଲୋଜି। ଏହା ବିନା କୌଣସି ଶିଳ୍ପ ସଂସ୍ଥା ସଫଳତାର ସହ ଚାଲିପାରିବ ନାହିଁ। ଏହାକୁ ଦୃଷ୍ଟିରେ ରଖି ସରକାର ଏହି ଉଦ୍ୟୋଗ ପାଇଁ ଏକ କ୍ଲଷ୍ଟର ଭିତ୍ତିକ ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଗୋଟିଏ ସ୍ଥାନ ବା ଅଞ୍ଚଳରେ ଥିବା ଶିଳ୍ପ ପୁଂଜଗୁଡ଼ିକର ଉନ୍ନତି ବିଧାନ ଏହାର ଲକ୍ଷ୍ୟ। ଏଥିରେ ସମବାୟ ମନୋଭାବ ଓ ଆଚାର ବିଚାର ପ୍ରୋତ୍ସାହିତ ହେବା ସହ ସେହି ପୁଂଜରେ ଥିବା ଶିଳ୍ପ ସଂସ୍ଥାମାନ ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କରିବାର ଭାବନାରେ ଅନୁପ୍ରାଣିତ ହେଉଛନ୍ତି।

ପୁଂଜିର ଅଭାବ ଯୋଗୁଁ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ସମୂହ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଜ୍ଞାନ କୌଶଳର ସୁବିଧା ସୁଯୋଗ ପାଆନ୍ତି ନାହିଁ। ତେଣୁ ସେମାନେ ନିଜର ପୁରୁଣା ଯନ୍ତ୍ରପାତି ଓ ମେସିନ ଉପରେ ନିର୍ଭର କରିବାକୁ ବାଧ ହୋଇଥାନ୍ତି। ଏହାଦ୍ୱାରା ସେମାନଙ୍କ ଉତ୍ପାଦିତ ସାମଗ୍ରୀର ମାନ ଯୁଗଉପଯୋଗୀ ହୁଏନାହିଁ। ସରକାର ଯେଉଁ ନୂଆ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ସେଥିରେ ସାଧାରଣ ସୁବିଧା କେନ୍ଦ୍ର ବା ସିଏଫ୍‌ସି ମାଧ୍ୟମରେ ଉଦ୍ୟୋଗୀଙ୍କୁ ସର୍ବଶେଷ ଉନ୍ନତ ଯନ୍ତ୍ରପାତି, ଡିଜାଇନ୍, ଟେଷ୍ଟିଂ ସୁବିଧା ଆଦି ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହାଫଳରେ ଦେଶର ବିଭିନ୍ନ କ୍ଲଷ୍ଟରରେ ଥିବା ଶିଳ୍ପୋଦ୍ୟୋଗୀ ଉପକୃତ ହେଉଛନ୍ତି। ଏହା ବ୍ୟତୀତ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପକ୍ଷରୁ ଅଧିକରୁ ଅଧିକ କ୍ଲଷ୍ଟରର ବିକାଶ ପାଇଁ ନୂଆ ନୂଆ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି।

**ନୂଆ ବଜାର ସୁବିଧା:**

ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ଉତ୍ପାଦିତ ସାମଗ୍ରୀର ବଜାର ସୁବିଧା ବଢ଼ାଇବା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ସେଥିପାଇଁ ସ୍ୱାଧୀନ ସମ୍ପର୍କ ରକ୍ଷା ପୂର୍ବକ ବ୍ୟବସାୟ କାରବାର ବୃଦ୍ଧି ପାଇଁ ନୂଆ ବଜାର ସୃଷ୍ଟି କରାଯାଉଛି।



ନିଷ୍ପତ୍ତି ଅନୁସାରେ ଏଣିକି କେନ୍ଦ୍ର ସରକାରଙ୍କ ସବୁ ମନ୍ତ୍ରଣାଳୟ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଯେଉଁ ସବୁ ସାମଗ୍ରୀ ଓ ସେବା ନିଜର ଆବଶ୍ୟକତା ପାଇଁ ପ୍ରତିବର୍ଷ କିଣୁଛନ୍ତି ତାହାର ୨୦ ଶତାଂଶ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗରୁ କିଣିବେ। ୨୦୧୨ ସରକାରୀ କ୍ରୟନୀତି ଅନୁସାରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହା ଫଳରେ ଏହି ଉଦ୍ୟୋଗ ଏକ ସୁରକ୍ଷିତ ତଥା ନିଶ୍ଚିତ ବଜାର ପାଇଛି। ଏହି କ୍ରୟ ବ୍ୟବସ୍ଥାରେ ତଫସିଲଭୁକ୍ତ ଜାତି ଓ ଉପଜାତିର ଉଦ୍ୟୋଗୀଙ୍କଠାରୁ ୪% ସାମଗ୍ରୀ କିଣିବାର ଏକ ସ୍ୱତନ୍ତ୍ର କୋଟା ମଧ୍ୟ ସ୍ଥିରୀକୃତ ହୋଇଛି।


ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଥିବା ତଫସିଲଭୁକ୍ତ ଜାତି ଓ ଉପଜାତିର ଉଦ୍ୟୋଗୀଙ୍କର ମଧ୍ୟ ବିଭିନ୍ନ ସ୍ୱତନ୍ତ୍ର ସମସ୍ୟା ଓ ଅସୁବିଧା ରହିଛି। ତାହାକୁ ଦୂର କରିବା ପାଇଁ ସରକାର ସେମାନଙ୍କ ପାଇଁ ସ୍ୱତନ୍ତ୍ର ହବ୍ ବିକାଶ କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏସ୍‌ଏଚ୍) ହାତକୁ ନେଇଛନ୍ତି। ଏହି ଯୋଜନାକୁ ୨୦୧୬ ଅକ୍ଟୋବର ୧୮ ତାରିଖରେ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ୨୦୧୬-୨୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ନିମନ୍ତେ ୪୯୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଉଦ୍ୟୋଗୀଙ୍କୁ ପେସାଦାରୀ ସହଯୋଗ ଯୋଗାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଏହି ଯୋଜନା ଏବେ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ (ଏମ୍‌ଏସ୍‌ଆଇସି) ଦ୍ୱାରା କାର୍ଯ୍ୟକାରୀ ହେଉଛି। ସଂପୃକ୍ତ ବର୍ଗର ଉଦ୍ୟୋଗୀଙ୍କୁ ଉନ୍ନତ ଯନ୍ତ୍ରପାତି ଓ ଜ୍ଞାନ କୌଶଳ କ୍ରୟ କରିବାରେ ସାହାଯ୍ୟ କରିବାକୁ ୨୫% ସ୍ୱତନ୍ତ୍ର ସବ୍‌ସିଡି ପ୍ରଦାନର ବ୍ୟବସ୍ଥା କରାଯାଇଛି।

**ମାନବ ସମ୍ବଳ:**

ନୂଆ ପ୍ରତିଭାଙ୍କୁ ଆକର୍ଷିତ କରିବା ଏବଂ ସେମାନଙ୍କୁ ରଖିବା ଶିଳ୍ପୋଦ୍ୟୋଗର ଏକ ପ୍ରଧାନ ଆବଶ୍ୟକତା। ଏହା ସେମାନଙ୍କୁ ଅଭିବୃଦ୍ଧିରେ ସାହାଯ୍ୟ କରିଥାଏ। ଭାରତରେ ୧୨୫ କୋଟି ଲୋକ ସଂଖ୍ୟା ସତ୍ତ୍ୱେ ଦକ୍ଷ ଲୋକ ଶକ୍ତି ଯଥେଷ୍ଟ ନାହିଁ। ଦେଶର ୬୫%ଜନତାଙ୍କ ବୟସ ୩୫ ବର୍ଷରୁ କମ୍ ହୋଇଥିବାବେଳେ ସେମାନଙ୍କୁ ତାଲିମ ଦେଇ ଦକ୍ଷ କରିବା ଓ ରୋଜଗାର ପାଇଁ ସକ୍ଷମ କରାଇବା କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବିଶେଷ ଭୂମିକା ରହିଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଯୁବକଯୁବତୀ ଚାକିରି ବଜାରରେ ପ୍ରବେଶ କରୁଥିବା ଦୃଷ୍ଟିରୁ ସେମାନଙ୍କ ନିଯୁକ୍ତି ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ସେଥିପାଇଁ ସରକାର ଦକ୍ଷତାଭିତ୍ତିକ ତାଲିମ ଓ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ତାଲିମପ୍ରାପ୍ତ ଯୁବକଯୁବତୀ ଚାକିରି ପାଇଁ ପ୍ରସ୍ତୁତ ହୋଇପାରିବେ। ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ବିଭିନ୍ନ ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି।

**ଶେଷ କଥା:**

ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ଦକ୍ଷତା, ଗୁରୁତ୍ୱକୁ ଉପଲବ୍ଧ କରି ଅର୍ଥନୈତିକ ବିକାଶ ତଥା ଅଭିବୃଦ୍ଧି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ସରକାର ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ଏ କ୍ଷେତ୍ରରେ ନୂଆ



ପଦକ୍ଷେପ ଭାବେ 'ସହଜରେ ବେପାର ବଣିଜ କରିବା', ଉଦ୍ୟୋଗ ଆଧାର ମେମୋରାଣ୍ଡମ୍ ଆଦି ଅନ୍ୟତମ। ଉଦ୍ୟୋଗ ଆଧାର ଯୋଜନା ୨୦୧୫ ସେପ୍ଟେମ୍ବରରେ ଆରମ୍ଭ ହୋଇଥିଲା। ଏକ ପୃଷ୍ଠାର ଏକ ଫର୍ମ ପୂରଣ କରି ଉଦ୍ୟୋଗୀ ନିଜ ସଂସ୍ଥାକୁ ସହଜରେ ପଂଜୀକୃତ କରି ସରକାରୀ ଯୋଜନାର ଲାଭ ପାଇବାକୁ ହକ୍‌ଦାର ହୋଇପାରିବେ। ଏହି ମେମୋରାଣ୍ଡମ ଦୁଇଭାଗରେ ବିଭକ୍ତ। ଉଦ୍ୟୋଗ ଆଧାର ଯୋଜନାରେ ୩୫ ଲକ୍ଷରୁ ଅଧିକ ଶିଳ୍ପ ସଂସ୍ଥା ପଂଜୀକୃତ ହୋଇସାରିଲେଣି। ଗୋଟିଏ ଦେଶ, ଗୋଟିଏ ଟିକସ ନୀତିର ଜିଏସ୍‌ଟି ପ୍ରବର୍ତ୍ତନ ହେବା ଫଳରେ ଏହି ଉଦ୍ୟୋଗ ଅଧିକ ସୁଫଳ ପାଇବ ବୋଲି ଆଶା କରାଯାଉଛି।

ଖଦି ଓ ଗ୍ରାମୋଦ୍ୟୋଗ ଦେଶର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଜାତୀୟ ଐତିହ୍ୟ କ୍ଷେତ୍ର। ଗ୍ରାମାଞ୍ଚଳରେ ବିଶେଷ କରି ଦୁର୍ବଳ ଶ୍ରେଣୀର ଲୋକଙ୍କ ମଧ୍ୟରେ ସ୍ୱଳ୍ପ ମୁଣ୍ଡ ପିଛା ପୁଂଜି ଲଗାଣ କରି ସେମାନଙ୍କୁ କର୍ମନିଯୁକ୍ତି ପ୍ରଦାନ କରିବାରେ ଖଦି ଓ ଗ୍ରାମୋଦ୍ୟୋଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପକ୍ଷରୁ ଖଦି ଓ ଗ୍ରାମୋଦ୍ୟୋଗ କ୍ଷେତ୍ର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଲୋକଙ୍କୁ ବିଶେଷ କରି ଗ୍ରାମାଞ୍ଚଳର ଯୁବକ ଯୁବତୀଙ୍କୁ ନିଜ ଘର ପାଖରେ ଯଥାର୍ଥ ନିଯୁକ୍ତି ସୁଯୋଗ ଯୋଗାଇ ଦେଇ ସେମାନଙ୍କୁ ରୋଜଗାରକ୍ଷମ କରିବା ଏହି ସବୁ କାର୍ଯ୍ୟକ୍ରମର ଲକ୍ଷ୍ୟ।

ସଂକ୍ଷେପରେ ଏତିକି କୁହାଯାଇପାରେ ଯେ ଭାରତୀୟ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ପ୍ରଗତିବାଦୀ ପରିବର୍ତ୍ତନ ପ୍ରକ୍ରିୟା ଫଳରେ ଶିଳ୍ପବାଣିଜ୍ୟ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି ସମ୍ଭବ ହୋଇଛି। ଏହି ଉଦ୍ୟୋଗର ସାମର୍ଥ୍ୟ ଓ ସମ୍ଭାବନା ଭଲ ଏବଂ ଏହା ଅଧିକ ନିଯୁକ୍ତି ସୃଷ୍ଟି ସହ ପୁଂଜି ନିର୍ମାଣର ଉତ୍ତମ ପ୍ରତିଶ୍ରୁତି ବହନ କରେ। ଅତଏବ ଏହି ଉଦ୍ୟୋଗର ସମୁଚିତ ବିକାଶ ପାଇଁ ସବୁ ସଂପୃକ୍ତ ପକ୍ଷ ଯଥା- ରାଜ୍ୟ ସରକାର, ଶିଳ୍ପ ବଣିକ ସଂଘ, ଇନକ୍ୟୁବେଟର, ଟେକ୍‌ନୋଲୋଜି ପ୍ରୋଭାଇଡର, ଅର୍ଥଲଗାଣକାରୀ ସଂସ୍ଥା ଓ ବିଭିନ୍ନ ମନ୍ତ୍ରଣାଳୟ ସହଯୋଗର ହାତ ବଢ଼ାଇ ଆଗେଇ ଆସିବାର ଆବଶ୍ୟକତା ରହିଛି। ମନେ ରଖିବାକୁ ହେବ ଯେ ଏହା ଏକମାତ୍ର ଉଦ୍ୟୋଗ ଯାହା ବିପୁଳ ଲୋକ ସଂଖ୍ୟାର ସର୍ବାଧିକ ଲାଭ ଉଠାଇ ଅର୍ଥନୀତିକୁ ସମୃଦ୍ଧ କରିବା ସହ ନିଯୁକ୍ତି ସୁଯୋଗକୁ ବ୍ୟାପକ କରିବାକୁ ସମର୍ଥ।

ଲେଖକ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ସଚିବ।

# ଉଦ୍ୟୋଗ ପ୍ରୋତ୍ସାହନ ଯୋଜନା ଓ ଏନ୍‌ଆଇ-ଏମ୍‌ଏସ୍‌ଏମ୍‌ଇ

**ଚନ୍ଦ୍ରଶେଖର ରେଡ୍ଡୀ**

ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ)ର ବିକାଶ ଏବଂ ପ୍ରୋତ୍ସାହନ ମୂଳତଃ ରାଜ୍ୟ ସରକାରଙ୍କ ଦାୟିତ୍ୱ । ପ୍ରାଦେଶିକ ସରକାରମାନେ ଏହି ଦାୟିତ୍ୱ ସମ୍ପାଦନ କରିବାର ଆବଶ୍ୟକତା ରହିଛି । ଏଥିସହିତ ମଧ୍ୟ କର୍ମନିଯୁକ୍ତି ଓ ଦେଶର ଅର୍ଥନୀତିରେ ଏହି ଉଦ୍ୟୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ କେନ୍ଦ୍ର ସରକାର ମଧ୍ୟ ଏହାର ବିକାଶ ନିମନ୍ତେ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଓ ସହାୟତା ଯୋଗାଇ ଦେଉଛନ୍ତି । ଏ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ନୀତି ଓ ଯୋଜନାମାନ ମଧ୍ୟ କାର୍ଯ୍ୟକାରୀ କରାଯାଉଛି । ଏହା ମଧ୍ୟ ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିକାଶ କାର୍ଯ୍ୟକ୍ରମକୁ ନାନାଭାବେ ପ୍ରୋତ୍ସାହିତ କରୁଛି । ୨୦୦୬ରେ ପ୍ରଣିତ ଏମ୍‌.ଏସ୍‌.ଏମ୍‌.ଇ ଉଦ୍ୟୋଗ ବିକାଶ ଆଇନ (ଏମ୍‌ଏସ୍‌ଏମ୍‌ଇଡି) ଏହି ଉଦ୍ଦେଶ୍ୟ ବହନ କରେ । ତଦନୁସାରେ ଏହି ଉଦ୍ୟୋଗ ପାଇଁ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠିତ ହୋଇ ୨୦୦୭ ମଇ ୯ ତାରିଖରୁ କାର୍ଯ୍ୟକରୁଛି । ଏଥିରେ କ୍ଷୁଦ୍ର ଶିଳ୍ପ, କୃଷି ଓ ଗ୍ରାମ୍ୟ ଶିଳ୍ପ ଆଦି ପୂର୍ବ ବିଭାଗଗୁଡ଼ିକୁ ମିଶାଇ ଦିଆଯାଇଛି । ଏହି ଉଦ୍ୟୋଗ ଅଧୀନରେ ୪୫.୩ ନିୟୁତ ଶିଳ୍ପ ସଂସ୍ଥା ରହିଛି ଏବଂ ଏଥିରେ ୧୧ କୋଟି ୭୦ ଲକ୍ଷ ଲୋକ କାର୍ଯ୍ୟ କରୁଥିବା ଷଷ୍ଠ ଅର୍ଥନୈତିକ ସର୍ଭେ ରିପୋର୍ଟରୁ ପ୍ରକାଶ । ଏହି ଉଦ୍ୟୋଗରେ ଦେଶର ମୋଟ ମାନୁଫାକଚରିଙ୍ଗ୍ ସାମଗ୍ରୀର ୪୫ ଶତାଂଶ ଉତ୍ପାଦିତ ହେଉଥିବାବେଳେ ରପ୍ତାନୀ ସାମଗ୍ରୀରେ ଏହାର ଅଂଶ ୪୦ ଶତାଂଶ ।






ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ବିକାଶ ପାଇଁ କେନ୍ଦ୍ର ସରକାର ସୁବିଧାରେ ଋଣ ଯୋଗାଣ, ଟେକ୍‌ନୋଲୋଜି ଅପଗ୍ରେଡେସନ୍, ମାନ ବୃଦ୍ଧି, ବିପଣନ ସହାୟତା, ମୁଦ୍ରା, ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ଋଣ ଗ୍ୟାରେଣ୍ଟି ପାଣ୍ଠି ଆଦି ନାନାବିଧ ଯୋଜନା ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ।

ଏହି ମନ୍ତ୍ରଣାଳୟ ଖଦି, କତା ଶିଳ୍ପ ଓ ଗ୍ରାମୋଦ୍ୟୋଗ ବିକାଶ କାର୍ଯ୍ୟ ମଧ୍ୟ ହାତକୁ ନେଇଛି । ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଦେଶର ଗ୍ରାମାଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରିବା ସହ ୧୫୦ ଲକ୍ଷ ଲୋକଙ୍କୁ କର୍ମନିଯୁକ୍ତି ଦେଇଛି । ଏହି ଉଦ୍ୟୋଗର ଉତ୍ପାଦିତ ସାମଗ୍ରୀ ପ୍ରତି ମଧ୍ୟମ ଓ ଉଚ୍ଚବର୍ଗର ମଧ୍ୟ ବିଶେଷ ଆକର୍ଷଣ ରହିଛି ।

କେରଳ, ଆନ୍ଧ୍ର, ଓଡ଼ିଶା, ତାମିଲନାଡୁ ଓ ଗୋଆ ଭଳି ଉପକୂଳବର୍ତ୍ତୀ ରାଜ୍ୟ ସମୂହରେ



ଅନେକ କତା ଶିଳ୍ପ ରହିଛି । ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଏହି ଶିଳ୍ପର ବିକାଶ କାର୍ଯ୍ୟ ହାତକୁ ନେଇଛି । ଦେଶର କତା ଶିଳ୍ପରେ ପ୍ରାୟ ସାତ ଲକ୍ଷ ଲୋକ କାମ କରନ୍ତି । ଏହି ଉଦ୍ୟୋଗରେ ପ୍ରସ୍ତୁତ ସାମଗ୍ରୀର ରପ୍ତାନୀ ବଜାର ମଧ୍ୟ ଭଲ । ଏହା ପରିବେଶ ଅନୁକୂଳ ହୋଇଥିବାରୁ ଏହି ସବୁ ସାମଗ୍ରୀର ଆଦୃତି ବଢୁଛି । ଏଥିରେ ଉଚ୍ଚ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ନୂଆନୂଆ ସାମଗ୍ରୀ ଉତ୍ପାଦନ ଓ ଦ୍ରବ୍ୟର ବିବିଧ କରଣରେ ସହାୟକ ହେବ ।

ଆଇଏସ୍‌ଓ ୯୦୦୧ ଓ ୨୦୦୮ ସାର୍ଟିଫିକେଟ ହାସଲ କରିବା ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ପାଇଁ ଏକ ଗୌରବର ବିଷୟ । ଏହା ଏହି ଉଦ୍ୟୋଗର ଉତ୍ପାଦିତ ସାମଗ୍ରୀର ମାନକୁ କେବଳ ପ୍ରମାଣନ କରେ ନାହିଁ; ଉଦ୍ୟୋଗ ସହ ଜଡ଼ିତ ସଂସ୍ଥା ଓ ବ୍ୟବସ୍ଥାର ସ୍ୱଚ୍ଛତା ତଥା ଉତ୍ତରଦାୟିତ୍ୱକୁ ପ୍ରତିପାଦିତ କରେ ।


କେଭିଆଇସି, କୟରବୋର୍ଡ, ଏନ୍‌ଏସ୍‌ଆଇସି ଓ ଏନ୍‌ଆଇଏମ୍‌ଏମ୍‌ଇ ଆଦି ମନ୍ତ୍ରଣାଳୟର ଅନ୍ୟାନ୍ୟ ସଂସ୍ଥାମାନ ମଧ୍ୟ ଆଇଏସ୍‌ଓ ମାନ ପ୍ରବର୍ତ୍ତନ କରି ସାର୍ଟିଫିକେଟ ହାସଲ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଉଦ୍ୟୋଗର ଦୁଇଟି କାର୍ଯ୍ୟକ୍ରମକୁ ୨୦୧୬ ଅକ୍ଟୋବର ୧୮ରେ ଉଦ୍‌ଘାଟନ କରିଛନ୍ତି, ଯାହା ବେଶ୍ ଗୁରୁତ୍ୱ ବହନ କରେ । ଏହି ଦୁଇଟି ହେଲା ଜାତୀୟ ତଫସିଲଭୁକ୍ତ ଜାତି ଓ ଉପଜାତି ହବ୍ ଓ ଜିରୋ ଡିଫେକ୍ଟ ଜିରୋ ଇଫେକ୍ଟ (ଜେଡ୍) ଯୋଜନା । ଏହାଛଡ଼ା ଏହି ଉଦ୍ୟୋଗ ପାଇଁ ସରକାର ପ୍ରଧାନମନ୍ତ୍ରୀ ଋଣ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟର ବ୍ୟବସ୍ଥା କରି ଏହି ଉଦ୍ୟୋଗକୁ ପାଣ୍ଠି ଯୋଗାଣର ସୁବନ୍ଦୋବସ୍ତ କରିଛନ୍ତି । କେନ୍ଦ୍ରୀୟ ବଜେଟରେ ମଧ୍ୟ ଏହି ଉଦ୍ୟୋଗ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ବ୍ୟୟ ବରାଦ ଉଲ୍ଲେଖନୀୟ ଭାବେ ବୃଦ୍ଧି କରାଯାଇଛି । ଏହାଛଡ଼ା ଯେଉଁସବୁ ଉଦ୍ୟୋଗର ବାର୍ଷିକ କାରବାର ୫୦କୋଟି ଟଙ୍କାରୁ କମ୍ ସେସବୁ ଉପରେ ଲାଗୁ ହେଉଥିବା କମ୍ପାନୀ ଟିକସ ପରିମାଣକୁ ୩୦% ରୁ ୨୫%କୁ ହ୍ରାସ କରାଯାଇଛି ।

**ମନ୍ତ୍ରଣାଳୟର ଭୂମିକା:**

ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଭୂମିକା ହେଲା ଏହି ଉଦ୍ୟୋଗର ବିକାଶ ପାଇଁ ରାଜ୍ୟଗୁଡ଼ିକୁ ସହାୟତା ଯୋଗାଇ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ତଥା ନିଯୁକ୍ତି ଓ ଜୀବିକା ସୃଷ୍ଟି ସୁଯୋଗ ସୃଷ୍ଟି କରିବା । ପରିବର୍ତ୍ତିତ ପରିସ୍ଥିତିରେ ନିଯୁକ୍ତି ସୁଯୋଗ ସୃଷ୍ଟି ବିଶେଷ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ମନ୍ତ୍ରଣାଳୟ ଏ ଦିଗରେ ଯଥାସମ୍ଭବ ସାହାଯ୍ୟ ସହଯୋଗ ଯୋଗାଉଛନ୍ତି । ସେଥିପାଇଁ ଉଦ୍ୟୋଗୀଙ୍କୁ ଋଣ ସହାୟତା ଯୋଗାଣ, ଟେକ୍‌ନୋଲୋଜି ଅପ୍‌ଗ୍ରେଡେସନ୍, ଶିଳ୍ପ ସଂସ୍ଥାର ଆଧୁନିକୀକରଣ, ସମନ୍ୱିତ ଭିତ୍ତିଭୂମି ସୁବିଧା, ଦକ୍ଷତା ବିକାଶ, ଆଧୁନିକ ଟେଷ୍ଟିଂ ସୁବିଧା, କ୍ୱାଲିଟି ସାର୍ଟିଫିକେସନ, ଆଧୁନିକ

ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ବିକାଶ ପାଇଁ କେନ୍ଦ୍ର ସରକାର ସୁବିଧାରେ ଋଣ ଯୋଗାଣ, ଟେକ୍‌ନୋଲୋଜି ଅପଗ୍ରେଡେସନ୍, ମାନ ବୃଦ୍ଧି, ବିପଣନ ସହାୟତା, ମୁଦ୍ରା, ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ଋଣ ଗ୍ୟାରେଣ୍ଟି ପାଣ୍ଠି ଆଦି ନାନାବିଧ ଯୋଜନା ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ମନ୍ତ୍ରଣାଳୟ ଖଦି, କତା ଶିଳ୍ପ ଓ ଗ୍ରାମୋଦ୍ୟୋଗ ବିକାଶ କାର୍ଯ୍ୟ ମଧ୍ୟ ହାତକୁ ନେଇଛି । ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଦେଶର ଗ୍ରାମାଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରିବା ସହ ୧୫୦ ଲକ୍ଷ ଲୋକଙ୍କୁ କର୍ମନିଯୁକ୍ତି ଦେଇଛି ।



ପରିଚାଳନା ସୁବିଧା ଯୋଗାଣ ଓ ଉତ୍ତମ ବଜାର ଆଦି ବ୍ୟବସ୍ଥା ମନ୍ତ୍ରଣାଳୟ ପକ୍ଷରୁ ଯୋଗାଇ ଦିଆଯାଉଛି।

ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ନିମ୍ନମତେ ପ୍ରଦାନ କରାଗଲା।

**ଏସ୍‌ଏମ୍‌ଇ ଡିଭିଜନ ସ୍କିମ୍**

୧) ଆନ୍ତର୍ଜାତିକ ସହଯୋଗ

୨) ତାଲିମ ପ୍ରତିଷ୍ଠାନକୁ ସହାୟତା ଯୋଗାଣ

୩) ବିପଣନ ସହାୟତା

**ଡେଭେଲପ୍‌ମେଣ୍ଟ କମିଶନର ସ୍କିମ୍**

୧) ଋଣ ଗ୍ୟାରେଣ୍ଟି

୨) ଋଣ ସଂଯୁକ୍ତ ପୁଂଜି ରିଆତି (ଟେକ୍‌ନୋଲୋଜି ଅପଗ୍ରେଡେସନ୍ ପାଇଁ)

୩) ଆଇଏସ୍‌ଓ ୯୦୦୦/୧୪୦୦୧, ବାର୍‌କୋଡ୍ ସାର୍ଟିଫିକେଟ ହାସଲ ବାବଦ ବ୍ୟୟ ଭରଣା

୪) କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ଓ ବିପଣନ ବିକାଶ

୫) ଅର୍ଥ ଯୋଗାଣ କାର୍ଯ୍ୟକ୍ରମ

୬) ଉଦ୍ୟୋଗଙ୍କ ପାଇଁ ଜାତୀୟ ପୁରସ୍କାର

ଏନ୍‌ଏସ୍‌ଆଇସି ସ୍କିମ୍

୧) କ୍ରେଡିଟ ରେଟିଂ ପ୍ରଦର୍ଶନ

୨) ବ୍ୟାଙ୍କରଣ ବ୍ୟବସ୍ଥା

୩) କଞ୍ଚାମାଲ ଯୋଗାଣ

୪) ସିଙ୍ଗଲ ପଏଣ୍ଟ ପଂଜୀକରଣ

୫) ବିଲ୍ ଡିସ୍‌କାଉଣ୍ଟ

୬) ପ୍ରଦର୍ଶନୀ ମଣ୍ଡପ ଓ ଆଇଟି ଇନ୍‌କ୍ୟୁବେଟର

**ଏଆର୍‌ଆଇ ଡିଭିଜନ ସ୍କିମ୍**

୧) ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନା

୨) ଖଦି କାରିଗରଙ୍କ ପାଇଁ ଜନଶ୍ରୀ ବୀମା ଯୋଜନା

୩) ବିଜ୍ଞାନ ଓ ପ୍ରଯୁକ୍ତି ଯୋଜନା

୪) କୟର ଉଦ୍ୟମୀ ଯୋଜନା

୫) କୟର ବିକାଶ ଯୋଜନା

୬) ରପ୍ତାନୀ ବାଣିଜ୍ୟ ପ୍ରୋତ୍ସାହନ

ଏସବୁ ଉପରଲିଖିତ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ନାନାବିଧ ବିକାଶ କାର୍ଯ୍ୟ ହାତକୁ ନେଇଛନ୍ତି। ଏହି ଉଦ୍ୟୋଗରେ ଆଗ୍ରହୀ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବାକୁ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ ହେଉଛି। କେବଳ ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ନୁହେଁ ସମାଜର ସବୁ ବର୍ଗକୁ ଏଥିରେ ସାମିଲ କରି ଉଦ୍ୟୋଗ ବିକାଶର ନକ୍ସାଙ୍କନ କରାଯାଇଛି।

**ଏନ୍‌ଇ-ଏମ୍‌ଏସ୍‌ଏମ୍‌ଇର ଭୂମିକା:**

ଏହି ପ୍ରତିଷ୍ଠାନର ପୂର୍ଣ୍ଣାଙ୍ଗ ପରିଚିତ ହେଲା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ମାଇକ୍ରୋ, ସ୍ମଲ ଆଣ୍ଡ୍ ମିଡିୟମ ଏଣ୍ଟରପ୍ରାଇଜେସ୍। ଏହାକୁ ଜାତୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠାନ କୁହାଯାଇପାରେ। ଏହି ଅନୁଷ୍ଠାନଟି ମୂଳତଃ ୧୯୬୦ରେ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ନୂଆଦିଲ୍ଲୀରେ କେନ୍ଦ୍ରୀୟ ଶିଳ୍ପ ସଂପ୍ରସାରଣ ତାଲିମ ପ୍ରତିଷ୍ଠାନ (ସିଆଇଟିଆଇ) ନାମରେ ସ୍ଥାପିତ ହୋଇଥିଲା। ଭାରତ ସରକାରଙ୍କର ଏହି ପ୍ରତିଷ୍ଠାନର ମୂଳ ଉଦ୍ଦେଶ୍ୟ ଥିଲା ଶିଳ୍ପ କ୍ଷେତ୍ରରେ ଥିବା ମନ୍ଥର ପ୍ରକ୍ରିୟା ଓ ନାଲିଫିତା ଜନିତ ବ୍ୟବସ୍ଥାର ଦୂରୀକରଣ। ୧୯୬୨ରେ ଏହାକୁ ହାଇଦରାବାଦକୁ ସ୍ଥାନାନ୍ତରିତ କରାଯାଇଥିଲା। ପରେ ଏହାକୁ ସ୍ମଲ ଇଣ୍ଡଷ୍ଟ୍ରିଜ୍ ଏକ୍‌ସଟେନ୍‌ସନ୍ ଟ୍ରେନିଂ (ଏସ୍‌ଆଇଇଟି) ପ୍ରତିଷ୍ଠାନ ନାମରେ ପୁନଃ ନାମିତ କରାଗଲା। ଏହାର ପରିଚାଳନା ପାଇଁ ସରକାରଙ୍କ ଦ୍ୱାରା ଏକ ପରିଷଦ ଗଠନ କରାଯାଇଥିଲା। ୨୦୦୭ରେ ଏହି ସଂସ୍ଥାନର ନାମ ପୁନର୍ବାର ପରିବର୍ତ୍ତନ କରି ଏନ୍‌ଆଇ-ଏମ୍‌ଏସ୍‌ଏମ୍‌ଇ ରଖାଗଲା। ଏହାର କାର୍ଯ୍ୟ ପରିସରରେ ନୋଡାଲ ଟ୍ରେନିଂ, ଗବେଷଣା, ପରାମର୍ଶ ଆଦି କାର୍ଯ୍ୟକ୍ରମ ରହିଲା ଏବଂ ଏହା ଏମ୍‌ଏମ୍‌ଏମ୍‌ଇ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ହେଲା। ଏହା ନୋଡାଲ କେନ୍ଦ୍ର ଭାବେ ଜାତୀୟ ସ୍ତରରେ ଏବେ ମଧ୍ୟ ସ୍ୱୟଂଶାସିତ ଅନୁଷ୍ଠାନ ଭାବେ କାର୍ଯ୍ୟ କରୁଛି ଓ ନିଜର ପରିଚାଳନା ନିମନ୍ତେ ନିଜେ ଅର୍ଥ ବ୍ୟବସ୍ଥା କରୁଛି।

ଏହି ସଂସ୍ଥା ରାଜ୍ୟଗୋଷ୍ଠୀ ବୈଷୟିକ ସହଯୋଗ ପାଣ୍ଠି, ୟୁନେସ୍କୋ, ୟୁଏନ୍‌ଡିପି, ଫର୍ଡ ଫାଉଣ୍ଡେସନ, ଜର୍ମାନୀର ଜିଟିଜେଡ୍, ୟୁଏସ୍‌ଏଡ୍ ଆନ୍ତର୍ଜାତିକ ଶ୍ରମ ସଂଗଠନ ଆଦି ସହ ସମନ୍ୱୟ ଓ ସହଯୋଗ ଭିତ୍ତିରେ କାର୍ଯ୍ୟ କରୁଛି। ଏହା କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କୁ ପରାମର୍ଶ ସେବା ଯୋଗାଇବା ସହ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର, ଦକ୍ଷତା ବିକାଶ ଓ ଟେକ୍‌ନୋଲୋଜି ଅପଗ୍ରେଡେସନ ଆଦି କ୍ଷେତ୍ରରେ ସାହାଯ୍ୟ ସହଯୋଗ ଯୋଗାଇ ଆସୁଛି।




**ଏହାର କାର୍ଯ୍ୟପରିସର:**

୧) ଉଦ୍‌ଯୋଗ ବିକାଶ

୨) କ୍ଲଷ୍ଟର ବିକାଶ

୩) ଦକ୍ଷତା ବିକାଶ

୪) ମାଇକ୍ରୋ ଫାଇନାନ୍ସ

୫) ବ୍ୟବସାୟ ବିକାଶ ସେବା

୬) ଉପକ୍ଷେତ୍ରୀୟ ବିକାଶ

ଏହାଛଡ଼ା ଏହି ସଂସ୍ଥା ଦକ୍ଷତା ବିକାଶ, ସୂଚନା ଓ ତଥ୍ୟ ବିତରଣ, ଜ୍ଞାନ ପରିଚାଳନା, ଗବେଷଣା, ନୀତି ନିର୍ଦ୍ଧାରଣ ଢାଞ୍ଚା, ଆନ୍ତଃ ସହଯୋଗ, ନେଟ୍‌ୱାର୍କିଂ, କ୍ଲଷ୍ଟର ବା ଶିଳ୍ପ ପୁଂଜର ମାନଚିତ୍ର ପ୍ରସ୍ତୁତି ଓ ଜୀବିକା ବିକାଶ ଆଦି କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ଗୁରୁତ୍ୱପୂର୍ଣ୍ଣ ଦିଗଦର୍ଶନ ତଥା ସହାୟତା ଯୋଗାଉଛି।

ଏବେକାର ଉନ୍ନତ ଜ୍ଞାନ କୌଶଳ ଓ ପ୍ରଯୁକ୍ତି ଯୁଗରେ ଶିଳ୍ପୋଦ୍ୟୋଗୀଙ୍କୁ ସର୍ବଶେଷ ଟେକ୍‌ନୋଲୋଜି, ଜ୍ଞାନ, ଯନ୍ତ୍ରପାତି ଏବଂ ସୁବିଧା ସୁଯୋଗ ଯେଗାଇବା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଏକ କେନ୍ଦ୍ରୀୟ ସମନ୍ୱୟକାରୀ ସଂସ୍ଥାର ଭୂମିକା ଅନସ୍ୱୀକାର୍ଯ୍ୟ। ଏନ୍‌ଆଇ-ଏମ୍‌ଏସ୍‌ଏମ୍‌ଇ ଯଥାର୍ଥରେ ସେଇ ଭୂମିକାଟି ନିର୍ବାହ କରୁଛି।

ଏହି ପ୍ରତିଷ୍ଠାନ ୨୦୧୫-୧୬ ସୁଦ୍ଧା ୧୪ ହଜାରରୁ ଅଧିକ କାର୍ଯ୍ୟକ୍ରମ ଆୟୋଜନ କରି ୪,୬୨,୩୯୩ ଉଦ୍ୟୋଗୀଙ୍କୁ ତାଲିମ ପ୍ରଦାନ କରିଛି। ବୈଦେଶିକ ମନ୍ତ୍ରଣାଳୟର ସହଯୋଗରେ ଏହା ମଧ୍ୟ ୧୪୨ଟି ବିକାଶଶୀଳ ରାଷ୍ଟ୍ରର ୯୪୫୦ଜଣ ବିଦେଶୀ କାର୍ଯ୍ୟନିର୍ବାହୀଙ୍କୁ ତାଲିମ ଦେଇଛି। ଅନୁଷ୍ଠାନ ପକ୍ଷରୁ ଏହି ଉଦ୍ୟୋଗର ବିକାଶ ପାଇଁ ୯୦୯ ଗବେଷଣା ଓ ପରାମର୍ଶ ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ସର୍ବାଙ୍ଗୀଣ ବିକାଶ ପାଇଁ ଏହି ସଂସ୍ଥା ନିରନ୍ତର ତାହାର ପ୍ରୟାସ ଜାରି ରଖିଛି।

- ସର୍ଭେ, ମୂଲ୍ୟାୟନ ଓ ଗବେଷଣା ଅନୁଧ୍ୟାନ
- ତାଲିମ, ଶିକ୍ଷା ଓ ସଂପ୍ରସାରଣ
- ସୂଚନା ଓ ଆଇଟି ସେବା
- ପରାମର୍ଶ, ବିଜିନେସ୍ ଟୁ ବିଜ୍‌ନେସ୍ ସମାବେଶ ପରାମର୍ଶ ସେବା ପ୍ରଦାନ
- ପ୍ରକାଶନ ଓ ପ୍ରମାଣନ / ସଂକଳନ
- ମଝି ଏମ୍‌ଏସ୍‌ଏମ୍‌ଇ ପ୍ରୋତ୍ସାହନ ଓ ବିକାଶ।

**ଲେଖକ ହେଉଛନ୍ତି ହାଇଦ୍ରାବାଦସ୍ଥିତ ଜାତୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ସଂସ୍ଥାନର ମହାନିର୍ଦ୍ଦେଶକ।**

# ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ମାନ ପ୍ରମାଣନ ବ୍ୟବସ୍ଥା

ଡଃ. ଜତୀନ୍ଦ୍ର ସିଂହ




ଆନ୍ତର୍ଜାତିକ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ନିଜକୁ ଯୋଗ୍ୟ କରିବା ଯେକୌଣସି ଉଦ୍ୟୋଗର ପ୍ରେରକ ଶକ୍ତି ଭାବେ ବିବେଚିତ ହୋଇଥାଏ। ପରିବର୍ତ୍ତିତ ବଜାର ବ୍ୟବସ୍ଥା ଓ ପ୍ରତିଯୋଗିତା ଦୃଷ୍ଟିରୁ ନିଜକୁ ଖାପଖୁଆଇ ପରିସ୍ଥିତିର ମୁକାବିଲା କରିବାର ଦକ୍ଷତା ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର ରହିଛି। ଏହା ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ଇଂଜିନ୍ ସଦୃଶ। ଏହା ସମଗ୍ର ଦେଶରେ ଉଦ୍‌ଯୋଗ ସଂସ୍କୃତିର ପ୍ରଚାର ପ୍ରସାର କରୁଛି। ଦେଶର ଜିଡିପିକୁ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ଅବଦାନ ଆଠ ଶତାଂଶ। ବିନିର୍ମାଣ (ମାନୁଫାକଚରିଙ୍ଗ) କ୍ଷେତ୍ରର ଉତ୍ପାଦନରେ ଏହାର ଅଂଶ ୪୫ ପ୍ରତିଶତ। ଦେଶର ମୋଟ ରପ୍ତାନୀରେ ଏହାର ଅବଦାନ ୪୦ ଭାଗ। ଏହି କ୍ଷେତ୍ରରେ ସମାବେଶୀ ବ୍ୟବସ୍ଥା ପ୍ରବର୍ତ୍ତନ କରିବାକୁ ଭାରତ ସରକାର କରୁଥିବା ଉଦ୍ୟମ ପ୍ରଶଂସନୀୟ; କାରଣ ତଫସିଲଭୁକ୍ତ ଜାତି, ଉପଜାତି, ମହିଳା, ବଂଚିତ ବର୍ଗ ଓ ଭିନ୍ନକ୍ଷମମାନଙ୍କୁ ଏହି ଉଦ୍ୟୋଗ ସହ ସାମିଲ କରି ନିଜର ଉଦ୍ୟୋଗ ସ୍ଥାପନ କରିବାକୁ ସରକାର ଚେଷ୍ଟିତ। ସେଥିପାଇଁ ଏହି ବର୍ଗ ନିମନ୍ତେ ସରକାରୀ ସ୍ତରରେ ସ୍ୱତନ୍ତ୍ର ପଦକ୍ଷେପମାନ ଗ୍ରହଣ କରାଯାଉଛି।

ସମଗ୍ର ବିଶ୍ୱ ଏବେ ଏକ ପରିବର୍ତ୍ତନର କ୍ଷଣ ଦେଇ ଗତିକରୁଛି। ଏହି ସମୟର ଆବଶ୍ୟକତା ହେଲା କ୍ଷୁଦ୍ର ଓ ବୃହତ୍ ଅର୍ଥନୀତିକ ସମସ୍ୟାର ସମାଧାନ କରିବାକୁ ବୈଶ୍ୱିକ ଆଭିମୁଖ୍ୟ ଗ୍ରହଣ କରିବା। ଭାରତରେ ଅନେକ ଏମ୍‌ଏସ୍‌ଏମ୍‌ଇ ପୁଂଜ ବା କ୍ଲଷ୍ଟର ରହିଛି। ସେଥିରେ ପ୍ରତିଭା ଓ ପ୍ରଯୁକ୍ତିର ପ୍ରୟୋଗ କରି ଏହାର ସାମର୍ଥ୍ୟ ବୃଦ୍ଧି ପାଇଁ ସରକାରୀ ପ୍ରୟାସ ଓ ନୀତି ଲୋଡ଼ା। ଏହାଦ୍ୱାରା ଦେଶର ସାମାଜିକ ଓ ଆର୍ଥିକ ବ୍ୟବସ୍ଥାରେ ଉନ୍ନତି ଆସିପାରିବ। ନୀତି ନିର୍ମାତାଙ୍କ ଦୃଷ୍ଟିରୁ ଏହି ଉଦ୍ୟୋଗର ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; କାରଣ ଏହା ଫଳରେ ଅଧିକ ନିଯୁକ୍ତି ଓ ରୋଜଗାର ସୃଷ୍ଟିର ସୁଯୋଗ ରହିଛି। ଏଥି ସହିତ ନୂଆ ସେବା, ଉତ୍ପାଦନ, ପ୍ରକ୍ରିୟା, ବ୍ୟବସାୟ ଓ ଅଭିନବତା ସୃଷ୍ଟିର ସମ୍ଭାବନା ଅଛି। ମାନ ପରିଚାଳନା, ବ୍ୟବସ୍ଥା, ନେଟ୍‌ୱାର୍କିଂ ଓ ବୃହତ୍ ଉଦ୍ୟୋଗ ସହ ସମ୍ପର୍କ ସ୍ଥାପନ ଦ୍ୱାରା ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ନିଜର ବ୍ୟବସାୟ, ଉତ୍ପାଦନ ଓ କାର୍ଯ୍ୟ ପରିଚାଳନାକୁ ଅଧିକ ଶୁଦ୍ଧ ଏବଂ ଉନ୍ନତ କରିପାରିବ। ତୀବ୍ର ପ୍ରତିଯୋଗିତାମୂଳକ ବଜାର ଓ ରପ୍ତାନୀ ବଜାରରେ ତିଷ୍ଠିବା ପାଇଁ ଉତ୍ପାଦିତ ସାମଗ୍ରୀର ମାନ ପ୍ରମାଣନ (କ୍ୱାଲିଟି ସାର୍ଟିଫିକେଶନ)ର ଭୂମିକା ଅତି ଅଧିକ। ମାନ ପ୍ରମାଣନ ବ୍ୟବସ୍ଥା ଏବେ ଆଉ ବୃହତ୍ ଉଦ୍ୟୋଗ ମଧ୍ୟରେ ସୀମିତ ହୋଇ ରହିନାହିଁ। ପରିସ୍ଥିତିର ଆବଶ୍ୟକତାକୁ ଦେଖି ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଉତ୍ତମ ମାନର ସାମଗ୍ରୀ ଉତ୍ପାଦନ କରି ତାହାର ପ୍ରମାଣପତ୍ର ହାସଲ କରିବାକୁ ଆଗ୍ରହୀ। ସ୍ୱଳ୍ପ ବ୍ୟୟରେ ଉତ୍ତମମାନର ସାମଗ୍ରୀ ଉତ୍ପାଦନ ଓ ତାହାର ବ୍ୟାପକ ବିକ୍ରିବଟା ତଥା ରପ୍ତାନୀ ଉପରେ ଏହି ଉଦ୍ୟୋଗର ଲାଭ ବିଶେଷ ନିର୍ଭର କରୁଛି। ଉତ୍ପାଦିତ ସାମଗ୍ରୀର ମାନ ବିଶ୍ୱସ୍ତରୀୟ ମାନର ସମକକ୍ଷ ହେଲେ ଯାଇ ଜଣେ ଉଦ୍ୟୋଗୀ ତାହାର ଲାଭ ଅର୍ଜନ ଧାରାକୁ ନିରନ୍ତର କରିପାରିବ।

ମାନ ବୃଦ୍ଧି ଓ ଟେକ୍‌ନୋଲୋଜିର ଉନ୍ନତିକରଣ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବିକାଶ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ବିଡ଼ମ୍ବନା ହେଲା ଏହି କ୍ଷେତ୍ରର ଉଦ୍ୟୋଗୀମାନଙ୍କ ପାଖରେ ସମ୍ବଳ ଓ ଅର୍ଥର ଅଭାବ ଅଧିକ। ସେଥିଯୋଗୁଁ ନିଜ ଉଦ୍ୟୋଗର ଉନ୍ନତୀକରଣ

(ଅପ୍‌ଗ୍ରେଡେସନ) ପାଇଁ ସେମାନଙ୍କୁ ସୁଯୋଗ ମିଳି ନ ଥାଏ। ଏହା ଫଳରେ ସେମାନେ ବିଶ୍ୱ ବଜାରରେ ପ୍ରତିଯୋଗିତା କରିବାକୁ ସକ୍ଷମ ହୁଅନ୍ତି ନାହିଁ। ଏହିସବୁ ବାସ୍ତବତାକୁ ହୃଦୟଙ୍ଗମ କରି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ଆର୍ଥିକ ବିକାଶ ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି।

ଏକ ପ୍ରତିଷ୍ଠାନକୁ ପ୍ରମାଣନ ବ୍ୟବସ୍ଥା ଦ୍ୱାରା ଏକାଧିକ ଲାଭ ମିଳିଥାଏ। ସେଗୁଡ଼ିକ ହେଲା - ମାନ୍ୟତା ଓ ବ୍ରାଣ୍ଡର ସୁନାମ, କ୍ରମାଗତ ଉନ୍ନତି, ବିଶ୍ୱାସ ବୃଦ୍ଧି, କର୍ମଚାରୀ ସନ୍ତୋଷ ଓ ନିଯୁକ୍ତି ପରିସର ବୃଦ୍ଧି।

ମାନ ପ୍ରମାଣନ ବା କ୍ୱାଲିଟି ସାର୍ଟିଫିକେଶନ ପାଇଁ କେନ୍ଦ୍ର ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପଗୁଡ଼ିକ ମଧ୍ୟରେ - ଜାତୀୟ ମାନୁଫାକଚରିଙ୍ଗ ପ୍ରତିଯୋଗିତା କାର୍ଯ୍ୟକ୍ରମ (ଏନ୍‌ଏମ୍‌ସିପି), ଟେକ୍‌ନୋଲୋଜି ଓ କ୍ୱାଲିଟି ଅପଗ୍ରେଡେସନ ସପୋର୍ଟ ଯୋଜନା, ଜିରୋ ଡିଫେକ୍ଟ, ଜିରୋ ଇଫେକ୍ଟ ସାର୍ଟିଫିକେସନ ସ୍କିମ୍ ଓ ଆଇଏସ୍‌ଓ ସାର୍ଟିଫିକେସନ ସହାୟତା ଆଦି ଅନ୍ୟତମ।

ଜାତୀୟ ମାନୁଫାକଚରିଙ୍ଗ କମ୍ପିଟେଟିଭନେସ୍ ପ୍ରୋଗ୍ରାମ୍ (ଏନ୍‌ଏମ୍‌ସିପି)ରେ ସରକାର ୧୦ଟି ଯୋଜନା ପ୍ରବର୍ତ୍ତନ କରିଛନ୍ତି। ଆଇସିଟି ପ୍ରୋତ୍ସାହନ, ମିନିଟୁଲ୍ ରୁମ୍ ଓ ଡିଜାଇନ କ୍ଲିନିକ୍ ନିର୍ମାଣ ଓ ଏମ୍‌ଏସ୍‌ଏମ୍‌ଇକୁ ବିପଣନ ସହାୟତା ଯୋଗାଣ ଏଥି ମଧ୍ୟରୁ ଉଲ୍ଲେଖନୀୟ।

ଟେକ୍‌ନୋଲୋଜି ଓ କ୍ୱାଲିଟି ଅପଗ୍ରେଡେସନ୍ ସହାୟତା କାର୍ଯ୍ୟକ୍ରମରେ ଉର୍ଜାଦକ୍ଷ (କମ୍ ଇନ୍ଧନ ଲୋଡୁଥିବା) ଯନ୍ତ୍ରପାତି ଓ ପ୍ରଯୁକ୍ତିକୁ ଅଗ୍ରାଧିକାର ଦିଆଯାଇଛି। ଏହା ଫଳରେ ଉତ୍ପାଦନଖର୍ଚ୍ଚ ହ୍ରାସ ପାଇବ। ଏହାଛଡ଼ା ପ୍ରଦୂଷଣ ହ୍ରାସ ପାଇଁ ଉତ୍ପାଦିତ ସାମଗ୍ରୀର ମାନ ମଧ୍ୟ ବୃଦ୍ଧି ପାଇବ। ସେହିଭଳି ଜିରୋ ଡିଫେକ୍ଟ, ଜିରୋ ଇଫେକ୍ଟ ପ୍ରମାଣନ ଯୋଜନାରେ ଉଚ୍ଚମାନର ଯନ୍ତ୍ରପାତି ଓ ପ୍ରଯୁକ୍ତି ବ୍ୟବହାର କରି ତ୍ରୁଟିଶୂନ୍ୟ ସାମଗ୍ରୀ ଉତ୍ପାଦନକୁ ପ୍ରୋତ୍ସାହିତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିରେ ମଧ୍ୟ କମ୍ ଉର୍ଜା ଲୋଡୁଥିବା ଯନ୍ତ୍ରପାତି ଓ ଜ୍ଞାନକୌଶଳର ବ୍ୟବହାର ଅଗ୍ରାଧିକାର ପାଇଛି। ଏଥିପାଇଁ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ପାଇଁ ସରକାର ଆର୍ଥିକ ସହାୟତା ଯୋଗାଣ ବ୍ୟବସ୍ଥା କରିଛନ୍ତି। ଏହି ଯୋଜନା 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମକୁ ମଧ୍ୟ ସମର୍ଥନ ଯୋଗାଉଛି। ଏଥିରେ ଉତ୍ତମ ପ୍ରଦର୍ଶନ କରୁଥିବା ଉଦ୍ୟୋଗଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ଶ୍ରେଣୀଭୁକ୍ତ କରାଯାଇ ମାନ ପ୍ରମାଣପତ୍ର ପ୍ରଦାନର ବ୍ୟବସ୍ଥା ହୋଇଛି। ଏହି ମାନ ହାସଲ କରିବା ପାଇଁ ବିଭିନ୍ନ ଉଦ୍ୟୋଗ ନିମନ୍ତେ ଭିନ୍ନଭିନ୍ନ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି। ଭାରତୀୟ ମାନକ ପରିଷଦ, ଉଦ୍ୟୋଗର ବିଭିନ୍ନ ପ୍ରଦର୍ଶନକୁ ତଦାରଖ କରି ସେମାନଙ୍କୁ ସାର୍ଟିଫିକେଟ ଦେଉଛନ୍ତି। ଏଥି ନିମନ୍ତେ ଏକ ଜାତୀୟ ମନିଟରିଙ୍ଗ ଓ ଇମ୍ପ୍ଲିମେଣ୍ଟିଂ ୟୁନିଟ୍ (ଏନ୍‌ଏମ୍‌ଆଇୟୁ) ଗଠିତ ହୋଇଛି। ଭାରତୀୟ ମାନକ ପରିଷଦ ବା କ୍ୱାଲିଟି କାଉନସିଲ ଅଫ୍ ଇଣ୍ଡିଆ ଭାରତ ସରକାର ଓ ଶିଳ୍ପ ସଂସ୍ଥାଙ୍କ ମିଳିତ ଉଦ୍ୟମରେ ପ୍ରତିଷ୍ଠା କରାଯାଇଛି।

**ବିଭିନ୍ନ ସ୍କିମ୍ ସମ୍ପର୍କରେ ନିମ୍ନରେ ପ୍ରଦତ୍ତ ସାରଣିରେ ତଥ୍ୟ ପ୍ରଦାନ କରାଯାଇଛି।**

| କାର୍ଯ୍ୟ | ମୋଟ ଖର୍ଚ୍ଚ | ଭାରତ ସରକାରଙ୍କ ସହାୟତା | ସବ୍‌ସିଡି ପରେ ଆବେଦନକାରୀଙ୍କୁ ଦେବାକୁ ଥିବା ଦେୟ |
|---|---|---|---|
| ପଂଜୀକରଣ | ମାଗଣା | ପ୍ରଯୁଜ୍ୟ ନୁହେଁ | ମାଗଣା |
| ଅନ୍‌ଲାଇନ୍ ସେଲ୍ଫ | ମାଗଣା | ପ୍ରଯୁଜ୍ୟ ନୁହେଁ | ମାଗଣା |
| ଡେସ୍କଟପ୍ ଆସେସ୍‌ମେଣ୍ଟ | ଟ୧୦,୦୦୦/- | ଅତିକ୍ଷୁଦ୍ର : ୮୦% | ଟ୨୦୦୦/- |
| | | କ୍ଷୁଦ୍ର : ୬୦% | ଟ୪୦୦୦/- |
| | | ମଧ୍ୟମ : ୫୦% | ଟ୫୦୦୦/- |
| ସାଇଟ୍ ଆସେସ୍‌ମେଣ୍ଟ | ଟ୮୦,୦୦୦/- | ଅତିକ୍ଷୁଦ୍ର : ୮୦% | ଟ୧୬,୦୦୦/- |
| | | କ୍ଷୁଦ୍ର : ୬୦% | ଟ୩୨,୦୦୦/- |
| | | ମଧ୍ୟମ : ୫୦% | ଟ୪୦,୦୦୦/- |
| ରି-ଆସେସ୍‌ମେଣ୍ଟ | ଟ୪୦,୦୦୦/- | ଅତିକ୍ଷୁଦ୍ର : ୮୦% | ଟ୮,୦୦୦/- |
| | | କ୍ଷୁଦ୍ର : ୬୦% | ଟ୧୬,୦୦୦/- |
| | | ମଧ୍ୟମ : ୫୦% | ଟ୨୦,୦୦୦/- |

| | | | |
|---|---|---|---|
| ଡିଫେନ୍ସ ଆସେସ୍‌ମେଣ୍ଟ | ଟ୪୦,୦୦୦/- | ଅତିକ୍ଷୁଦ୍ର : ୮୦% | ଟ୮,୦୦୦/- |
| | | କ୍ଷୁଦ୍ର : ୬୦% | ଟ୧୬,୦୦୦/- |
| | | ମଧ୍ୟମ : ୫୦% | ଟ୨୦,୦୦୦/- |
| ଗ୍ୟାପ୍ ଆନାଲିସିସ୍ ଓ ହ୍ୟାଣ୍ଡହୋଲଡିଂ | ଟ୧,୯୦,୦୦୦/- | ଅତିକ୍ଷୁଦ୍ର : ୮୦% | ଟ୩୮,୧୦୦/- |
| | | କ୍ଷୁଦ୍ର : ୬୦% | ଟ୭୬,୦୦୦/- |
| | | ମଧ୍ୟମ : ୫୦% | ଟ୯୫,୦୦୦/- |

**କ୍ୱାଲିଟି ପ୍ରମାଣନ - ଆଇଏସ୍‌ଓ ପ୍ରମାଣନ ସହାୟତା:**

ଆଇଏସ୍‌ଓ ୯୦୦୧ ବିଶ୍ୱର ସବୁଠୁ ଅଧିକ ମାନ୍ୟତାପ୍ରାପ୍ତ ମାନକ ପରିଚାଳନା ବ୍ୟବସ୍ଥା (କ୍ୟୁଏସ୍‌ଏସ୍)। ଏହା ପ୍ରତିଷ୍ଠାନ ସମୂହଙ୍କୁ ଗ୍ରାହକ ଓ ଅନ୍ୟ ସମ୍ପୃକ୍ତ ପକ୍ଷଙ୍କ ଆଶା ଆକାଂକ୍ଷା ପୂରଣ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବାରେ ସାହାଯ୍ୟ କରିଥାଏ। ଏହି ସଂସ୍ଥା ବିଭିନ୍ନ ଶିଳ୍ପ ଓ ଉଦ୍ୟୋଗର ପରିଚାଳନା, ପ୍ରଦର୍ଶନ ଓ ସେବା ଉତ୍ପାଦନର ମାନ ଏବଂ ଅନ୍ୟାନ୍ୟ କାମ ନିରନ୍ତର ଅନୁଧ୍ୟାନ କରି ସାର୍ଟିଫିକେଟ ପ୍ରଦାନ କରିଥାଏ। ବିଭିନ୍ନ ରାଜ୍ୟ ସରକାର କ୍ୱାଲିଟି ସାର୍ଟିଫିକେସନ ପାଇଁ ଉଦ୍ୟୋଗଗୁଡ଼ିକୁ ବିଭିନ୍ନ ପ୍ରକାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଗୁଜରାଟ ସରକାର ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ପାଇଁ ଏକ ସ୍କିମ୍ ପ୍ରସ୍ତୁତ କରିଛନ୍ତି। ସେଥିରେ ମାନ ସାର୍ଟିଫିକେଟ ହାସଲ କରିବାକୁ କେତେ ଖର୍ଚ୍ଚ କରିବାକୁ ପଡ଼ିବ ଓ କି ପ୍ରକାର ବ୍ୟବସ୍ଥାମାନ ଗ୍ରହଣ କରିବାକୁ ହେବ ତାହାର ଉଲ୍ଲେଖ ରହିଛି। ଏଥିରେ ଉଦ୍ୟୋଗୀଙ୍କ ସମ୍ବଳ ପ୍ଲାନିଂ (ଇଆର୍‌ପି) ପାଇଁ ମଧ୍ୟ ବ୍ୟବସ୍ଥା ଅଛି। ସାର୍ଟିଫିକେଟ ପାଇବା ପାଇଁ ଉଦ୍ୟୋଗୀଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଥିବାରୁ ସରକାର ଆର୍ଥିକ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ଇଆର୍‌ପି ବ୍ୟବସ୍ଥା ନିମନ୍ତେ ଯୋଗ୍ୟ ସମସ୍ତ ଉଦ୍ୟୋଗୀଙ୍କୁ ପ୍ରଥମେ ଶିଳ୍ପ କମିଶନରେଟର ଅନୁମୋଦନ ନେବାକୁ ପଡ଼ିବ। ତା'ପରେ ସେମାନେ ସର୍ବାଧିକ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ଏବାବଦରେ ପାଇପାରିବେ। ସେହିଭଳି ଆଇଏସ୍‌ଓ ସାର୍ଟିଫିକେସନ ନିମନ୍ତେ ପରାମର୍ଶ ଖର୍ଚ୍ଚ ବାବଦରେ ସର୍ବାଧିକ ୫୦ ହଜାର ଟଙ୍କା ଉଦ୍ୟୋଗୀଙ୍କୁ ଯୋଗାଇଦେବାର ବ୍ୟବସ୍ଥା ଅଛି। ଜାତୀୟ ଓ ଆନ୍ତର୍ଜାତିକ ହଲ୍ ମାର୍କ ସାର୍ଟିଫିକେଟ ପାଇଁ ସର୍ବାଧିକ ପାଞ୍ଚ ଲକ୍ଷ ଟଙ୍କା ଦେବାର ବ୍ୟବସ୍ଥା ହୋଇଛି। ତେବେ ଏଥିପାଇଁ ଉଦ୍ୟୋଗର ଉତ୍ପାଦିତ ସାମଗ୍ରୀର ମାନ ଅନୁରୂପ ହେବା ଆବଶ୍ୟକ।

**ଆଗାମୀ କାର୍ଯ୍ୟପନ୍ଥା:**

ଆସନ୍ତା ଦଶନ୍ଧିରେ ଭାରତକୁ ତାହାର ଅଭିବୃଦ୍ଧି ହାର ୮ ରୁ ୧୦ ଶତାଂଶ ବଜାୟ ରଖିବାକୁ ହେଲେ ଏକ ଦକ୍ଷ ଓ କ୍ରିୟାଶୀଳ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ଆବଶ୍ୟକତା ଅପରିହାର୍ଯ୍ୟ। ଏହା ମାଧ୍ୟମରେ ଭାରତ ଆନ୍ତର୍ଜାତିକ ଆହ୍ୱାନର ସଫଳ ମୁକାବିଲା କରିପାରିବ। ଗତ ପାଞ୍ଚ ବର୍ଷ ଧରି ଏହି ଉଦ୍ୟୋଗ ହାରାହାରି ୧୮ ଶତାଂଶ ଅଭିବୃଦ୍ଧି ହାର ବଜାୟ ରଖିଛି। ଏହାର ଅଧିକ ଅଭିବୃଦ୍ଧି ପାଇଁ ପ୍ରଥମ ଆବଶ୍ୟକତା ହେଲା ଅନୁଷ୍ଠାନର ସଂସ୍କୃତି ଓ ମାଲିକଙ୍କ ଔଦ୍ୟୋଗିକ ମନୋଭାବରେ ପରିବର୍ତ୍ତନ। ସେମାନେ କମ୍ ଖର୍ଚ୍ଚରେ ଉଚ୍ଚମାନର ସାମଗ୍ରୀ ନିର୍ମାଣ ପାଇଁ ଆଗ୍ରହୀ ହୋଇ ନୂଆ ଟେକ୍‌ନୋଲୋଜିକୁ ଆପଣାଇଲେ ଲକ୍ଷ୍ୟ ହାସଲ ସହଜ ହୋଇପାରିବ। ଲୋକସଂଖ୍ୟା ଦୃଷ୍ଟିରୁ ଭାରତ ହେଉଛି ବିବିଧତାରେ ପରିପୂର୍ଣ୍ଣ ଦେଶ। ଦେଶର ସବୁ ଅଞ୍ଚଳରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ସମଭାବରେ ବାଣ୍ଟି ହୋଇରହିନାହିଁ। କେଉଁ ଅଞ୍ଚଳରେ ଏହା ବହୁଳ ତ କେଉଁଠି ଆଦୌ ନାହିଁ କହିଲେ ଚଳେ। ଏହା ପୁଣି ବିକ୍ଷିପ୍ତ ହୋଇ ରହିଛି। ଏଥିପାଇଁ ଉଦ୍ୟୋଗୀଙ୍କୁ ସଚେତନ କରିବା ସହ ସେମାନଙ୍କୁ ଉଦ୍ୟୋଗର ବିକାଶ ପାଇଁ ହାତ ଧରି ସହାୟତା ଯୋଗାଇଦେବାକୁ ହେବ। ନିଜ ଉତ୍ପାଦିତ ଦ୍ରବ୍ୟର ମାନ ବଢ଼ାଇ ସାର୍ଟିଫିକେଟ ପାଇବାର ବ୍ୟବସ୍ଥା କରିବାକୁ ପଡ଼ିବ। ଏହା ସମୟର ଆବଶ୍ୟକତା। ତେବେ ଯାଇ ଏହି ଉଦ୍ୟୋଗ ଆନ୍ତର୍ଜାତିକ ସ୍ତରରେ ପ୍ରତିଯୋଗିତା କରିବାକୁ ସକ୍ଷମ ହେବ। ଏଥିପାଇଁ ଏହି ଉଦ୍ୟୋଗକୁ କ୍ୱାଲିଟି ସାର୍ଟିଫିକେସନ କ୍ଷେତ୍ରରେ ନିବେଶ କରିବାକୁ ପଡ଼ିବ ଓ ଗବେଷଣା ତଥା ଉନ୍ନୟନ ଉପରେ ଗୁରୁତ୍ୱ ଦେବାକୁ ହେବ। ସବୁଠୁ ବଡ଼ କଥା ହେଲା ଏହି ପ୍ରକ୍ରିୟାକୁ ନିରନ୍ତର ଜାରି ରଖିବାକୁ ପଡ଼ିବ।

ଲେଖକ ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍‌ର ନିର୍ଦ୍ଦେଶକ।

# ଭାରତରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ସମସ୍ୟା

ଅନୀଲ ଭରଦ୍ୱାଜ

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଅଧିକାଂଶ ଦେଶର ଅର୍ଥନୀତିର ମେରୁଦଣ୍ଡ ଭାବେ ବିଶ୍ୱବ୍ୟାପୀ ବିବେଚିତ। ସାମାଜିକ-ଆର୍ଥିକ, ରାଜନୈତିକ ଓ ପ୍ରଯୁକ୍ତି ଆଦି ପ୍ରତ୍ୟେକ ଦିଗରୁ ଏହା ସମାଜର ବିକାଶ ପ୍ରକ୍ରିୟାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥାଏ। ଏହା ସତ୍ତ୍ୱେ ଏହି ଉଦ୍ୟୋଗ ପୁଂଜି ଯୋଗାଡ଼ରେ ନାନାବିଧ ଅସୁବିଧାର ସମ୍ମୁଖୀନ। ଅବଶ୍ୟ ବିକଶିତ ଓ ବିକାଶଶୀଳ ରାଷ୍ଟ୍ରରେ ଏହି ଉଦ୍ୟୋଗର ଅର୍ଥାଭାବ ସମସ୍ୟା ଭିନ୍ନ। ତା'ସତ୍ତ୍ୱେ ଏସବୁ ସର୍ବତ୍ର ସମସ୍ୟା ଜର୍ଜରିତ ଓ ଅର୍ଥାଭାବର ସମ୍ମୁଖୀନ। ଆଇଏଫ୍‌ସି / ମ୍ୟାକିନ୍‌ସ୍ ସଂସ୍ଥାର ଆକଳନ ଅନୁସାରେ ବିଶ୍ୱର ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ପାଣ୍ଠି ଅଭାବ ପରିମାଣ ପ୍ରାୟ ଚାରି ଟ୍ରିଲିୟନ ଡଲାର। ସେଥିମଧ୍ୟରୁ ବିକାଶମୁଖୀ ରାଷ୍ଟ୍ରସମୂହରେ ଏହି ଅଭାବ ୨.୧ରୁ ୨.୬ ଟ୍ରିଲିୟନ ଡଲାର।

**ଭାରତର ସ୍ଥିତି:**

ଭାରତରେ ଏମ୍‌ଏସ୍‌ଏମ୍‌ଇର ସଂଜ୍ଞା ନିର୍ଦ୍ଧାରଣରେ କାରଖାନା ଓ ଯନ୍ତ୍ରପାତି ବାବଦ ପୁଂଜି ଲଗାଣକୁ ହିସାବକୁ ନିଆଯାଏ। ଏଥିରେ ଜମି ଓ କୋଠାବାଡ଼ିର ମୂଲ୍ୟକୁ ହିସାବକୁ ନିଆଯାଏନାହିଁ। ଅନ୍ୟତ୍ର ମୋଟ କାରବାର (ଟର୍ଣ୍ଣଓଭର / ନିଯୁକ୍ତିଭିତ୍ତିକ ମାନଦଣ୍ଡକୁ ବିଚାରକୁ ନିଆଯାଏ।)

**ଟେବୁଲ : ଏମ୍‌ଏସ୍‌ଏମ୍‌ଇର ସଂଜ୍ଞା**

| ବର୍ଗ | ମାନୁଫାକଚରିଙ୍ଗ୍ (ଟଙ୍କାରେ) (କାରଖାନା ଓ ଯନ୍ତ୍ରପାତିରେ ନିବେଶ) | ସେବା ବା ସର୍ଭିସ୍ (ଟଙ୍କାରେ) (ଯନ୍ତ୍ରପାତିରେ ନିବେଶ) |
|---|---|---|
| ଅଣୁ ବା ଅତିକ୍ଷୁଦ୍ର | ସର୍ବାଧିକ ୨୫ ଲକ୍ଷ | ସର୍ବାଧିକ ୧୦ ଲକ୍ଷ |
| କ୍ଷୁଦ୍ର | ୨୫ ଲକ୍ଷରୁ ଅଧିକ, କିନ୍ତୁ ୫ କୋଟିରୁ କମ୍ | ୧୦ଲକ୍ଷରୁ ଅଧିକ ଓ ୨ କୋଟିରୁ କମ୍ |
| ମଧ୍ୟମ | ୫ କୋଟିରୁ ଅଧିକ କିନ୍ତୁ ୧୦ କୋଟିରୁ କମ୍ | ୨କୋଟିରୁ ଅଧିକ କିନ୍ତୁ ୫ କୋଟିରୁ କମ୍ |

ଚତୁର୍ଥ ଏମ୍‌ଏସ୍‌ଏମ୍‌ଇ ଗଣନା (୨୦୦୬-୦୭), ଷଷ୍ଠ ଅର୍ଥନୈତିକ ସର୍ଭେ (୨୦୧୩) ଓ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ୨୦୧୬-୧୭ ବାର୍ଷିକ ରିପୋର୍ଟ ଅନୁସାରେ ଭାରତରେ ଅତି କ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ସଂଖ୍ୟା ୫ କୋଟି ୧୩ ଲକ୍ଷ। ଏଥିରେ ୧୧.୧ କୋଟି ଲୋକ କାମ କରନ୍ତି।

ଦେଶର ମାନୁଫାକଚରିଙ୍ଗ ଉତ୍ପାଦନ ଓ 'ଗ୍ରସ୍ ଭ୍ୟାଲୁ ଆଡ୍'ରେ ଏହି ଉଦ୍ୟୋଗର ଅବଦାନ ଦିଆଯାଇଥିବା ଟେବୁଲରେ ପ୍ରଦାନ କରାଯାଇଛି।



| ପ୍ରଚଳିତ ମୂଲ୍ୟରେ ସାମଗ୍ରୀ ଉତ୍ପାଦନ | | | ୨୦୧୧-୧୨ ମୂଲ୍ୟ ଭିତ୍ତିରେ ଜିଭିଏ / ଜିଡିପିକୁ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ଅବଦାନ (%ରେ) | | | | | |
|---|---|---|---|---|---|---|---|---|
| ବର୍ଷ | ଏମ୍‌ଏସ୍‌ଏମ୍‌ଇ ଉତ୍ପାଦନ(କୋଟିରେ) | ମୋଟ୍ ଉତ୍ପାଦନରେ ଏହାର ଅଂଶ | ଏମ୍‌ଏସ୍‌ଏମ୍‌ଇ ମାନୁଫାକଚରିଙ୍ଗ୍ ଉଦ୍ୟୋଗ | | ଏମ୍‌ଏସ୍‌ଏମ୍‌ଇ ସେବା ଉଦ୍ୟୋଗ | | ମୋଟ | |
| | | | ଜିଭିଏରେ | ଜିଡିପିରେ | ଜିଭିଏରେ | ଜିଡିପିରେ | ଜିଭିଏରେ | ଜିଡିପିରେ |
| ୨୦୧୧-୧୨ | ୨୧୬୭୧୧୦ | ୩୩.୧୨ | ୬.୬୪ | ୬.୧୬ | ୨୫.୬୬ | ୨୩.୮୧ | ୩୨.୨୯ | ୨୯.୯୭ |
| ୨୦୧୨-୧୩ | ୨୩୮୫୨୪୮ | ୩୩.୨୨ | ୬.୭୭ | ୬.୨୭ | ୨୬.୦୫ | ୨୪.୧୩ | ୩୨.୮୯ | ୩୦.୪୦ |
| ୨୦୧୩-୧୪ | ୨୬୫୩୩୨୯ | ୩୩.୨୭ | ୬.୭୯ | ୬.୨୭ | ୨୬.୪୦ | ୨୪.୩୭ | ୩୩.୧୯ | ୩୦.୬୪ |
| ୨୦୧୪-୧୫ | ୨୭୮୩୪୩୩ | ୩୩.୪୦ | ୬.୬୩ | ୬.୧୧ | ୨୬.୭୨ | ୨୪.୬୩ | ୩୩.୩୪ | ୩୦.୭୪ |

### ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ଯୋଗାଇ ଦିଆଯାଇଥିବା ମୋଟ୍ ଋଣ (ଅନାଦାୟ ଋଣ କୋଟିରେ)

| ବର୍ଷ | ରାଷ୍ଟ୍ରାୟତ୍ତ ବ୍ୟାଙ୍କ | ଘରୋଇ ବ୍ୟାଙ୍କ | ବିଦେଶୀ ବ୍ୟାଙ୍କ | ସମସ୍ତ ଅନୁସୂଚିତ ବ୍ୟାବସାୟିକ ବ୍ୟାଙ୍କ |
|---|---|---|---|---|
| ମାର୍ଚ୍ଚ ୨୦୧୨ | ୫,୩୩,୨୭୯.୨୯ | ୧,୨୪,୭୨୫.୬୬ | ୨୩,୩୦୦.୭୧ | ୬,୮୧,୩୦୫.୬୬ |
| ମାର୍ଚ୍ଚ ୨୦୧୩ | ୬,୪୩,୫୨୫.୦୨ (୨୦.୭%) | ୧,୮୨,୨୪୭.୮୨ (୪୬.୧% ) | ୪୩,୨୫୧.୩୦ (୮୫.୬%) | ୮,୬୯,୦୨୪.୧୪ (୨୭.୬%) |
| ମାର୍ଚ୍ଚ ୨୦୧୪ (ପ୍ରଭିଜିନାଲ) | ୭,୫୪,୩୯୧.୦୭ (୧୭.୨%) | ୨,୪୬,୦୨୫.୭୬ (୩୫%) | ୩୪,୩୫୯.୧୭ (-୨୦.୬%) | ୧୦,୩୪,୭୭୫.୯୯ (୧୯.୧%) |

*ସୂତ୍ର : ଭାରତୀୟ ରିଜର୍ଭ ବ୍ୟାଙ୍କ*

### ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗରେ ଥିବା ବ୍ୟାଙ୍କସମୂହଙ୍କ ଅନାଦାୟ ଋଣ (ଏନ୍‌ପିଏ) କୋଟିରେ ଏବଂ (ଅନାଦାୟ ଋଣ %)

| ବର୍ଷ | ରାଷ୍ଟ୍ରାୟତ୍ତ ବ୍ୟାଙ୍କ | ଘରୋଇ ବ୍ୟାଙ୍କ | ବିଦେଶୀ ବ୍ୟାଙ୍କ | ସବୁ ତଫସିଲଭୁକ୍ତ ବ୍ୟାବସାୟିକ ବ୍ୟାଙ୍କ | |
|---|---|---|---|---|---|
| ମାର୍ଚ୍ଚ ୨୦୧୨ | ୨୪,୨୭୨.୪୪ (୬.୧%) | ୧,୮୮୦.୭୩ (୧.୭%) | ୧୫୯.୮୩ (୦.୭%) | ୨୬,୩୧୨.୯୯ (୫%) | |
| ମାର୍ଚ୍ଚ ୨୦୧୩ | ୨୮,୫୭୫.୨୯ (୫.୭%) | ୨,୫୦୬.୪୪ (୧.୬%) | ୩୯୬.୨୩ (୧.୩%) | ୩୧,୪୭୭.୯୬ (୪.୬%) | |
| ମାର୍ଚ୍ଚ ୨୦୧୪ | ୩୮,୯୪୯.୮୦ (୬.୩%) | ୨୩,୦୨୧.୬୩ (୧.୫%) | ୪୫୭.୩୬ (୧.୫%) | ୪୨,୪୨୮.୭୯ (୫%) | |

*ସୂତ୍ର : ଭାରତୀୟ ରିଜର୍ଭ ବ୍ୟାଙ୍କ*




ଚତୁର୍ଥ ଏମ୍ଏସ୍ଏମ୍ଇ ଗଣନାର ତଥ୍ୟ ଅନୁସାରେ ଏହି ଉଦ୍ୟୋଗର ଅଧିକାଂଶ ଶିଳ୍ପ ସଂସ୍ଥା ପାଣ୍ଠି ଯୋଗାଡ଼ ପାଇଁ ଅଣଆନୁଷ୍ଠାନିକ ସୂତ୍ର ଉପରେ ନିର୍ଭର କରନ୍ତି। ଏସବୁ ତଥ୍ୟ ଯାହା ହେଉନା କାହିଁକି, ଏହା ପ୍ରମାଣିତ ଯେ ନିଜର ପୁଂଜି ଆବଶ୍ୟକତା ପୂରଣ ପାଇଁ ଏହି ଉଦ୍ୟୋଗ ସଂଘର୍ଷରତ। ଏହି ଉଦ୍ୟୋଗ ପାଇଁ ମୋଟ୍ ୩୨.୫ ଲକ୍ଷ କୋଟି ଟଙ୍କାର ଅର୍ଥ ଆବଶ୍ୟକ ଏବଂ ସେଥିମଧ୍ୟରୁ ଋଣର ଆବଶ୍ୟକତା ୨୬ ଲକ୍ଷ କୋଟି ଟଙ୍କା। ଏହାଛଡ଼ା ଏହି ଉଦ୍ୟୋଗ ୬.୫ଲକ୍ଷ କୋଟି ଟଙ୍କାର ଅଂଶଧନ ବା ଇକ୍ୱିଟି ଲୋଡୁଛି।

ଏହି ଉଦ୍ୟୋଗ ଯେଉଁ ୧୦.୩୪ ଲକ୍ଷ କୋଟି ଟଙ୍କାର ବ୍ୟାଙ୍କ ଋଣ ଶୁଝିପାରିନାହିଁ (ଟେବୁଲରେ ଦିଆଯାଇଥିବା ସୂଚନା ଅନୁଯାୟୀ) ୨୦୧୬ ମାର୍ଚ୍ଚ ସୁଦ୍ଧା ତାହା ଏଗାର ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ଋଣୀ ଖାତାଧାରୀଙ୍କ ସଂଖ୍ୟା ଥିଲା ୨କୋଟି। ଅପରପକ୍ଷରେ ଏହି ଉଦ୍ୟୋଗର ମୋଟ ଋଣ ଆବଶ୍ୟକତା ୨୬ ଲକ୍ଷ କୋଟି ଥିବାବେଳେ ସମୁଦାୟ ଉଦ୍ୟୋଗ ସଂଖ୍ୟା ୫କୋଟି।

**ଅର୍ଥ ଯୋଗାଣରେ ଅସୁବିଧା :**

ପ୍ରଶ୍ନ ଉଠୁଛି ଯେ ଏହି ଉଦ୍ୟୋଗକୁ ଆବଶ୍ୟକ ଋଣ ଯୋଗାଣରେ ଅସୁବିଧା ରହୁଛି କେଉଁଠି ? ଚାହିଦା ଓ ଯୋଗାଣରେ ଅସମତା ଏହାର କାରଣ ହୋଇପାରେ। ସେ ବିଷୟରେ ଆସନ୍ତୁ ଆଲୋଚନା କରିବା। ଭାରତୀୟ ବ୍ୟାଙ୍କ ବ୍ୟବସ୍ଥାରେ ୨୭ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ୨୬ ଘରୋଇ ବ୍ୟାଙ୍କ, ୪୬ ବିଦେଶୀ ବ୍ୟାଙ୍କ, ୫୬ ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ, ୧୫୭୪ ସହରାଞ୍ଚଳ ସମବାୟ ବ୍ୟାଙ୍କ ଓ ୯୩,୯୧୩ ଗ୍ରାମ ସମବାୟ ବ୍ୟାଙ୍କ ରହିଛି। ଏହା ସହିତ ଅନେକ ସମବାୟ ଋଣ ଲଗାଣ ସଂସ୍ଥା କାର୍ଯ୍ୟ କରୁଛି। ବାଙ୍କ ବ୍ୟବସ୍ଥାର ୭୦ ଭାଗ କାରବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ, ଯାହା ସରକାରଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ କାର୍ଯ୍ୟକରେ। ଅଭିଯୋଗ ହୁଏ ଯେ ବ୍ୟାଙ୍କର ଜମାରାଶୀକୁ ଭାରତ ସରକାର ସରକାରୀ ସିକ୍ୟୁରିଟି ଓ ବଣ୍ଡ୍ ଜରିଆରେ ହାତେଇ ନେଇ ବଜେଟ ନିଅଣ୍ଟକୁ ପୂରଣ କରିଥାନ୍ତି ଏବଂ ରାଜନୈତିକ ଉଦ୍ଦେଶ୍ୟରେ ଚାଲୁ ହୋଇଥିବା ଯୋଜନାଗୁଡ଼ିକୁ ଅର୍ଥ ଯୋଗାଇଥାଆନ୍ତି। ତେଣୁ ବ୍ୟାଙ୍କ ସମୂହ ଏମ୍ଏସ୍ଏମ୍ଇ ଭଳି ଅନ୍ୟାନ୍ୟ ଉଦ୍ୟୋଗକୁ ଋଣ ଦେବାକୁ ଆବଶ୍ୟକ ଅର୍ଥ ପାଇ ନ ଥାନ୍ତି।

ବ୍ୟାଙ୍କ ସମୂହଙ୍କ ପାଖରେ ଆବଶ୍ୟକ ଅର୍ଥ ନଥିବାରୁ ସେମାନଙ୍କ ମଧ୍ୟରେ ବ୍ୟବସାୟ ବୃଦ୍ଧି ପାଇଁ ପ୍ରତିଯୋଗିତା ମନୋଭାବ ହ୍ରାସ ପାଏ। ଦ୍ୱିତୀୟରେ ସମସ୍ତ ବ୍ୟାଙ୍କ ଅଗ୍ରାଧିକାର କ୍ଷେତ୍ରକୁ ନିଜ ଅର୍ଥର ୪୦% ଋଣ ଆକାରରେ ଯୋଗାଇବାର ବ୍ୟବସ୍ଥା ରହିଛି। ସେଥିମଧ୍ୟରୁ ଅଗ୍ରାଧିକାର କ୍ଷେତ୍ରର ପ୍ରଥମରେ ଥିବା କୃଷିକ୍ଷେତ୍ରକୁ ଏହି ୪୦ ଭାଗରୁ ୧୮ ଶତାଂଶ ଋଣ ଚାଲିଯାଏ। ବାକି ଯେଉଁ ୨୨ଭାଗ ଅର୍ଥ ରହିଲା ତାହା ଏମ୍ଏସ୍ଏମ୍ଇ, ଶିକ୍ଷା ଓ ଆବାସ ଭଳି ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରକୁ ବାଣ୍ଟିକୁଣ୍ଟି ପ୍ରଦାନ କରିବା ବେଳେ ଋଣ ପରିମାଣ ହ୍ରାସ ପାଏ।

ଏମ୍ଏସ୍ଏମ୍ଇ ଭଳି ଉଦ୍ୟୋଗ ପାଇଁ ଋଣ ଯୋଗାଣ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ନୀତି ଧାର୍ଯ୍ୟ ହୋଇ ନଥିବାରୁ ଏହି କ୍ଷେତ୍ର ଆବଶ୍ୟକ ଋଣ ବ୍ୟାଙ୍କରୁ ପାଆନ୍ତି ନାହିଁ। ତୃତୀୟରେ ଶିଳ୍ପ ପାଇଁ ଅର୍ଥ ଯୋଗାଣର ଯେଉଁ ନୀତି ରହିଛି ତାହା ଦୁଇଟି ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ ପାଇଁ ଉଦ୍ଦିଷ୍ଟ। ଗୋଟିଏ ହେଲା ଦୀର୍ଘ କାଳ ପାଇଁ ଋଣ ଦେବାକୁ ବିତ୍ତ ଲଗାଣକାରୀ ସଂସ୍ଥାର ସାମର୍ଥ୍ୟ ଦେଖିବା ଓ ଅନ୍ୟଟି ବ୍ୟାଙ୍କ ବା ବିତ୍ତୀୟ ସଂସ୍ଥା ଦ୍ୱାରା ସ୍ୱଳ୍ପକାଳୀନ ଋଣ ଯୋଗାଣ ଆବଶ୍ୟକତା ପୂରଣ କରିବା। ସେଥିପାଇଁ ଶିଳ୍ପାୟନ କ୍ଷେତ୍ର ନିମନ୍ତେ ପୁଂଜି ଯୋଗାଣ ଓ ଜ୍ଞାନକୌଶଳ ତଥା ବ୍ୟାବସାୟିକ ଦିଗର ବିକାଶ ପାଇଁ କିଛି ସ୍ୱତନ୍ତ୍ର ଅନୁଷ୍ଠାନ ରହିଛି। ଆଇଡିବିଆଇ ଓ


ଭାରତ ଏବେ ଆନ୍ତର୍ଜାତିକ ବେସ୍-୨ ବା ଆନ୍ତର୍ଜାତକ ବ୍ୟାଙ୍କିଙ୍ଗ୍ ଷ୍ଟାଣ୍ଡାର୍ଡକୁ ପାଳନ କରୁଛି। ଏହା ଋଣ ପ୍ରଦାନ କ୍ଷେତ୍ରରେ ଏକ ଆନ୍ତର୍ଜାତିକ ମାନକ ନୀତି। ଏହି ନୀତି ଯୋଗୁ ଏମ୍ଏସ୍ଏମ୍ଇ ଉଦ୍ୟୋଗକୁ ଋଣ ଯୋଗାଣ ଅଧିକ ଜଟିଳ ହୋଇଛି। ପରିଚାଳନାଗତ ବିପଦର ମୁକାବିଲା ପାଇଁ ବ୍ୟାଙ୍କସମୂହ ପର୍ଯ୍ୟାପ୍ତ ପାଣ୍ଠି ହାତରେ ମହଯୁଦ ରଖିବାକୁ ରିଜର୍ଭବ୍ୟାଙ୍କ ନିର୍ଦ୍ଦେଶାବଳୀ ଜାରି କରିବା ପରେ ଏମ୍ଏସ୍ଏମ୍ଇ ଉଦ୍ୟୋଗକୁ ଋଣ ଯୋଗାଣ ଆହୁରି ସମସ୍ୟାବହୁଳ ହୋଇଛି।

ଆଇସିଆଇସିଆଇ ସେଥି ମଧ୍ୟରୁ ଅନ୍ୟତମ। ଏସବୁ ସଂସ୍ଥା ଶିକ୍ଷ ବିକାଶ ପାଇଁ ଋଣ ସହାୟତା ଯୋଗାଇଆସୁଛନ୍ତି। ରାଜ୍ୟରେ ମଧ୍ୟ ଏଥିପାଇଁ ଅର୍ଥଲଗାଣ ନିଗମ (ଏସ୍‌ଏଫ୍‌ସି)ମାନ କାର୍ଯ୍ୟ କରୁଛି। ଉଦାରୀକରଣ ପରେ ବିକାଶମୂଳକ ଅର୍ଥ ଲଗାଣ ପ୍ରତିଷ୍ଠାନ ସମୂହର ଗୁରୁତ୍ୱ ହ୍ରାସ ପାଇଛି। ସେମାନେ ବ୍ୟାବସାୟିକ ବ୍ୟାଙ୍କ ସହ ମିଶିଯାଇଛନ୍ତି କିମ୍ବା ନିଜର ଗୁରୁତ୍ୱ ହରାଇଛନ୍ତି।

ଅପରପକ୍ଷରେ ବ୍ୟାଙ୍କ ସମୂହଙ୍କର ମଧ୍ୟ ସମସ୍ୟା ରହିଛି। ସେମାନେ ମୁଖ୍ୟତଃ ସ୍ୱଳ୍ପମିଆଦି ଜମା ଗ୍ରହଣ କରନ୍ତି ଏବଂ ଦୀର୍ଘ ମିଆଦି ଋଣ ଦେବାକୁ କୁଣ୍ଠିତ ହୁଅନ୍ତି। ଶିକ୍ଷ ଓ ବୈଷୟିକ ସଂସ୍ଥାର କାର୍ଯ୍ୟ ଏବଂ ସେମାନଙ୍କର ଋଣ ଆବଶ୍ୟକତା ଓ ସମସ୍ୟା ବୁଝିବା ଭଳି ଆବଶ୍ୟକ ଲୋକ ଶକ୍ତି ସେମାନଙ୍କ ପାଖରେ ବିଶେଷ ନ ଥାଏ। ତେଣୁ ସେମାନେ ଶିଳ୍ପୋଦ୍ୟୋଗକୁ ଋଣ ଦେବାରେ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ଶିକ୍ଷ ସଂସ୍ଥାମାନଙ୍କୁ ଋଣ ଦେଲେ ତାହା ବୁଡ଼ିଯିବାର ଆଶଙ୍କା ଅଧିକ ଥାଏ ବୋଲି ମଧ୍ୟ ଏକ ଧାରଣା ସେମାନଙ୍କର ଥାଏ। କେବଳ ଶିକ୍ଷ ସଂସ୍ଥା ପ୍ରତିଷ୍ଠିତ ହୋଇଥିଲେ କିମ୍ବା ତାହାର ଆର୍ଥିକ ସ୍ଥିତି ଭଲ ଥିଲେ ସେସବୁ ସଂସ୍ଥାକୁ ବ୍ୟାଙ୍କ ଋଣ ଦିଅନ୍ତି। ଏହା ଫଳରେ ନୂଆ ଓ ଜଣାଶୁଣା ହୋଇ ନଥିବା ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ଋଣ ପାଇବାରେ ସମସ୍ୟାର ସମ୍ମୁଖୀନ ହୁଅନ୍ତି।

ଭାରତ ଏବେ ଆନ୍ତର୍ଜାତିକ ବେସ୍-୨ ବା ଆନ୍ତର୍ଜାତକ ବ୍ୟାଙ୍କିଙ୍ଗ୍ ଷ୍ଟାଣ୍ଡାର୍ଡକୁ ପାଳନ କରୁଛି। ଏହା ଋଣ ପ୍ରଦାନ କ୍ଷେତ୍ରରେ ଏକ ଆନ୍ତର୍ଜାତିକ ମାନକ ନୀତି। ଏହି ନୀତି ଯୋଗୁ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ଋଣ ଯୋଗାଣ ଅଧିକ ଜଟିଳ ହୋଇଛି। ପରିଚାଳନାଗତ ବିପଦର ମୁକାବିଲା ପାଇଁ ବ୍ୟାଙ୍କସମୂହ ପର୍ଯ୍ୟାପ୍ତ ପାଣ୍ଠି ହାତରେ ମହଯୁଦ ରଖିବାକୁ ରିଜର୍ଭବ୍ୟାଙ୍କ ନିର୍ଦ୍ଦେଶାବଳୀ ଜାରି କରିବା ପରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ଋଣ ଯୋଗାଣ ଆହୁରି ସମସ୍ୟାବହୁଳ ହୋଇଛି।

ସମ୍ପତ୍ତିକୁ ଦେଖି ତା'କୁ ଗ୍ୟାରେଣ୍ଟି ଭାବେ ନେଇ ଋଣ ଯୋଗାଣ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ଏହା ଏବେ ନୂଆ ସମସ୍ୟା ସୃଷ୍ଟି କରୁଛି। ଋଣୀଙ୍କ ସମ୍ପତ୍ତି ଜବତ କରି ତାହାକୁ ବିକି ଟଙ୍କା ଅସୁଲ କରିବା ମଧ୍ୟ ବ୍ୟାଙ୍କଗୁଡ଼ିକ ପକ୍ଷେ ସହଜସାଧ୍ୟ ହେଉନାହିଁ।



**ଚାହିଦା କ୍ଷେତ୍ରର ଅସୁବିଧା:**

ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ଋଣ ଚାହିଦା ଥିଲେ ମଧ୍ୟ ଏହା ବିଭିନ୍ନ ସମସ୍ୟାରେ ଜର୍ଜରିତ। ଏସବୁ ଶିକ୍ଷ ସଂସ୍ଥା ବିକ୍ଷିପ୍ତ। ସେମାନଙ୍କର ଆବଶ୍ୟକତା ଭିନ୍ନଭିନ୍ନ। ଅତି କ୍ଷୁଦ୍ର ଶିକ୍ଷଗୁଡ଼ିକ ଅସଂଗଠିତ ଏବଂ ଅଣଆନୁଷ୍ଠାନିକ। ଏହା ପ୍ରାୟତଃ ବ୍ୟକ୍ତିଗତ ମାଲିକାନା କିମ୍ବା ଅଂଶୀଦାର ଭିତ୍ତିରେ ଚାଲେ। ସେମାନେ କମ୍ପାନୀ ଭଳି ଅସୀମ ଋଣ ବା ବ୍ୟବସାୟ ଢାଞ୍ଚା ଗ୍ରହଣ କରିପାରନ୍ତି ନାହିଁ। ସେମାନେ ଅନଧିକୃତ, ଅଣଅନୁମୋଦିତ ଭାବେ ଶିକ୍ଷ ସଂସ୍ଥା କରିଥାନ୍ତି। ଖାତା, ଖତିୟାନ ଓ ଆବଶ୍ୟକ କାଗଜପତ୍ର ଅଭାବରୁ ଏହିସବୁ ଶିକ୍ଷ ସଂସ୍ଥା ବ୍ୟାଙ୍କ ଋଣ ପାଇପାରନ୍ତି ନାହିଁ।

କ୍ଷୁଦ୍ର ଉଦ୍ୟୋଗର ସ୍ଥିତି ଏ କ୍ଷେତ୍ରରେ ସାମାନ୍ୟ ଭଲ। କାରଣ ଏସବୁ ସଂଗଠିତ ଏବଂ ବିଜିନେସ୍ ଟୁ ବିଜ୍‌ନେସ୍ ଢାଞ୍ଚାରେ କାମ କରନ୍ତି। ଲୋକଙ୍କ ଆବଶ୍ୟକତାକୁ ଦେଖି ଜିନିଷ ତିଆରି କରି ବିକନ୍ତି ଓ ଲାଭ ଅର୍ଜନ କରନ୍ତି। ଏମାନେ ବ୍ୟାପାରର ସଂପ୍ରସାରଣ ଓ ନୂଆ ଉଦ୍ୟୋଗ ଆରମ୍ଭ କରିବାକୁ ପୁଂଜି ଅଭାବର ସମ୍ମୁଖୀନ ହୋଇଥାନ୍ତି। ଋଣ କଲେ ତାହାକୁ ନିୟମିତ ପରିଶୋଧ କରିବା କିମ୍ବା ଋଣ ପାଇଁ ଗ୍ୟାରେଣ୍ଟି ଦେବାକୁ ସେମାନଙ୍କ ପାଖରେ ସମ୍ବଳ ନ ଥାଏ। ଅନେକ ସମୟରେ ସେମାନଙ୍କ ଅର୍ଥ, ସାମଗ୍ରୀ ବିକ୍ରେତା ବା ଡିଲରଙ୍କ ପାଖରେ ପଡ଼ିରହେ।

ବିଶ୍ୱରେ ମଧ୍ୟମ ଉଦ୍ୟୋଗର ସ୍ଥିତି ଏ କ୍ଷେତ୍ରରେ ଅପେକ୍ଷାକୃତ ଭଲ। ତେବେ ଭାରତରେ ଏହି ଉଦ୍ୟୋଗୀଙ୍କ ସଂଖ୍ୟା ସୀମିତ। ଏ କ୍ଷେତ୍ରରେ ବ୍ୟବସାୟ ବୃଦ୍ଧି ପାଇଁ ପାଣ୍ଠିର ଯଥେଷ୍ଟ ଆବଶ୍ୟକତା ରହିଥିବାବେଳେ ବ୍ୟାଙ୍କ ଗ୍ୟାରେଣ୍ଟି, ପ୍ରଦର୍ଶନ ଗ୍ୟାରେଣ୍ଟି ଆଦି ବିଭିନ୍ନ ଆବଶ୍ୟକତା ପୂରଣ କରି ଏମାନେ ସହଜରେ ବ୍ୟାଙ୍କ ଋଣ ପାଇପାରନ୍ତି ନାହିଁ।

**ସରକାରୀ ନୀତି:**

ସରକାର ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ସମସ୍ୟାବଳୀ ବିଷୟରେ ଅବଗତ ହେବା ପରେ ଏ କ୍ଷେତ୍ରରେ କେତେକ ନୀତି ଓ ଯୋଜନା ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ସେଥିମଧ୍ୟରୁ ଅନ୍ୟତମ। ଏହାଦ୍ୱାରା ଏହି ଉଦ୍ୟୋଗକୁ ଆର୍ଥିକ ଦୃଷ୍ଟିରୁ ସମାବେଶୀ କରିବାକୁ ଉଦ୍ୟମ କରାଯାଉଛି। ଋଣ ପାଇବାକୁ ଏସବୁ ସଂସ୍ଥାଙ୍କୁ ସରକାର ଋଣ

# ପ୍ରଧାନମନ୍ତ୍ରୀ ଜନଧନ ଯୋଜନା

ଗ୍ୟାରେଣ୍ଟି ଟ୍ରଷ୍ଟ ଜରିଆରେ ସୁବିଧା ଯୋଗାଇ ଦେଇଛନ୍ତି। ଏହା ଫଳରେ ଆଉ ଶିଳ୍ପ ସଂସ୍ଥାକୁ ଗ୍ୟାରେଣ୍ଟି ଦେବାର ଆବଶ୍ୟକତା ନାହିଁ। ଋଣ ଖିଲାପ ପାଇଁ ୭୫% ବୀମାର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ୨୦୧୫-୧୬ବର୍ଷରେ ୧,୦୮,୯୯୧ କୋଟି ଟଙ୍କାର ଋଣ ଗ୍ୟାରେଣ୍ଟି ୨୩,୨୩,୬୭୩ ଉଦ୍ୟୋଗୀଙ୍କୁ ଦିଆଯାଇଛି।

ଚାରିଟି ସୂଚନାକେନ୍ଦ୍ର ଯଥା ସିଆଇବିଆଇଏଲ୍, ଇକ୍ୟୁଇଫାକ୍ସ, ଏକ୍ସପେରିଆନ ଓ ହାଇମାର୍କ ଜରିଆରେ ଉଦ୍ୟୋଗୀମାନଙ୍କୁ ଋଣ ସଂକ୍ରାନ୍ତ ସୂଚନାବଳୀ ଯୋଗାଇଦିଆଯାଉଛି। ଏହାଛଡ଼ା ନିଜର ସମ୍ପତ୍ତିର ମୁଦ୍ରାୟନ ପାଇଁ (ବିକ୍ରି; ବନ୍ଧକ ଆଦି) କେନ୍ଦ୍ରୀୟ ସ୍ତରରେ ଉଦ୍ୟୋଗୀଙ୍କ ନିମନ୍ତେ ସିଇଆରଏସ୍ଏଆଇ ସଂସ୍ଥା ଗଠନ କରାଯାଇଛି। ଏହି ସଂସ୍ଥା ଋଣ ପାଇଁ ଉଦ୍ୟୋଗୀଙ୍କୁ ଗ୍ୟାରେଣ୍ଟି ପ୍ରଦାନ କରୁଛି।

ସରକାର ମଧ୍ୟ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଭାରତୀୟ ଦେବାଳିଆ ଆଇନରେ ଆବଶ୍ୟକ ସଂଶୋଧନ କରିଛନ୍ତି। ଏଥିରେ ଏକ ନୂଆ ବୋର୍ଡ ଗଠନ କରାଯାଇଛି। ଇଚ୍ଛାକୃତ ଖିଲାପିଙ୍କଠାରୁ ଋଣ ଆଦାୟ ଏବଂ ଋଣ ଶୁଝି ପାରୁନଥିବା ଉଦ୍ୟୋଗୀଙ୍କୁ କିପରି ସାହାଯ୍ୟ କରାଯାଇପାରିବ ତାହା ଏହି ବୋର୍ଡ କରୁଛି। ଋଣକାରୀର ସଂପତ୍ତି ବିକ୍ରିବଟା ଯେପରି ସହଜରେ ହୋଇପାରିବ ନୂଆ ଆଇନରେ ତାହାର ବ୍ୟବସ୍ଥା ହୋଇଛି।

**ଉପସଂହାର:**

ଏମ୍ଏସ୍ଏମ୍ଇ ଉଦ୍ୟୋଗର ବିକାଶ ପାଇଁ ସରକାର ଉଭୟ ଆଇନଗତ ଓ ଆନୁଷ୍ଠାନିକ ପରିବର୍ତ୍ତନ ଆଣି ଏକ ଆଧୁନିକ ଆର୍ଥିକ ବ୍ୟବସ୍ଥା ତିଆରି କରିଛନ୍ତି। ଏହାଦ୍ୱାରା ଏହି ଉଦ୍ୟୋଗର ନିଯୁକ୍ତି ପରିସର ବଢ଼ାଇବା ସହ ଉତ୍ପାଦନ ବୃଦ୍ଧି କରି ଅର୍ଥନୀତିକୁ ସମୃଦ୍ଧ କରିବାକୁ ସରକାର ଆଗ୍ରହୀ। ଡିଜିଟାଇଜେସନ ଓ ଜିଏସ୍ଟି ପ୍ରବର୍ତ୍ତନ ଭଳି ପଦକ୍ଷେପ ଏ କ୍ଷେତ୍ରକୁ ନିଶ୍ଚିତ ପ୍ରୋତ୍ସାହିତ କରିବ। ନୂଆ ଶିଳ୍ପନୀତି ଏହି ଉଦ୍ୟୋଗର ପୁନଃରୁତ୍ଥାନ ଓ ବିକାଶରେ ସହାୟକ ହେବ ବୋଲି ଆଶା କରାଯାଏ।

ଲେଖକ ହେଉଛନ୍ତି ନୂଆଦିଲ୍ଲୀସ୍ଥିତ ଭାରତୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଫେଡେରେସନ୍‌ର ମହାସଚିବ।

ବିଶେଷ ପ୍ରବନ୍ଧ

# ଭାରତୀୟ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ଟେକ୍‌ନୋଲୋଜି ବିକାଶ

ବାଲ୍ ସୁବ୍ରମଣ୍ୟମ୍ ମୁଙ୍ଗିଲା ଚିଲେମାନେ

ନିଯୁକ୍ତି, ଉତ୍ପାଦନ, ରପ୍ତାନୀ ଓ ଅର୍ଥନୀତିକୁ ଅବଦାନ କ୍ଷେତ୍ରରେ ଅତି କ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏମ୍‌ଏମ୍‌ଇ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ଏହାର ବିକାଶ ଉପରେ ବିଶ୍ୱର ଅଧିକାଂଶ ରାଷ୍ଟ୍ର ଅଗ୍ରାଧିକାର ଦେଉଛନ୍ତି। ଏହି ଉଦ୍ୟୋଗର ବିଶେଷତ୍ୱ ହେଲା ଏହା ନିରନ୍ତର ଓ ସମାବେଶୀ ଅଭିବୃଦ୍ଧି ଆଣିବା ସହ ନିଯୁକ୍ତି ସୃଷ୍ଟି କରିଥାଏ ଓ ଶିଳ୍ପାୟନକୁ ତ୍ୱରାନ୍ୱିତ କରେ। ଏହି ଉଦ୍ୟୋଗ ନୂଆ ନୂଆ ସାମଗ୍ରୀ ଓ ସେବା ସୃଷ୍ଟି କରିବା ସହିତ ସମାଜରେ ଥିବା ଆର୍ଥିକ ଅସମତାକୁ ଦୂର କରିବାରେ ସହାୟକ ହୁଏ। ବର୍ତ୍ତମାନର ବିଶ୍ୱାୟନ କାଳରେ ଏହି ଉଦ୍ୟୋଗକୁ ଅଧିକ ଦକ୍ଷ ଓ ପ୍ରତିଯୋଗୀ କରିବାର ଆବଶ୍ୟକତା ରହିଛି।

ପରିବର୍ତ୍ତିତ ସମୟର ଆବଶ୍ୟକତା ପୂରଣ ପାଇଁ ଏହି ଉଦ୍ୟୋଗର ଜ୍ଞାନକୌଶଳ ଓ ଯନ୍ତ୍ରପାତି (ଟେକ୍‌ନୋଲୋଜି)ରେ ପରିବର୍ତ୍ତନ ଏବଂ ଉନ୍ନତି ଆଣିବା ସବୁଠୁ ବଡ଼ ଆବଶ୍ୟକତା। ଦୁର୍ବଳ ଆର୍ଥିକ ସ୍ଥିତି, ଅନଗ୍ରସର ଭିତ୍ତି ଭୂମି ଓ ପୁରୁଣାକାଳିଆ ଯନ୍ତ୍ରପାତି ତଥା ଜ୍ଞାନକୌଶଳକୁ ନେଇ ଏହି ଉଦ୍ୟୋଗ ଆଗକୁ ବଢ଼ିପାରିବ ନାହିଁ। ଉନ୍ନତ ଟେକ୍‌ନୋଲୋଜି ପାଇଁ ଏହି ଉଦ୍ୟୋଗ ଆଭ୍ୟନ୍ତରୀଣ ବିକାଶ ଅପେକ୍ଷା ବାହ୍ୟ ସହାୟତା ଅଧିକ ଲୋଡ଼େ। ଏହା ସତ୍ତ୍ୱେ ବିକାଶଶୀଳ ରାଷ୍ଟ୍ରସମୂହ ଏଥିପାଇଁ ଟେକ୍‌ନୋଲୋଜି ବିକାଶ ରଣକୌଶଳ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି।

ବିଶ୍ୱ ଅର୍ଥନୀତିରେ ଟେକ୍‌ନୋଲୋଜି ବିକାଶ କ୍ଷେତ୍ରରେ ଭାରତର ସ୍ଥିତି ଓ ରେକର୍ଡ ଭଲ। ବିଶ୍ୱର ଅଧିକାଂଶ ଦେଶରେ ଏହି ଉଦ୍ୟୋଗ ଯେଉଁ ସମସ୍ୟାର ସମ୍ମୁଖୀନ ଭାରତରେ ଊଣା ଅଧିକେ ତାହା ମଧ୍ୟ ଦେଖାଯାଏ। ଭାରତରେ ଏହି ଉଦ୍ୟୋଗରେ ୫୧ ନିୟୁତ ଉଦ୍ୟୋଗୀ ଥିବାବେଳେ ୧୧୭ ନିୟୁତ ଲୋକ କାର୍ଯ୍ୟରତ। ପ୍ରଚଳିତ ମୂଲ୍ୟରେ ଏହି ଉଦ୍ୟୋଗର ରପ୍ତାନୀ ପରିମାଣ ୮୪୯୨ ବିଲିୟନ ଟଙ୍କା। ଏହି ଉଦ୍ୟୋଗର ମୋଟ୍ ଉତ୍ପାଦିତ ସାମଗ୍ରୀର ମୂଲ୍ୟ ୧୮୧୦୦ ବିଲିୟନ ଟଙ୍କା। (ଏକ ବିଲିୟନ = ୧୦୦କୋଟି)। ୨୦୧୪-୧୫ ଆର୍ଥିକ ବର୍ଷରେ ଦେଶର ଜିଡିପିକୁ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ଅବଦାନ ଥିଲା ୩୦.୭୪%। ମୋଟାମୋଟି କହିଲେ, ଏହି ଉଦ୍ୟୋଗ ଭାରତୀୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ।

ଏସବୁ ସତ୍ତ୍ୱେ ଏହି ଉଦ୍ୟୋଗର ଅନେକ ଦୁର୍ବଳତା ରହିଛି। ସେଗୁଡ଼ିକ ହେଲା ଏହା ଅସଂଗଠିତ, ଦୁର୍ବଳ, ଯନ୍ତ୍ରପାତି ଓ ଦକ୍ଷ ଲୋକଶକ୍ତି ଦୃଷ୍ଟିରୁ ଅନଗ୍ରସର ଏବଂ ଟେକ୍‌ନୋଲୋଜି ପ୍ରୟୋଗରେ ଅତ୍ୟନ୍ତ ପଛୁଆ। ତେବେ ଅର୍ଥନୀତିକୁ ଏହି ଉଦ୍ୟୋଗର ଗୁରୁତ୍ୱପୂର୍ଣ୍ଣ ଅବଦାନ ଦୃଷ୍ଟିରୁ ଏଥିରେ ପୁଂଜି ଲଗାଣ ଏବଂ ଟେକ୍‌ନୋଲୋଜି ବିକାଶ ପାଇଁ ଉଭୟ ସରକାରୀ ଓ ବେସରକାରୀ ହସ୍ତକ୍ଷେପ ଲୋଡ଼ା। ବଜାରରେ ଏବେ ଉନ୍ନତ ଟେକ୍‌ନୋଲୋଜି ଉପଲବ୍ଧ ହେଉଥିଲେ ହେଁ ଅର୍ଥାଭାବ ଯୋଗୁଁ ଏହି ଉଦ୍ୟୋଗ ତାହାର ସୁଯୋଗ ନେଇପାରୁନାହିଁ।

ଉପରୋକ୍ତ ପରିପ୍ରେକ୍ଷୀରେ ଭାରତୀୟ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ଟେକ୍‌ନୋଲୋଜି ଅପ୍‌ଗ୍ରେଡେସନ୍ ବା ବିକାଶ ପାଇଁ କ’ଣ



କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିବା। କୁହାଯାଉଛି ଯେ ଟେକ୍‌ନୋଲୋଜି ଟ୍ରାନ୍ସଫର ଭାରତୀୟ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ପାଇଁ ଏକ ଭଲ ବିକଳ୍ପ। ତେବେ ଏହାର ଉଦ୍ଦେଶ୍ୟ, ଉତ୍ସ, ପଥ ଓ ପ୍ରାପ୍ତିର ମାଧ୍ୟମ ଆଦିକୁ ବିଚାର କରିବାକୁ ପଡ଼ିବ। ଏହା ଯଦି ଏକ ଉତ୍ତମ ବିକଳ୍ପ, ସେଥିପାଇଁ ସରକାରୀ ନୀତି କ'ଣ ତାହା ମଧ୍ୟ ବିଚାର ସାପେକ୍ଷ।

**'ଟେକ୍‌ନୋଲୋଜି ଟ୍ରାନ୍ସଫର'ର ଅର୍ଥ ଓ ଗୁରୁତ୍ୱ:**

ଏହାର ସୂକ୍ଷ୍ମ ଅର୍ଥ ହେଲା ପ୍ୟାଟେଣ୍ଟ ହୋଇଥିବା କୌଣସି ନୂଆ ନକ୍ସା, ଯୋଜନା, ଯନ୍ତ୍ରପାତି, ଫର୍ମୁଲା ଓ ଜ୍ଞାନକୌଶଳକୁ ଗୋଟିଏ ଦେଶ ବା ସଂସ୍ଥାରୁ ଅନ୍ୟ ଦେଶ ଅଥବା ସଂସ୍ଥାକୁ ଯୋଗାଣ। ଏହି ଟେକ୍‌ନୋଲୋଜି ଉଭୟ ହାର୍ଡ (ସ୍ଥୁଳ) ଓ ସଫ୍ଟ (ସୂକ୍ଷ୍ମ) ହୋଇପାରେ। ଏ କ୍ଷେତ୍ରରେ ଆଉ ଏକ ବ୍ୟବସ୍ଥା ଅଛି। ନିଜ ସଂସ୍ଥା ବା ବ୍ୟବସ୍ଥା ଅଥବା ଦେଶରେ ଗବେଷଣା ଓ ଉନ୍ନୟନ ବ୍ୟବସ୍ଥା ମାଧ୍ୟମରେ ନୂଆ ଜ୍ଞାନକୌଶଳ, ପ୍ରଯୁକ୍ତିର ବିକାଶ ଘଟାଇ ତାହାକୁ ବ୍ୟବହାର କରିବା। ଅନେକ ସଂସ୍ଥା ଏହା କରିଥାନ୍ତି ଏବଂ ନିଜର ଅନୁଭୂତିକୁ ପୁଂଜି କରି ଉତ୍ପାଦନ ବ୍ୟବସ୍ଥାରେ ବିକାଶ ଆଣିଥାନ୍ତି। ଏସବୁ କାମ ପାଇଁ ଅବଶ୍ୟ ଅଧିକ ପୁଂଜି ଦରକାର ପଡ଼େ ଏବଂ ଅନେକ ଶିଳ୍ପ ସଂସ୍ଥା ସେଥିପାଇଁ ଅର୍ଥ ଯୋଗାଡ଼ କରିପାରନ୍ତି ନାହିଁ। ବିଭିନ୍ନ ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ ଓ ସରକାରୀ ସଂସ୍ଥା ମଧ୍ୟ ଏ କ୍ଷେତ୍ରରେ କାର୍ଯ୍ୟ କରି ନୂଆ ଜ୍ଞାନ କୌଶଳ ବିକାଶ କରି ଉଦ୍ୟୋଗକୁ ଯୋଗାଇଥାନ୍ତି।

ମୋଟାମୋଟି ଭାବେ କହିବାକୁ ଗଲେ ଏକ ନୂଆ ଜ୍ଞାନକୌଶଳର ପରିକଳ୍ପନା ଓ ବିକାଶ ଘଟାଇ ତାହାକୁ ଅନ୍ୟକୁ ହସ୍ତାନ୍ତର କରିବା ଏବଂ ତାହାର ଉପଯୋଗ କରି ଉତ୍ପାଦନ ତଥା ବ୍ୟବସାୟ ବଢ଼ାଇ ଟେକ୍‌ନୋଲୋଜି ଟ୍ରାନ୍ସଫର ଅର୍ଥ ଏବଂ ଗୁରୁତ୍ୱକୁ ବୁଝାଏ।

**ଟେକ୍‌ନୋଲୋଜି ବିକାଶ (ଅପ୍‌ଗ୍ରେଡେସନ୍):**

ଟେକ୍‌ନୋଲୋଜି ଅପଗ୍ରେଡେସନ୍‌ର ଲକ୍ଷ୍ୟ ହେଲା ଏକ ତୀବ୍ର ପ୍ରତିଯୋଗିତାମୂଳକ ବଜାରରେ ପ୍ରଚଳିତ ଟେକ୍‌ନୋଲୋଜିର ବିକାଶ ଘଟାଇ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇବା। କିଛି ସଂସ୍ଥା ଏ କ୍ଷେତ୍ରରେ ସାହସିକ ପଦକ୍ଷେପ ନେଇ ବଡ଼ଧରଣର ଟେକ୍‌ନୋଲୋଜି ବିକାଶ ପ୍ରକ୍ରିୟା ହାତକୁ ନେଉଥିବାବେଳେ ଆଉ କିଛି ସୀମିତ ଭାବେ ଏହାକୁ କାର୍ଯ୍ୟକାରୀ କରିଥାନ୍ତି। ତେବେ ଏ କ୍ଷେତ୍ରରେ ସଂସ୍ଥାର ଗବେଷଣା ଓ ଉନ୍ନୟନ କାର୍ଯ୍ୟର ଭୂମିକା ଅଧିକ ରହେ। ନିଜେ ଏ କ୍ଷେତ୍ରରେ ଗବେଷଣା କରି ନୂଆ ବିକାଶ ପଥ ବାହାର କରୁଥିବା ସଂସ୍ଥା ପ୍ରାୟତଃ ସଫଳ ହୋଇଥାନ୍ତି। ଏ କ୍ଷେତ୍ରରେ ଅବଶ୍ୟ ସ୍ୱଚ୍ଛଳ ସଂସ୍ଥା ଅପେକ୍ଷାକୃତ ଭଲ କରିଥାନ୍ତି।

ବାହ୍ୟ ଉତ୍ସରୁ ଉନ୍ନତ ଟେକ୍‌ନୋଲୋଜି ପାଇବାର ଅନେକ ସୂତ୍ର ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ପାଖରେ ରହିଛି। ସେଗୁଡ଼ିକ ହେଲା -

- ବିଶ୍ୱବିଦ୍ୟାଳୟରେ ଏଥିପାଇଁ ଗବେଷଣା କରିବାକୁ ଅର୍ଥ ଯୋଗାଣ କରି ସେଥିରେ ଅଂଶୀଦାର ହେବା
- କର୍ମଚାରୀ ଶିକ୍ଷା ପ୍ରାୟୋଜନ କରି ତାହାର ଲାଭ ନେବା
- ବାହ୍ୟ ଗବେଷଣା ଓ ଉନ୍ନୟନ ସଂସ୍ଥା ସୁଯୋଗର ଉପଯୋଗ
- ପରାମର୍ଶଦାତା ନିଯୁକ୍ତି ପୂର୍ବକ ବଜାରରେ ଉପଲବ୍ଧ ନୂଆ ଟେକ୍‌ନୋଲୋଜିର ସୁବିଧା ନେବା





- ଟେକ୍‌ନୋଲୋଜି ହାସଲ ପାଇଁ ଲାଇସେନ୍ସ ସୁବିଧା ନେବା
- ଟେକ୍‌ନିକାଲ ସଭାସମିତି, ପତ୍ରପତ୍ରିକା, ବାଣିଜ୍ୟ ମେଳା ଆଦିରୁ ଏ ସଂକ୍ରାନ୍ତ ତଥ୍ୟ ହାସଲ
- ବିକ୍ରେତା ବା ସପ୍ଲାୟର ମାଧ୍ୟମରେ ନୂଆ ଟେକ୍‌ନୋଲୋଜି କ୍ରୟ

ଏହି ଟେକ୍‌ନୋଲୋଜି ଟ୍ରାନ୍ସଫର ଦୁଇ ପ୍ରକାରର। ଗୋଟିଏ ଊର୍ଦ୍ଧ୍ୱମୁଖୀ ଓ ଅନ୍ୟଟି ଭୂମି ସହ ସମାନ୍ତରାଳ। ଊର୍ଦ୍ଧ୍ୱମୁଖୀ ଟେକ୍‌ନୋଲୋଜି ଟ୍ରାନ୍ସଫରର ଅର୍ଥ ହେଲା ବାହାରୁ ଏହାକୁ ଆଣି ସିଧାସଳଖ ସ୍ଥାପନ/ବ୍ୟବହାର କରିବା। ସମାନ୍ତରାଳର ଅର୍ଥ ହେଲା ଆଖପାଖରୁ ଦେଖି ଏହି ନୂଆ ଟେକ୍‌ନୋଲୋଜିକୁ କାମରେ ଲଗାଇବାକୁ ଆଗ୍ରହୀ ହେବା।

ଟେକ୍‌ନୋଲୋଜି ଟ୍ରାନ୍ସଫରରେ ନୂଆ ପ୍ରଯୁକ୍ତି ଓ ଜ୍ଞାନ କୌଶଳ ହାସଲ କରିବା ଗୋଟିଏ ଦିଗ ଓ ଏହାର ଅନ୍ୟ ଦିଗଟି ହେଲା, ଆବଶ୍ୟକ ସୂଚନା ଓ ଦକ୍ଷତା ହାସଲ କରି ନିଜ କର୍ମଚାରୀଙ୍କୁ ତାଲିମ, ପ୍ରଶିକ୍ଷଣ ଦେଇ ସୁଦକ୍ଷ କରାଇବା। ତା' ନ ହେଲେ ଟେକନୋଲୋଜି ଟ୍ରାନ୍ସଫର୍‌ର କୌଣସି ଲାଭ ମିଳିବ ନାହିଁ। ଆଜିକାଲି ଟେକ୍‌ନୋଲୋଜି ଟ୍ରାନ୍ସଫର ସମ୍ପର୍କରେ ସବିଶେଷ ପରାମର୍ଶ ଦେବାକୁ ଅନେକ ସଂସ୍ଥା କାର୍ଯ୍ୟ କରୁଛି। ସେମାନଙ୍କ ସହାୟତା ମଧ୍ୟ ଆଗ୍ରହୀ ଉଦ୍ୟୋଗୀ ନେଇପାରିବେ।

ଭାରତୀୟ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ବିକାଶ ପାଇଁ ଏବେ ଟେକ୍‌ନୋଲୋଜି ଟ୍ରାନ୍ସଫରର ବିଶେଷ ଗୁରୁତ୍ୱ ରହିଛି। ପୁରୁଣାକାଳିଆ ଯନ୍ତ୍ରପାତି, ଜ୍ଞାନକୌଶଳ ଓ ଅଣକୁଶଳି ଶ୍ରମିକ, କର୍ମଚାରୀଙ୍କୁ ନେଇ ଏହି ଉଦ୍ୟୋଗ ବେଶିବାଟ ଆଗେଇ ପାରିବ ନାହିଁ। ପ୍ରାରମ୍ଭିକ ଅବସ୍ଥାରେ ଏହା ବ୍ୟୟବହୁଳ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ଏହା ଉଦ୍ୟୋଗର ଉତ୍ପାଦକତା ବୃଦ୍ଧି, ସାମଗ୍ରୀର ମାନବୃଦ୍ଧି, ବିବିଧ ସାମଗ୍ରୀ ଉତ୍ପାଦନ, ଉତ୍ପାଦନ ଖର୍ଚ୍ଚ ହ୍ରାସ ଦିଗରେ ସହାୟକ ହୋଇଥାଏ। ଫଳରେ ଉଦ୍ୟୋଗୀଙ୍କୁ ବଜାରରେ ପ୍ରତିଯୋଗିତା କରିବାକୁ ସୁଯୋଗ ମିଳିଥାଏ।

ଏଯାବତ୍ ଆମେ ଟେକ୍‌ନୋଲୋଜି ଟ୍ରାନ୍ସଫରର ଅର୍ଥ, ଏହାର ଉଦ୍ଦେଶ୍ୟ, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ଉପଯୋଗିତା, ମାଧ୍ୟମ ଓ ଉତ୍ସ ଆଦି ସମ୍ପର୍କରେ ଆଲୋଚନା କରି ଏହି ସିଦ୍ଧାନ୍ତରେ ଉପନୀତ ଯେ ଏହା ଏକ ପ୍ରକ୍ରିୟା ଯାହାକୁ ଏଡ଼ାଇ ଦେଇହେବନାହିଁ। ନିରନ୍ତର ଏ ଦିଗରେ ଦୃଷ୍ଟି ରଖି କାର୍ଯ୍ୟ କରିବାକୁ ହେବ। ସେସବୁକୁ ରେଖା ଚିତ୍ରରେ ବର୍ଗୀକୃତ କରି ଉଲ୍ଲେଖ କରାଯାଇଛି।

**ଉଦ୍ଦେଶ୍ୟ** | **ଉତ୍ସ** | **ମାର୍ଗ** | **ଉପଲବ୍ଧି**

**ଉଦ୍ଦେଶ୍ୟ :**
- ସମୟ ବଞ୍ଚାଇହେବ
- ପଇସା ବଞ୍ଚାଇବା
- ଦକ୍ଷତା ଓ ବୈଷୟିକ ଅଭାବ ଦୂର ହେବ
- ବିଦେଶ ବଜାରକୁ ପ୍ରବେଶ ସୁବିଧା ମିଳିବ
- ଉତ୍ପାଦନ ପରିମାଣ ବଢ଼ିବ, ବିବିଧ ଦ୍ରବ୍ୟ ଉତ୍ପାଦିତ ହୋଇପାରିବ

**ଉତ୍ସ :**
- ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନ
- ଆରଆଣ୍ଡଡି ପ୍ରତିଷ୍ଠାନ ଓ ସିଆରସି ଆଦି
- ବୃହତ୍ ଉଦ୍ୟୋଗ ଓ ବହୁଦେଶୀୟ କମ୍ପାନୀ
- ବିଭିନ୍ନ ପ୍ରଦର୍ଶନୀରେ ଅଂଶଗ୍ରହଣ ଏକ ଟେକ୍‌ନିକାଲ୍ ଜର୍ଣ୍ଣାଲ ଆଦିରୁ ତଥ୍ୟ

**ମାର୍ଗ :**
- ବୈଷୟିକ ଶିକ୍ଷାନୁଷ୍ଠାନ
- ବୈଷୟିକ ସହାୟତା
- ଲାଇସେନ୍ସିଂ ଦ୍ୱାରା ଉଭୟ ହାର୍ଡ ଓ ସଫ୍ଟ ଓ୍ୱାର ଟ୍ରାନ୍ସଫର
- ସ୍ପିନ - ଅଫ୍‌ସ
- ଜଏଣ୍ଟ ଭେଞ୍ଚର
- ସବ୍ କଣ୍ଟ୍ରାକ୍ଟ

**ଉପଲବ୍ଧି :**
- ମୂଲ୍ୟ ହ୍ରାସ
- ସାମଗ୍ରୀ ମାନରେ ଉନ୍ନତି
- ଉନ୍ନତ ନୂଆ ଉତ୍ପାଦନ
- ଉନ୍ନତ ନୂଆ ପ୍ରକ୍ରିୟା
- ଉତ୍ପାଦନ ବୃଦ୍ଧି
- ବିକ୍ରି ବୃଦ୍ଧି
- ବିଶ୍ୱ ବଜାରକୁ ପ୍ରବେଶ

ଉପର ବର୍ଣ୍ଣିତ ତଥ୍ୟର ସାରାଂଶ ବାହାର କଲେ ଏହା ବୁଝିବାକୁ ହେବ ଯେ ଟେକ୍‌ନୋଲୋଜି ଟ୍ରାନ୍ସଫରରର ଲାଭ ଅନେକ। ଏହା ଉତ୍ପାଦନ ବୃଦ୍ଧି, ସ୍ୱଳ୍ପ ଖର୍ଚ୍ଚରେ ଉତ୍ତମମାନର ବିବିଧ ଦ୍ରବ୍ୟ ଉତ୍ପାଦନ, ନୂଆ ଡିଜାଇନ, ବିକ୍ରିବଟା ବୃଦ୍ଧି ଓ ବାହାର ବଜାର ଦଖଲରେ ସହାୟକ ହୋଇଥାଏ। ତେଣୁ ଏ କ୍ଷେତ୍ରରେ ଟେକ୍‌ନୋଲୋଜି ଟ୍ରାନ୍ସଫରକୁ ବିଳମ୍ବିତ ବା ଉପେକ୍ଷା କରାଯାଇ ନ'ପାରେ।

**ଉପସଂହାର:**

ଉପସଂହାରରେ କୁହାଯାଇପାରେ ଯେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ପାଇଁ ଟେକ୍‌ନୋଲୋଜି ଟ୍ରାନ୍ସଫର ଅପରିହାର୍ଯ୍ୟ ହୋଇଥିବାରୁ ଏ କ୍ଷେତ୍ରରେ ବିଳମ୍ବର ଅବକାଶ ନାହିଁ। ଏହି ଟ୍ରାନ୍ସଫର ପ୍ରକ୍ରିୟା ସମ୍ପାଦିତ କରିବାକୁ ଏବେ ବିଭିନ୍ନ ମାଧ୍ୟମ ଓ ମାର୍ଗ ମିଳୁଛି। ସରକାର ମଧ୍ୟ ଏ କ୍ଷେତ୍ରରେ ଆବଶ୍ୟକ ସାହାଯ୍ୟ ସହଯୋଗ କରୁଛନ୍ତି। ଭାରତୀୟ ଅର୍ଥନୀତିର ଆବଶ୍ୟକତା ଦୃଷ୍ଟିରୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବିକାଶ ତଥା ଉନ୍ନୟନ ଅପରିହାର୍ଯ୍ୟ। ଏହି ବିକାଶରେ ଟେକ୍‌ନୋଲୋଜି ଟ୍ରାନ୍ସଫର ଯେ ସର୍ବପ୍ରଥମ ଆବଶ୍ୟକତା ଏକଥା ଭୁଲିଗଲେ ଚଳିବ ନାହିଁ।




ଲେଖକ ହେଉଛନ୍ତି ବାଙ୍ଗାଲୋରସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥାନ ଅନ୍ତର୍ଗତ ମ୍ୟାନେଜ୍‌ମେଣ୍ଟ ବିଭାଗର ପ୍ରାଧ୍ୟାପକ।

ଫୋକସ୍

# ଭିନ୍ନ ଏକ ନିର୍ମାଣ: ଖଦି ଆୟୋଗଙ୍କ ନୂଆ ପ୍ରୟାସ

ଭି. କେ. ସକ୍ସେନା

**ହୃତ ଅସ୍ମିତାର ପୁନରୁଦ୍ଧାର:**

ଖଦି ଏକ ଜାତୀୟ ସଂକେତ ଓ ଗ୍ରାମୋଦ୍ୟୋଗ ଆମର ଐତିହାସିକ ଐତିହ୍ୟ। ଖଦିକୁ ଆମେ ଜାତୀୟତାବାଦର ମୌଳିକ ପ୍ରତୀକ କହି ଗର୍ବ ଅନୁଭବ କରୁ। ଜାତିର ଜନକ ମହାତ୍ମା ଗାନ୍ଧୀ ଏହି ଖଦି ଜାତୀୟତାବାଦର ମୁଖ୍ୟ ପ୍ରବକ୍ତା ଥିଲେ। ସ୍ୱାଧୀନତା ପରେ ମଧ୍ୟ ଆମର ଜାତୀୟ ନେତୃମଣ୍ଡଳୀ ଖଦିର ଐତିହ୍ୟ ଓ ଜାତୀୟ ମୂଲ୍ୟକୁ ଯଥୋଚିତ ମାନ୍ୟତା ପ୍ରଦାନ କରିଥିଲେ। ଖଦି ଓ ଅନ୍ୟାନ୍ୟ ହସ୍ତ ଶିଳ୍ପ ସାମଗ୍ରୀ ପ୍ରସ୍ତୁତ କରିବାକୁ ଏହି ନେତୃମଣ୍ଡଳୀ ଆବଶ୍ୟକ ପ୍ରୋତ୍ସାହନ ଦେଇଥିଲେ। ଏହି ଜାତୀୟ ବିଚାର ପ୍ରେକ୍ଷାପଟରେ ଗଠିତ ହୋଇଥିଲା ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି)। କେଭିଆଇସି ଦେଶବ୍ୟାପୀ ଖଦି ଓ ଗ୍ରାମୋଦ୍ୟୋଗ ବିକାଶ ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବା ସହ ଲୋକଙ୍କୁ ଆତ୍ମନିର୍ଭରଶୀଳ କରିବାରେ ଅନେକାଂଶରେ ସଫଳ ହୋଇଛି। ଯାହା ଏକଦା ଅଣଲାଭଦାୟକ ବୋଲି ବିବେଚିତ ହେଉଥିଲା ସେହି ଖଦି ଉଦ୍ୟୋଗ ସମୟକ୍ରମେ ଲାଭଜନକ ଓ ଉପଯୋଗୀ ପ୍ରମାଣିତ ହୋଇପାରିଲା।

କେଭିଆଇସି ପ୍ରଥମେ ଦୁଇଟି କାର୍ଯ୍ୟ ଉପରେ ଧ୍ୟାନ କେନ୍ଦ୍ରୀତ କରିଥିଲା। ପ୍ରଥମଟି ହେଲା - ଜାତୀୟ ଚିହ୍ନ ଭାବେ ଏକଦା ବିବେଚିତ ଓ ସମାଜର ବିଶେଷ ସେବା କରିଥିବା ଖଦିକୁ ଯେପରି ଲୋକେ ଓ ଦେଶ ଭୁଲି ନ ଯିବେ ସେଥିପାଇଁ ପଦକ୍ଷେପ ଗ୍ରହଣ। ଦ୍ୱିତୀୟ କାର୍ଯ୍ୟଟି ଥିଲା - ଯେଉଁ ଉଦ୍ଦେଶ୍ୟରେ ଖଦିର ପ୍ରସାରକୁ ଗୁରୁତ୍ୱ ଦିଆଯାଇଥିଲା ତାହାକୁ ଅବ୍ୟାହତ ରଖି ଲୋକଙ୍କୁ କର୍ମନିଯୁକ୍ତି ଯୋଗାଣ ସହ ଆତ୍ମନିର୍ଭରଶୀଳ କରିବାକୁ ଏକ ନୂଆ ପ୍ରୟାସ।

> ରାଷ୍ଟ୍ରପତି ଭବନରୁ କେଭିଆଇସି 'ମହୁ ମିଶନ' ଆରମ୍ଭ କରିଛି। ରାଷ୍ଟ୍ରପତି ଭବନ ପରିସରରେ କେଭିଆଇସି ଯେଉଁ ମହୁମାଛି ପାଳନ କେନ୍ଦ୍ର ତିଆରି କରିଛି ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାହାକୁ ବୁଲି ଦେଖିଛନ୍ତି। ଏଥିରେ ୧୫୦ ମହୁବାକ୍ସ ରହିଛି। ଆସନ୍ତା କେଇମାସରେ ଏହି ବାକ୍ସ ସଂଖ୍ୟା ୫୦୦କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଫଳରେ ରାଷ୍ଟ୍ରପତି ଭବନ ପରିସରରୁ ୧୫୦୦ କିଲୋଗ୍ରାମ ଅତି ଉଚ୍ଚମାନର ମହୁ ଉତ୍ପାଦିତ ହୋଇପାରିବ। ବାରାଣସୀର ସେବାପୁରୀ ଏକ କୃଷି ପ୍ରଧାନ ଅଞ୍ଚଳ। ଏହା ଗଛବୃକ୍ଷ ଓ ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ। ଏଠାରେ ମଧୁ ଅଭିଯାନ କାର୍ଯ୍ୟକ୍ରମରେ ଆଶ୍ରମ ପରିସର ଓ ଆଖପାଖରେ ଏକଶହ ମହୁ ବାକ୍ସ ବସାଯାଇଛି। ଉଭୟ ମହୁ ଉତ୍ପାଦନ ଓ କୃଷକଙ୍କୁ ମହୁମାଛି ପାଳନ ପାଇଁ ତାଲିମ୍ ଏଠାରେ ଦିଆଯାଉଛି। ଏହା ବାରାଣସୀ ଜିଲ୍ଲାର ଏ ଧରଣର ପ୍ରଥମ ମହୁ ଉତ୍ପାଦନ କେନ୍ଦ୍ର।

**ସେବାପୁରୀର ପୁନରୁଦ୍ଧାର:**

ବାପୁଜୀଙ୍କ ଦିଗଦର୍ଶନରେ ବାରାଣସୀର ସେବାପୁରୀ ଗାନ୍ଧି ଆଶ୍ରମ ୧୯୪୬ରେ ପ୍ରତିଷ୍ଠା କରାଯାଇଥିଲା। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ଖଦିକୁ ପ୍ରୋତ୍ସାହନ ଓ ଲୋକଙ୍କୁ ରୋଜଗାର ପ୍ରଦାନ। ଦେଶର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଏହାକୁ ଉଦ୍‌ଘାଟନ କରିଥିଲେ। ଗାନ୍ଧିଜୀ ବେଶ୍ କିଛି ଦିନ ସେବାପୁରୀରେ ଅବସ୍ଥାନ କରିଥିଲେ। ସେବାପୁରୀର ପରିସର ଥିଲା ୧୨ ଏକର ଓ ଏଠାରେ ୫୦୦ରୁ ଅଧିକ ଲୋକ କାମ କରୁଥିଲେ। ସମୟକ୍ରମେ ଏହା ଦେଶର ଏକ ସର୍ବଶ୍ରେଷ୍ଠ ଖଦି କେନ୍ଦ୍ରରେ ପରିଣତ ହୋଇଥିଲା। କାଳକ୍ରମେ ଆର୍ଥିକ ସଂକଟ ଓ ଉପଯୁକ୍ତ ପରିଚାଳନାର ଅଭାବରୁ ଏହା ରୁଗ୍‌ଣ ହୋଇପଡ଼ିଲା ଏବଂ ୧୯୯୦ରେ ଏହାକୁ ବନ୍ଦ୍ କରିଦିଆଗଲା। ଏକଦା ଦେଶର ଅନ୍ୟତମ ଉତ୍କୃଷ୍ଟ ଖଦି କେନ୍ଦ୍ରର ମାନ୍ୟତା ଲାଭ କରିଥିବା ସେବାପୁରୀ ଏକ ଗୌରାବାଜ୍ୱଳ ଅତୀତର ଭଗ୍ନ ସ୍ମାରକୀରେ ପରିଣତ ହେବାକୁ ବାଧ୍ୟ ହେଲା।

କେଭିଆଇସି ଏହି କେନ୍ଦ୍ରକୁ ଦୀର୍ଘ ୨୬ବର୍ଷ ପରେ ଗତ ସେପ୍ଟେମ୍ବର ମାସରେ ସେବାଦିବସରେ ପୁନର୍ବାର ଚାଲୁ କରିଛି। କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍ଆର୍) ପାଣ୍ଠିରୁ ଏଥିପାଇଁ ଅର୍ଥ ଯୋଗାଇ ଦେବାକୁ ଗ୍ରାମ୍ୟ ବିଦ୍ୟୁତ୍‌କରଣ ନିଗମ (ଆରଇସି) ରାଜି ହୋଇଛି। ଏହି କେନ୍ଦ୍ରର ଖଦି ଉତ୍ପାଦନକୁ ପୁନର୍ବାର ଚାଲୁ କରିବା ପାଇଁ ୫କୋଟି


୫୦ଲକ୍ଷ ଟଙ୍କା ଯୋଗାଇ ଦେଇଛି । ଖଦି କାର୍ଯ୍ୟକ୍ରମ ପାଇଁ ପ୍ରଥମ ଥର ଦେଶରେ କୌଣସି ଏକ ସଂସ୍ଥା ସିଏସ୍‌ଆର୍ ପାଣ୍ଠି ବିନିଯୋଗ କରିବା ଏହା ହେଉଛି ପ୍ରଥମ ଘଟଣା । ଏଥିରେ ୫୦୦ ସୌରଚାଳିତ ତନ୍ତ ଓ ୫୦୦ ସୌରଚାଳିତ ଚରଖା ବଣ୍ଟନ କରାଯାଇଛି । ସୌର ଚରଖା ଓ ସୌର ତନ୍ତ ଚାଳନା ସମ୍ପର୍କରେ ତାଲିମ ଦେବାକୁ ବାରାଣସୀ ଜିଲାର ଜୟପୁର ଓ କାକ୍ରାହିୟା ଗାଁରେ ଦୁଇଟି କେନ୍ଦ୍ର ସ୍ଥାପନ କରାଯାଇଛି । ଦୁଇକେନ୍ଦ୍ରକୁ ପ୍ରତ୍ୟେକ ୨୫ଟି ସୌର ଚରଖା ଓ ପାଞ୍ଚଟି ସୌର ତନ୍ତ ଯୋଗାଇ ଦିଆଯାଇଛି ।

ଏହି ପରିପ୍ରେକ୍ଷୀରେ ସେବାପୁରୀର ନୂଆ ପ୍ରୟାସ ସମ୍ପର୍କରେ କିଛି ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ । ଏଠାରେ ପ୍ରଥମ କରି ୨୫୦ ସୌରଶକ୍ତି ଚାଳିତ ଚରଖା ଓ ୨୫ଟି ସୌର ଶକ୍ତିଚାଳିତ ତନ୍ତ ଗୋଟିଏ ଛାତ ତଳେ କାର୍ଯ୍ୟ କରୁଛି । ଏହି କେନ୍ଦ୍ର ପାଇଁ ପ୍ରଥମ କରି ସିଏସ୍‌ଆର୍ ପାଣ୍ଠିରୁ ଅର୍ଥ ଯୋଗାଣର ବ୍ୟବସ୍ଥା କରାଯାଇଛି । ଏହାର ପ୍ରତ୍ୟକ୍ଷ ଉଦ୍ୟମରେ ବାରାଣସୀ ଜିଲ୍ଲାରେ ପ୍ରଥମ ଲିଜତ ପାମ୍ପଡ଼ ତିଆରି କାରଖାନା ପ୍ରତିଷ୍ଠା ହୋଇଛି । ଏଥିରେ ୧୭୦ ମହିଳା ନିଯୁକ୍ତି ପାଇଛନ୍ତି ଏବଂ ଦୈନିକ ୨୦୦ କିଲୋଗ୍ରାମ ପାମ୍ପଡ଼ ଉତ୍ପାଦିତ ହେଉଛି । କେନ୍ଦ୍ରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହୁ ଉତ୍ପାଦନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି, ଯାହା ଦେଶର ପ୍ରଥମ । ଏକଶହ ମହୁବାକ୍ସ ରଖାଯାଇ ମହୁ ଉତ୍ପାଦନ କରାଯିବା ସହିତ ଲୋକଙ୍କୁ ଏଥିପାଇଁ ତାଲିମ ପ୍ରଦାନ କରାଯାଉଛି । ଦେଶର ପ୍ରଥମ ଖଦି ଅନୁଷ୍ଠାନ ଭାବେ ଏଠାରେ ଖାଇବା ଲୁଣ ପ୍ରସ୍ତୁତି ଏବଂ ପ୍ୟାକେଜିଂ ବ୍ୟବସ୍ଥା ଆରମ୍ଭ ହୋଇଛି । 'ଆଶ୍ରମ ଲବଣ' ନାମରେ ନାମିତ ଏହି ଲୁଣର ଆଦର ଓ ଚାହିଦା ବେଶ୍ ରହିଛି । ଅନେକ ଶିକ୍ଷିତା ମହିଳାଙ୍କ ସମେତ ୫୦୦ ମହିଳା ଓ ପୁରୁଷ ଏହି ଆଶ୍ରମରେ କାମ କରୁଛନ୍ତି ।

**ପାମ୍ପୋର ପ୍ରୟାସ:**

ଜାମ୍ମୁ-କାଶ୍ମୀରର ଐତିହାସିକ ସହର ପାମ୍ପୋର, ଝେଲମ ନଦୀର ପୂର୍ବ ପଟରେ ଅବସ୍ଥିତ । ଏହା 'କେଶର' ପାଇଁ ବିଶ୍ୱ ପ୍ରସିଦ୍ଧ ଏବଂ ଏହାକୁ 'କେଶର ନଗରୀ' ବୋଲି ମଧ୍ୟ କୁହାଯାଏ । ୧୯୯୦ ଆତଙ୍କବାଦୀ ଆକ୍ରମଣରେ ଛୋଟ ସହରଟି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା । ବହୁ ପୂର୍ବରୁ ସେଠାରେ ଖଦିର ଏକ ତାଲିମ କେନ୍ଦ୍ର ଥିଲା ଏବଂ ସମୟକ୍ରମେ ଏହା ବନ୍ଦ୍ ହୋଇଯାଇଥିଲା । ଗାନ୍ଧିଜୀ ୧୯୪୭ରେ ଏହି କେନ୍ଦ୍ରକୁ ପରିଦର୍ଶନ କରିଥିଲେ ।

କେଭିଆଇସି ୨୦୧୭ ଅଗଷ୍ଟ ୨୭ରେ ଏହାର ପୁନରୁଦ୍ଧାର କରିଛି । ଏଠାରେ ଏବେ ସୂତାକଟା ଓ ଲୁଗାବୁଣା ସମ୍ପର୍କରେ ତାଲିମ ପାଠ୍ୟକ୍ରମ ଆରମ୍ଭ କରାଯାଇଛି । ଏହାଛଡ଼ା ମହୁଚାଷ, ଇଡିପି ଓ ସୋଲାର ଚରଖା ବିଷୟରେ ମଧ୍ୟ ତାଲିମ ପ୍ରଦାନ କରାଯାଉଛି । ଆତଙ୍କବାଦୀଙ୍କ







ଆକ୍ରମଣରେ ନଷ୍ଟ ହୋଇଯାଇଥିବା ଏକ ସରକାରୀ ଖଦି ବିକ୍ରୟ କେନ୍ଦ୍ରର ମଧ୍ୟ ପୁନରୁଦ୍ଧାର ହୋଇଛି।

ସେହିଭଳି ଗୁଜରାଟର ଆଦିବାସୀ ଅଧ୍ୟୁଷିତ ବନଜ ଗାଁକୁ କେଭିଆଇସି ସୌରଚାଳିତ ୨୫ଟି ଚରଖା ଓ ୫ଟି ତନ୍ତ ଯୋଗାଇ ଦେଇଛି। ଏହି ଗାଁର ୫୦ ଆଦିବାସୀ ମହିଳାଙ୍କ ପାଇଁ ନିରନ୍ତର ରୋଜଗାର ଯୋଗାଣ ବ୍ୟବସ୍ଥା ମଧ୍ୟ କରାଯାଇଛି। ଗତ ଏପ୍ରିଲ ମାସରେ ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନ ସନ୍ନିକଟ ଏକ ଗାଁ ସିଲିମଖୋଆରେ କେଭିଆଇସି ଗୋଟିଏ ନୂଆ ତାଲିମ ଓ ଉତ୍ପାଦନ କେନ୍ଦ୍ର ଖୋଲିଛି। ପଶୁ ଶିକାର କରି ବଂଚୁଥିବା ଏହି ଗାଁର ଲୋକଙ୍କୁ ବିକଳ୍ପ ରୋଜଗାର ଦେବା ଲକ୍ଷ୍ୟରେ ସୌରଶକ୍ତି ଚାଳିତ ୨୫ଟି ଚରଖା, ପାଞ୍ଚଟି ତନ୍ତ ଓ ଅନ୍ୟାନ୍ୟ ଉପକରଣ କେଭିଆଇସି ପକ୍ଷରୁ ପ୍ରଦାନ କରାଯାଇଛି। ଏହି ପ୍ରୟାସ ମାଧ୍ୟମରେ ସେଠାକାର ୫୦ଟି ଗ୍ରାମୀଣ ପରିବାରକୁ ପ୍ରତ୍ୟକ୍ଷ ନିଯୁକ୍ତି ସୁବିଧା ମିଳି ପାରିଛି।

**୨) ମଧୁ ସଂଗ୍ରହ ପ୍ରୟାସ:**

ଭାରତର ପ୍ରାକୃତିକ ପରିବେଶ ଓ ପରିସ୍ଥିତି ମହୁ ଉତ୍ପାଦନ ନିମନ୍ତେ ବିପୁଳ ସୁଯୋଗ ଯୋଗାଏ। ଦେଶର ଜଙ୍ଗଲାଞ୍ଚଳ, ଅର୍ଦ୍ଧ ବନାଞ୍ଚଳ ଓ ଚାଷବାସ ହେଉଥିବା ଇଲାକାରେ ମହୁଚାଷ ବେଶ୍ ଲୋକପ୍ରିୟ। ଗ୍ରାମୋଦ୍ୟୋଗର ଏହା ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହୋଇଥିବାରୁ ଏହାକୁ କେଭିଆଇସି ପକ୍ଷରୁ ଉତ୍ସାହିତ କରାଯାଉଛି। ମହୁମାଛି ପାଳନଦ୍ୱାରା ମହୁ ଉତ୍ପାଦନ ଓ ପରାଗସଂଗମ ପ୍ରକ୍ରିୟା ସହଜ ହୋଇ କୃଷି ଉତ୍ପାଦନ ମଧ୍ୟ ବଢୁଛି। ଏହାଛଡ଼ା, ମହମ, ପରାଗ, ମହୁମାଛିର ବିଷ ଆଦି ସଂଗୃହୀତ ହୋଇ ଲୋକଙ୍କ ବିଭିନ୍ନ କଲ୍ୟାଣ ନିମନ୍ତେ ବିନିଯୋଗ ହେଉଛି। ଏସବୁକୁ ଦୃଷ୍ଟିରେ ରଖି କେଭିଆଇସି ଦେଶରେ ମଧୁ ଅଭିଯାନ (ହନି ମିଶନ) ଆରମ୍ଭ କରିଛି।

ଏଥର ସ୍ୱାଧୀନତା ଦିବସରେ ଭାରତରେ ଅବସ୍ଥାପିତ ଆମେରିକାର କାର୍ଯ୍ୟକାରୀ ରାଷ୍ଟ୍ରଦୂତ ମେରୀ କାର୍ଲସନ ଖଦି ଶାଢ଼ି ପିନ୍ଧି ସମାବେଶ ସ୍ଥଳକୁ ଆସିଥିଲେ। ଏହା ଭାରତ ପାଇଁ ନିଶ୍ଚୟ ଏକ ଗୌରବର ବିଷୟ। ସେ ମଧ୍ୟ କନ୍ନଟପ୍ଲେସରେ ଥିବା 'ଖଦି ଇଣ୍ଡିଆ' ବିକ୍ରୟକେନ୍ଦ୍ରକୁ ଯାଇ ମନପସନ୍ଦର ଖଦି ଶାଢ଼ି କିଣିଥିଲେ। ସ୍ୱଦେଶୀର ଚିହ୍ନ ଖଦି, ଯାହା ମୁକ୍ତି ସଂଗ୍ରାମ କାଳରେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା, ତାହା ପାଇଁ ଏହା ନିଶ୍ଚୟ ଏକ ବଡ଼ ସଫଳତା।

ମହୁ ଚାଷ କରୁଥିବା ଲୋକଙ୍କୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇବା ଏହାର ଲକ୍ଷ୍ୟ। ଚଳିତ ବର୍ଷ ମହୁଚାଷୀଙ୍କୁ ଏକଲକ୍ଷ ମହୁ ବାକ୍ସ ଯୋଗାଇବାକୁ କେଭିଆଇସି ଲକ୍ଷ୍ୟ ରଖିଛି।

ରାଷ୍ଟ୍ରପତି ଭବନରୁ କେଭିଆଇସି 'ମହୁ ମିଶନ' ଆରମ୍ଭ କରିଛି। ରାଷ୍ଟ୍ରପତି ଭବନ ପରିସରରେ କେଭିଆଇସି ଯେଉଁ ମହୁମାଛି ପାଳନ କେନ୍ଦ୍ର ତିଆରି କରିଛି ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାହାକୁ ବୁଲି ଦେଖିଛନ୍ତି। ଏଥିରେ ୧୫୦ ମହୁବାକ୍ସ ରହିଛି। ଆସନ୍ତା କେଇମାସରେ ଏହି ବାକ୍ସ ସଂଖ୍ୟା ୫୦୦କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଫଳରେ ରାଷ୍ଟ୍ରପତି ଭବନ ପରିସରରୁ ୧୫୦୦ କିଲୋଗ୍ରାମ ଅତି ଉଚ୍ଚମାନର ମହୁ ଉତ୍ପାଦିତ ହୋଇପାରିବ।

ବାରାଣସୀର ସେବାପୁରୀ ଏକ କୃଷି ପ୍ରଧାନ ଅଞ୍ଚଳ। ଏହା ଗଛବୃକ୍ଷ ଓ ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ। ଏଠାରେ ମଧୁ ଅଭିଯାନ କାର୍ଯ୍ୟକ୍ରମରେ ଆଶ୍ରମ ପରିସର ଓ ଆଖପାଖରେ ଏକଶହ ମହୁ ବାକ୍ସ ବସାଯାଇଛି। ଉଭୟ ମହୁ ଉତ୍ପାଦନ ଓ କୃଷକଙ୍କୁ ମହୁମାଛି ପାଳନ ପାଇଁ ତାଲିମ୍ ଏଠାରେ ଦିଆଯାଉଛି। ଏହା ବାରାଣସୀ ଜିଲ୍ଲାର ଏ ଧରଣର ପ୍ରଥମ ମହୁ ଉତ୍ପାଦନ କେନ୍ଦ୍ର।

ପାମ୍ପୋରରେ ମଧ କେଭିଆଇସି ପକ୍ଷରୁ ଏକ ଶହ ମହୁବାକ୍ସ ରଖାଯାଇଛି। ସେଠାରେ ଚାଷୀଙ୍କୁ ମହୁବାକ୍ସ ବଣ୍ଟନ କରାଯିବା ସହିତ ମହୁ ଚାଷ ପାଇଁ ଆବଶ୍ୟକ ତାଲିମ ମଧ୍ୟ ପ୍ରଦାନ କରାଯାଉଛି।


**ମହିଳା ସଶକ୍ତୀକରଣ:**

କେଭିଆଇସିର ସବୁ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟରେ ମହିଳାଙ୍କ ମୁକ୍ତି ଓ ସଶକ୍ତୀକରଣ ଅଗ୍ରାଧିକାର ପାଇଥାଏ। ଏହା ସେବାପୁରୀ ହେଉ ଅଥବା ପାମ୍ପୋର, ସବୁଠି ମହିଳାଙ୍କ ସଶକ୍ତୀକରଣ ପ୍ରାଧାନ୍ୟ ଲାଭ କରିଛି। କେବଳ ଜଣେ ସଶକ୍ତ ମହିଳା ହିଁ ଏକ ସୁସ୍ଥ ପରିବାର ଓ ସୁସ୍ଥ ରାଷ୍ଟ୍ର ଗଠନରେ ସମର୍ଥ ହୋଇପାରିବ। ଏହି ବିଶ୍ୱାସରେ ମହିଳା ସଶକ୍ତୀକରଣକୁ କେଭିଆଇସି ଗୁରୁତ୍ୱ ଦେଇଛି। ମଧ୍ୟପ୍ରଦେଶର ନର୍ମଦା ଉପତ୍ୟକା ଅଞ୍ଚଳର ଓଁକାରେଶ୍ୱରଠାରେ ଆଦିବାସୀ ମହିଳାଙ୍କୁ ୮୦ଟି ଚରଖା ପ୍ରଦାନ କରି କେଭିଆଇସି ଏକ ସହଯୋଗ ଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇଛି। ବୁଣାକାର ବର୍ଗର ଏହି ମହିଳାମାନଙ୍କୁ ମଧ ଆବଶ୍ୟକ ତାଲିମ ପ୍ରଦାନ କରାଯାଇଛି। ସେମାନେ ସେ ଅଞ୍ଚଳର ଅନ୍ୟ ମହିଳାଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି। ସହଯୋଗ କାର୍ଯ୍ୟକ୍ରମରେ କେଭିଆଇସି ଦେଶର ବିଭିନ୍ନ ଗ୍ରାମାଞ୍ଚଳରେ ଏକ ହଜାରରୁ ଅଧିକ ଚରଖା ବାଣ୍ଟିବାରେ ସଫଳ ହୋଇଛି।

**ବଜାରରେ ଉପସ୍ଥିତି ଜାହିର:**

ଗ୍ରାମାଞ୍ଚଳ ଲୋକଙ୍କ ଜୀବିକା ଅର୍ଜନ ପ୍ରକ୍ରିୟାକୁ ସହାୟତା ପ୍ରଦାନରେ ବଜାର (ମାର୍କେଟ) ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ଚାହିଦା ଓ ଯୋଗାଣ ମଧ୍ୟରେ ସମନ୍ୱୟ ରଖେ। ସେଥିପାଇଁ କେଭିଆଇସି ନିରନ୍ତର ବଜାର ଉପରେ ନଜର ରଖିଥାଏ। ବଜାରର ଚାହିଦା ଦେଖି ଏହା ସାମଗ୍ରୀ ଉତ୍ପାଦନ ପାଇଁ ଗ୍ରାମାଞ୍ଚଳ ଲୋକଙ୍କୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଥାଏ।

**ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରୋତ୍ସାହନ:**





ଓଏନ୍‌ଜିସି ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କମ୍ପାନୀ ତଥା ସଂସ୍ଥାରୁ କେଭିସିଆଇ ବଡ଼ ବଡ଼ ବରାଦ ପାଇଥାଏ। ଓଏନ୍‌ଜିସି ନିଜର ୩୫ ହଜାର କର୍ମଚାରୀଙ୍କ ପାଇଁ ୪୫ କୋଟି ଟଙ୍କାର ରେଡିମେଡ୍ ପୋଷାକ କିଣିବାକୁ ବରାଦ ଦେଇଛି। ସେହିଭଳି ରେଳବାଇ ବେଡ୍‌ସିଟ୍, ତକିଆ ଖୋଳ ଓ କମ୍ବଳ ପାଇଁ ୪୨କୋଟି ଟଙ୍କାର ବରାଦ ଦେଇଥିବାବେଳେ ଏୟାର ଇଣ୍ଡିଆ ନିଜର ଯାତ୍ରୀଙ୍କ ବ୍ୟବହାରରେ ଲାଗୁଥିବା ବିଭିନ୍ନ ସାମଗ୍ରୀ କିଣିବାକୁ ୧୧କୋଟିରୁ ଅଧିକ ଟଙ୍କାର ବରାଦ ଦେଇଛି। ଏନ୍‌ଟିପିସି ମଧ୍ୟ ୫କୋଟି ଟଙ୍କାର ଜ୍ୟାକେଟ୍ କିଣିବାକୁ ବରାଦ ଦେଇଥିବାବେଳେ ବହୁ ଘରୋଇ କମ୍ପାନୀ ବଡ଼ଧରଣର ସାମଗ୍ରୀ କିଣିବାକୁ ବରାଦ ଦେଇଛନ୍ତି।

ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ହସ୍‌ପିଟାଲ ଓ ଏହାର କର୍ମଚାରୀମାନଙ୍କ ପାଇଁ ଖଦିକୁ ବାଧ୍ୟତାମୂଳକ କରିଛି। ଏହା କେଭିଆଇସିରୁ ୧୫୦ କୋଟି ଟଙ୍କା ମୂଲ୍ୟର ସାମଗ୍ରୀ କିଣିବ। ଏହାଦ୍ୱାରା ଖଦି ଓ ଗ୍ରାମୋଦ୍ୟୋଗ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ଜୀବନ ଓ ଜୀବିକା ଉପରେ କିପ୍ରକାର ଉତ୍ତମ ପ୍ରଭାବ ପଡ଼ିବ ତାହା ସହଜେ ଅନୁମେୟ।

ଏୟାର ଇଣ୍ଡିଆ କେଭିଆଇସିଠାରୁ ଆଉ ୧୨କୋଟି ଟଙ୍କାର ସାମଗ୍ରୀ କିଣିବାକୁ ବରାଦ ଦେଇଛି। ଏହି ସରକାରୀ ଉଡ଼ାଣକାରୀ ସଂସ୍ଥା ଏହାର ବିମାନରେ କେବଳ ଖଦି ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛି।

ପ୍ରତିଯୋଗିତାମୂଳକ ଟେଣ୍ଡର ପ୍ରକ୍ରିୟା ତଥା ସାମଗ୍ରୀର ମାନ ପରୀକ୍ଷା ପରେ କେଭିଆଇସିକୁ ଏହି ସବୁ ବରାଦ ମିଳୁଛି। ଏହା ଫଳରେ ସାମଗ୍ରୀର ଗୁଣବତ୍ତା ଓ ବିଶ୍ୱସନୀୟତା ବଜାୟ ରହିଛି କହିଲେ ଭୁଲ ହେବ ନାହିଁ। କେଭିଆଇସି ମଧ୍ୟ ଖଦି ହ୍ୟାଣ୍ଡ ସାନିଟାଇଜର, ଖଦି ମଏଶ୍ଚରାଇଜର ଲୋଶନ, ଖଦି ଲିମନଗ୍ରାସ, ହାତତିଆରି ସାବୁନ, ଲିପ୍ ବାମ୍, ଫେଶ୍‌ୱାସ୍, ବାସନା ତେଲ ଆଦି ପ୍ରସ୍ତୁତ କରୁଛି ଯାହାର ବଜାର ଚାହିଦା ମଧ୍ୟ ଭଲ।

ଗୁଜରାଟର ଆଦିବାସୀ ଅଧ୍ୟୁସିତ ବନଜ ଗାଁକୁ କେଭିଆଇସି ସୌରଚାଳିତ ୨୫ଟି ଚରଖା ଓ ୫ଟି ତନ୍ତ ଯୋଗାଇ ଦେଇଛି। ଏହି ଗାଁର ୫୦ ଆଦିବାସୀ ମହିଳାଙ୍କ ପାଇଁ ନିରନ୍ତର ରୋଜଗାର ଯୋଗାଣ ବ୍ୟବସ୍ଥା ମଧ୍ୟ କରାଯାଇଛି। ଗତ ଏପ୍ରିଲ ମାସରେ ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନ ସନ୍ନିକଟ ଏକ ଗାଁ ସିଲିମଖୋଆରେ କେଭିଆଇସି ଗୋଟିଏ ନୂଆ ତାଲିମ ଓ ଉତ୍ପାଦନ କେନ୍ଦ୍ର ଖୋଲିଛି। ପଶୁ ଶିକାର କରି ବଂଚୁଥିବା ଏହି ଗାଁର ଲୋକଙ୍କୁ ବିକଳ୍ପ ରୋଜଗାର ଦେବା ଲକ୍ଷ୍ୟରେ ସୌରଶକ୍ତି ଚାଳିତ ୨୫ଟି ଚରଖା, ପାଞ୍ଚଟି ତନ୍ତ ଓ ଅନ୍ୟାନ୍ୟ ଉପକରଣ କେଭିଆଇସି ପକ୍ଷରୁ ପ୍ରଦାନ କରାଯାଇଛି। ଏହି ପ୍ରୟାସ ମାଧ୍ୟମରେ ସେଠାକାର ୫୦ଟି ଗ୍ରାମୀଣ ପରିବାରକୁ ପ୍ରତ୍ୟକ୍ଷ ନିଯୁକ୍ତି ସୁବିଧା ମିଳି ପାରିଛି।

**ପହଞ୍ଚ ପରିସର ବୃଦ୍ଧି:**

ଦେଶରେ ଉତ୍ତମ ମାନର ସାମଗ୍ରୀ ଉତ୍ପାଦନ କରିବା ଏବଂ ସେଥିରେ ଦେଶୀ କାରିଗରୀ କୌଶଳ ଉପଯୋଗ କରି ସ୍ଥାନୀୟ ଲୋକଙ୍କୁ ରୋଜଗାରର ସୁଯୋଗ ଯୋଗାଇଦେବାର ବାର୍ତ୍ତା ବିଶ୍ୱବ୍ୟାପୀ ପ୍ରଚାର ଉପରେ କେଭିସିଆଇ ଗୁରୁତ୍ୱ ଦିଏ। ବିଭିନ୍ନ ଦେଶର ରାଷ୍ଟ୍ରଦୂତ ଓ ବିଶିଷ୍ଟ ବ୍ୟକ୍ତି ମଝିରେ ମଝିରେ କେଭିଆଇସି କେନ୍ଦ୍ରମାନଙ୍କୁ ଆସି ସେଠାରେ ହେଉଥିବା କାମ ଅନୁଧ୍ୟାନ କରୁଛନ୍ତି। ସେମାନେ ଖଦି ପ୍ରତି ଆକର୍ଷିତ ହେବା ଏକ ବଡ଼ ଉପଲବ୍ଧି।

ଏଥର ସ୍ୱାଧୀନତା ଦିବସରେ ଭାରତରେ ଅବସ୍ଥାପିତ ଆମେରିକାର କାର୍ଯ୍ୟକାରୀ ରାଷ୍ଟ୍ରଦୂତ ମେରୀ କାର୍ଲସନ ଖଦି ଶାଢ଼ି ପିନ୍ଧି ସମାବେଶ ସ୍ଥଳକୁ ଆସିଥିଲେ। ଏହା ଭାରତ ପାଇଁ ନିଶ୍ଚୟ ଏକ ଗୌରବର ବିଷୟ। ସେ ମଧ୍ୟ କନ୍ନଟପ୍ଲେସରେ ଥିବା 'ଖଦି ଇଣ୍ଡିଆ' ବିକ୍ରୟକେନ୍ଦ୍ରକୁ ଯାଇ ମନପସନ୍ଦର ଖଦି ଶାଢ଼ି କିଣିଥିଲେ। ସ୍ୱଦେଶୀର ଚିହ୍ନ ଖଦି, ଯାହା ମୁକ୍ତି ସଂଗ୍ରାମ କାଳରେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା, ତାହା ପାଇଁ ଏହା ନିଶ୍ଚୟ ଏକ ବଡ଼ ସଫଳତା।

**ଚରଖା ସଂଗ୍ରହାଳୟ:**

ନୂଆଦିଲ୍ଲୀର କନ୍ନଟପ୍ଲେସଠାରେ ଐତିହ୍ୟ ଚରଖା ସଂଗ୍ରହାଳୟ ବା ହେରିଟେଜ୍ ଚରଖା ମ୍ୟୁଜିୟମ ରହିଛି। ତାହାରି ପାଖରେ ଏକ ଅଢ଼େଇ ଟନ୍ ଓଜନର ଉଚ୍ଚମାନର କ୍ରୋମିୟମ ନିକେଲ ଷ୍ଟେନଲେସ୍ ଷ୍ଟିଲର ଏକ ବିରାଟ ଚରଖା ସ୍ଥାପନ କରାଯାଇଛି। ଏହା ଦିଲ୍ଲୀର କେନ୍ଦ୍ରସ୍ଥଳୀରେ ଲୋକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇଛି। ଏହି ଚରଖାର ଲମ୍ବ ୨୫ଫୁଟ୍ ଓ ଉଚ୍ଚତା ୧୨ ଫୁଟ। ନୂଆଦିଲ୍ଲୀ ପୌରନିଗମ ସହାୟତାରେ ଏହା ସ୍ଥାପିତ।

**ଚେସ୍ ପାଇଁ ଖଦି ୟୁନିଫର୍ମ:**

ଆନ୍ତର୍ଜାତିକ ସ୍ତରରେ ଖଦିକୁ ପ୍ରୋତ୍ସାହିତ କରିବା ପାଇଁ ଅଖିଳ ଭାରତ ଚେସ୍ ମହାସଂଘ ଏହାର ଖେଳାଳିଙ୍କ ପାଇଁ ଖଦି ୟୁନିଫର୍ମ ନିମେନ୍ତ ନିଷ୍ପତ୍ତି ନେଇଛି। ସମସ୍ତ ଆନ୍ତର୍ଜାତିକ ମ୍ୟାଚ୍‌ରେ ସବୁ ଚେସ୍ ଖେଳାଳି ଓ ସହାୟକ କର୍ମଚାରୀ ଖଦି ବସ୍ତ୍ର ପରିଧାନ କରିବେ।

**ଉପସଂହାର:**

ଖଦି ସଂସ୍କାର ଓ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ପରେ ଏ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ଏହି ସଂସ୍କାର ୨୦୧୦-୧୧ରୁ ଆରମ୍ଭ ହୋଇଥିଲେ ମଧ୍ୟ ୨୦୧୩-୧୪ରେ ୯୬ କୋଟି ଟଙ୍କା କ୍ଷେତ୍ର ବିକାଶ କାର୍ଯ୍ୟକ୍ରମ ବା ଏଡିପି ବାବଦରେ ପାଇଥିଲା। ୨୦୧୪ ମଇ ପର୍ଯ୍ୟନ୍ତ ଗୋଟିଏ ଚରଖା କିମ୍ବା ତନ୍ତ ବଣ୍ଟାଯାଇ ନ ଥିଲା। ଗତ ଦୁଇ ବର୍ଷରେ ୫୩୨୩ରୁ ଅଧିକ ତନ୍ତ ମଂଜୁର ହୋଇଛି ଏବଂ ସେଥିମଧ୍ୟରୁ ୧୩୫୦ ଯୋଗାଇ ଦିଆଯାଇଛି। ସେହିଭଳି ୨୭,୦୦୦ରୁ ଅଧିକ ଚରଖା ମଂଜୁର ହୋଇଥିବାବେଳେ ସେଥିରୁ ୧୬,୦୦୦ ହିତାଧିକାରୀଙ୍କୁ ଦିଆସରିଛି।

ଖଦି ଗୌରବର ପୁନରୁଦ୍ଧାର କାର୍ଯ୍ୟରେ କେଭିଆଇସି ଲାଗିଛି। ସେଥିପାଇଁ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତୃଣମୂଳ ସ୍ତରରେ କାର୍ଯ୍ୟ କରାଯାଉଛି। ଭାରତର ବିକାଶର ମୂଳମନ୍ତ୍ର ହେଲା ଗ୍ରାମୋଦ୍ୟୋଗ ଓ ନିରନ୍ତର ବିକାଶ ପ୍ରକ୍ରିୟା ଚାଲୁ ରଖିବା। ସେହି ଲକ୍ଷ୍ୟ ପଥରେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଆଗେଇ ଚାଲିଛି।

କେଭିଆଇସି ଏହି କେନ୍ଦ୍ରକୁ ଦୀର୍ଘ ୨୬ବର୍ଷ ପରେ ଗତ ସେପ୍ଟେମ୍ବର ମାସରେ ସେବାଦିବସରେ ପୁନର୍ବାର ଚାଲୁ କରିଛି। କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) ପାଣ୍ଠିରୁ ଏଥିପାଇଁ ଅର୍ଥ ଯୋଗାଇ ଦେବାକୁ ଗ୍ରାମ୍ୟ ବିଦ୍ୟୁତ୍‌କରଣ ନିଗମ (ଆରଇସି) ରାଜି ହୋଇଛି। ଏହି କେନ୍ଦ୍ରର ଖଦି ଉତ୍ପାଦନକୁ ପୁନର୍ବାର ଚାଲୁ କରିବା ପାଇଁ ୫କୋଟି ୫୦ଲକ୍ଷ ଟଙ୍କା ଯୋଗାଇ ଦେଇଛି। ଖଦି କାର୍ଯ୍ୟକ୍ରମ ପାଇଁ ପ୍ରଥମ ଥର ଦେଶରେ କୌଣସି ଏକ ସଂସ୍ଥା ସିଏସ୍‌ଆର୍ ପାଣ୍ଠି ବିନିଯୋଗ କରିବା ଏହା ହେଉଛି ପ୍ରଥମ ଘଟଣା। ଏଥିରେ ୫୦୦ ସୌରଚାଳିତ ତନ୍ତ ଓ ୫୦୦ ସୌରଚାଳିତ ଚରଖା ବଣ୍ଟନ କରାଯାଇଛି। ସୌର ଚରଖା ଓ ସୌର ତନ୍ତ ଚାଳନା ସମ୍ପର୍କରେ ତାଲିମ ଦେବାକୁ ବାରାଣସୀ ଜିଲାର ଜୟପୁର ଓ କାକ୍ରାହିୟା ଗାଁରେ ଦୁଇଟି କେନ୍ଦ୍ର ସ୍ଥାପନ କରାଯାଇଛି। ଦୁଇକେନ୍ଦ୍ରକୁ ପ୍ରତ୍ୟେକ ୨୫ଟି ସୌର ଚରଖା ଓ ପାଞ୍ଚଟି ସୌର ତନ୍ତ ଯୋଗାଇ ଦିଆଯାଇଛି।

**ଲେଖକ ନୂଆଦିଲ୍ଲୀସ୍ଥିତ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ଅଧ୍ୟକ୍ଷ।**

# କ୍ଷୁଦ୍ର ଉଦ୍ୟୋଗ ପାଇଁ ଉପଯୁକ୍ତ ପରିବେଶ


ଅଶ୍ୱିନୀ ମହାଜନ


ଭାରତୀୟ ଅର୍ଥନୀତିରେ କ୍ଷୁଦ୍ର ଉଦ୍ୟୋଗ ସର୍ବଦା ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସିଛି। ନିଯୁକ୍ତି, ଉତ୍ପାଦନ ଓ ରପ୍ତାନୀ ଆଦି କ୍ଷେତ୍ରରେ ଏହାର ଉତ୍ତମ ଅବଦାନ ରହିଛି। ଏହା ମଧ୍ୟ ବିକେନ୍ଦ୍ରୀକୃତ ସମ ଅଭିବୃଦ୍ଧିରେ ପରିବର୍ତ୍ତନର ବାହକ ହୋଇଛି। ଅତଏବ ଏହି କ୍ଷେତ୍ରର ସୁରକ୍ଷା ଏବଂ ବିକାଶ ପାଇଁ ଆର୍ଥିକ ନୀତି ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି। ଦୁଇ ଦଶନ୍ଧିରୁ ଅଧିକ କାଳ ଧରି ଏହି କ୍ଷେତ୍ରଟି  ଗୁରୁତର ସଙ୍କଟ ଦେଇ ଗତିକରୁଥିଲା। ବିଭିନ୍ନ କାରଣରୁ ବହୁ ସଂଖ୍ୟକ କ୍ଷୁଦ୍ର ଉଦ୍ୟୋଗ ବନ୍ଦ୍ ହୋଇଯିବାରୁ ଅନେକ ଲୋକ ନିଯୁକ୍ତି ହରାଇଲେ। ଫଳରେ ଅର୍ଥନୀତିର ଅଭିବୃଦ୍ଧି ଓ ବିକାଶ ବ୍ୟାହତ ହେଲା। ନିଯୁକ୍ତି ସୃଷ୍ଟିରେ ପ୍ରତିବନ୍ଧକ ସୃଷ୍ଟି ହୋଇ ବେକାରୀ ବଢ଼ିଲା।

**ଉଦାରୀକରଣ ଓ ବିଶ୍ୱାୟନର ପ୍ରଭାବ:**

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗ୍ରହଣ କରାଯାଇଥିବା ଶିଳ୍ପନୀତିରେ ବୃହତ୍ ଘରୋଇ ଶିଳ୍ପ ସଂସ୍ଥା କ୍ଷେତ୍ରରେ ନାନା ପ୍ରକାର କଟକଣା ଲାଗୁ କରାଯାଇଥିଲା। ସେ ସମୟର ଶିଳ୍ପନୀତି ଅନ୍ୟ ଅର୍ଥରେ 'ଲାଇସେନ୍ସ ରାଜ୍' ବା 'କୋଟା ରାଜ୍' ଭାବେ ପରିଗଣିତ ହେଉଥିଲା। ଯେଉଁସବୁ ଘରୋଇ ଶିଳ୍ପ ସଂସ୍ଥା ସେତେବେଳେ ରହିଥିଲେ ସେମାନେ ତିଷ୍ଠି ରହିବା ପାଇଁ ନୂଆ ନୀତିକୁ କୌଣସି ପ୍ରକାର ପାଳନ କରିବାକୁ ବାଧ୍ୟ ହେଲେ। କଠୋର ନୀତି ନିୟମ ଯୋଗୁଁ ନୂଆ ଉଦ୍ୟୋଗମାନ ମୁଣ୍ଡ ଟେକିବାକୁ ସୁଯୋଗ ପାଇଲେ ନାହିଁ।

କ୍ଷୁଦ୍ର ଶିଳ୍ପୋଦ୍ୟୋଗ ପାଇଁ ସେତେବେଳେ କେବଳ ଖାଉଟି ସାମଗ୍ରୀ ଉତ୍ପାଦନ କରିବା କାମ ଏକ ପ୍ରକାର ସଂରକ୍ଷିତ ଥିଲା। ୧୯୯୧ରେ ନୂଆ ଆର୍ଥିକ ନୀତି ଆସିବା ପୂର୍ବରୁ ୮୧୨ଟି ସାମଗ୍ରୀ କ୍ଷୁଦ୍ର ଉଦ୍ୟୋଗଦ୍ୱାରା ଉତ୍ପାଦିତ ହେବାକୁ ତାଲିକାଭୁକ୍ତ ହୋଇଥିଲା। ନୂଆ ଆର୍ଥିକ ନୀତିରେ ଏହି ସଂରକ୍ଷଣ ବ୍ୟବସ୍ଥାର ଅବସାନ ଘଟିଲା। ନୂଆ ବ୍ୟବସ୍ଥାରେ ସରକାର କିଣୁଥିବା ସାମଗ୍ରୀ ସବୁକୁ ଉତ୍ପାଦନ କରିବାକୁ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ସୁଯୋଗ ପ୍ରଦାନ କରାଗଲା। ଉତ୍ପାଦକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସାମଗ୍ରୀର ମୂଲ୍ୟ ଏବଂ ବିକ୍ରୟ କୋଟା ମଧ୍ୟ ଧାର୍ଯ୍ୟ ହୋଇଥିଲା। ଏହି ସୁବିଧା ପାଇଁ କ୍ଷୁଦ୍ର ଶିଳ୍ପୋଦ୍ୟୋଗ ସମୂହ ନିଜ ସ୍ଥିତିରେ ଉନ୍ନତି ଆଣୁଥିବା ବେଳେ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବା ନାମରେ ସରକାର ହଠାତ୍ ଏହି ସୁବିଧା ପ୍ରତ୍ୟାହାର କରିନେଲେ। କୁହାଗଲା ଯେ କ୍ଷୁଦ୍ର ଶିଳ୍ପ ପାଇଁ ସଂରକ୍ଷଣବାଦୀ ବ୍ୟବସ୍ଥା ଫଳରେ ସେହି ଉଦ୍ୟୋଗରେ ଟେକ୍‌ନୋଲୋଜିର ବିକାଶ ଏବଂ ପ୍ରତିଯୋଗିତା ବାଧାପ୍ରାପ୍ତ ହେଉଛି। ସୁରକ୍ଷାବାଦ ଯୋଗୁଁ ଅଯୋଗ୍ୟତା ଓ ଦକ୍ଷତାହାନୀ ପ୍ରୋତ୍ସାହିତ ହେଉଛି ଏବଂ ଏହା ଫଳରେ ଦେଶ ଆନ୍ତର୍ଜାତିକ ସ୍ତରରେ ପ୍ରତିଯୋଗିତାର ସମ୍ମୁଖୀନ ହୋଇପାରିବ ନାହିଁ ବୋଲି ଯୁକ୍ତି କରାଗଲା। ଆହୁରି କୁହାଗଲା ଯେ ଘରୋଇ କ୍ଷୁଦ୍ର ଶିଳ୍ପ ସଂସ୍ଥାଙ୍କୁ ସରକାର ଯଦି ସଂରକ୍ଷଣ ସୁବିଧା ଦେଇ ସୁରକ୍ଷିତ ରଖିବାକୁ






ଚାହିଁବେ, ତା'ଦ୍ୱାରା ଏକ ଦକ୍ଷତାହୀନ ଉଦ୍ୟୋଗରେ ପୁଞ୍ଜି ନିବେଶ ପାଇଁ ବିଦେଶୀ ନିବେଶକ ଆଗ୍ରହ ପ୍ରକାଶ କରିବେ ନାହିଁ ଓ ଏହା ମଧ୍ୟ ଖାଉଟିଙ୍କ ପସନ୍ଦ ଓ ରୁଚିକୁ ନିରୁତ୍ସାହିତ କରିବ। କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ନିଯୁକ୍ତି ସୃଷ୍ଟି, ବିକେନ୍ଦ୍ରୀକରଣ ଓ ସମତା ରକ୍ଷା ପାଇଁ ଯେଉଁ ସୁରକ୍ଷା ସରକାର ଦେଉଥିଲେ ସେହି ଯୁକ୍ତିକୁ ନୂଆ ଆର୍ଥିକ ନୀତିରେ ଗ୍ରହଣ କରାଗଲା ନାହିଁ।

ବିଶ୍ୱାୟନ କାଳରେ ମୁକ୍ତ ଆମଦାନୀ ନୀତି ଫଳରେ ଅନେକ ସାମଗ୍ରୀ ଓ ବେଳେବେଳେ କିଛି ଟେକ୍‌ନୋଲୋଜି ପାଇବା ଆମ ପାଇଁ ସହଜ ହୋଇଛି। ମାତ୍ର ଏଥିପାଇଁ ଆମକୁ ଯଥେଷ୍ଟ ମୂଲ୍ୟ ଦେବାକୁ ପଡ଼ିଛି। ଦେଶର ଲକ୍ଷ ଲକ୍ଷ କ୍ଷୁଦ୍ର ଶିଳ୍ପ ବନ୍ଦ୍ ହୋଇଯାଇଛି, ଅଗଣିତ ଲୋକ ଜୀବିକା ହରାଇଛନ୍ତି। ଆମ କ୍ଷୁଦ୍ର ଶିଳ୍ପ ସଂସ୍ଥା ତୀବ୍ର ପ୍ରତିଯୋଗିତାମୂଳକ ବଜାରରେ ବିଶ୍ୱ ସାମଗ୍ରୀର ମୁକାବିଲା କରିବାରେ ବିଫଳ ହୋଇଛନ୍ତି। ଏକଥା ସତ ଯେ ଏହି ସମୟରେ ଅଟୋମୋବାଇଲ୍ ଭଳି ଅଳ୍ପ କେତେକ କ୍ଷେତ୍ରରେ ଆମର କିଛି ପ୍ରଗତି ଓ ଅଭିବୃଦ୍ଧି ଘଟିଛି। ଆନ୍‌ସିଲାରୀ ବା ସହାୟକ ସାମଗ୍ରୀ ଉତ୍ପାଦନରେ ଆମର ପ୍ରଦର୍ଶନ ମଧ୍ୟ ଭଲ ରହିଛି। ଏହା ସତ୍ତ୍ୱେ ଦେଶର କ୍ଷୁଦ୍ର ଶିଳ୍ପ ସଂସ୍ଥା ସମୂହ ଶସ୍ତା ଚୀନ ସାମଗ୍ରୀର ବିପୁଳ ପ୍ରବେଶ ଫଳରେ ବଜାର ହରାଇ ପ୍ରାୟତଃ ବିଲୁପ୍ତ ହୋଇଯାଇଛନ୍ତି। ଚୀନ ଭଳି ଦେଶରୁ ଖେଳଣା, ବୈଦ୍ୟୁତିକ ଯନ୍ତ୍ରପାତି, ମୋବାଇଲ ଫୋନ୍, କମ୍ପ୍ୟୁଟର, ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ ସାମଗ୍ରୀ, ଶକ୍ତି କେନ୍ଦ୍ର, ପ୍ରକଳ୍ପ ସାମଗ୍ରୀ ଆଦି ପ୍ରଚୁର ପରିମାଣରେ ଆମଦାନୀ ହେବା ଫଳରେ ଦେଶର ବୈଦେଶିକ ବିନିମୟ ମୁଦ୍ରା ମହଜୁଦ୍ କେବଳ ଚାପଗ୍ରସ୍ତ ହୋଇନାହିଁ; ଭାରତର ଶିଳ୍ପ ଓ ବ୍ୟବସାୟ ମଧ୍ୟ ଧ୍ୱଂସ ପାଇଯାଇଛି। ଫଳରେ ଦେଶରେ ବେକାରୀ ଓ ବେରୋଜଗାରୀ ବ୍ୟାପକ ଆକାର ଧାରଣ କରିଛି।

**ମେକ୍ ଇନ୍ ଇଣ୍ଡିଆକୁ କିପରି ପ୍ରୋତ୍ସାହିତ କରିବା:**

ଭାରତୀୟ ବଜାରରେ ଚୀନ ସାମଗ୍ରୀର ପ୍ରାବଲ୍ୟ ଓ ଶସ୍ତାରେ ବିକ୍ରି ଘଟଣାରୁ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ ସେ ଦେଶର କ୍ଷୁଦ୍ର ଉଦ୍ୟୋଗ ଦକ୍ଷ ଏବଂ ସଶକ୍ତ। ତା' ନହେଲେ ଚୀନ ସାମଗ୍ରୀ ବିଦେଶ ବଜାରକୁ ଏତେ ପରିମାଣରେ କରାୟତ୍ତ କରିପାରି ନ ଥାନ୍ତା। ତେଣୁ ସେଠାକାର ସରକାର ଓ ଶାସନ ବ୍ୟବସ୍ଥା ଏପରି କିଛି ଅନୁକୂଳ ପଦକ୍ଷେପ ନିଶ୍ଚିତ ଭାବେ ଗ୍ରହଣ କରିଛନ୍ତି। ଯାହା ଫଳରେ ଚୀନ ଆଜି ବିଶ୍ୱର ମାନୁଫାକ୍‌ଚରିଙ୍ଗ୍ ହବ୍‌ରେ ପରିଣତ ହୋଇଛି। ଚୀନର ସଫଳତା ପଛରେ ଥିବା ଏହି ରହସ୍ୟଟିକୁ ଭାରତକୁ ବୁଝିବାକୁ ପଡ଼ିବ।

ଭାରତରେ ମହଙ୍ଗା ବିଜୁଳି, ପୁରୁଣାକାଳିଆ ଶ୍ରମ ଆଇନ, ଜଟିଳ ଟିକସ ବ୍ୟବସ୍ଥା, ଉଚ୍ଚ ଟିକସ ହାର, ପୁଞ୍ଜି ଯୋଗାଡ଼ରେ ଅସୁବିଧା, ଭିତ୍ତିଭୂମିର ଅଭାବ, ଉଦ୍ୟୋଗ ସ୍ଥାପନରେ ଆଇନଗତ ପ୍ରତିବନ୍ଧକ, ଇନ୍‌ସ୍ପେକ୍ଟର ରାଜ୍ ଏବଂ କଠୋର ପରିବେଶ ଆଇନ ଭଳି କେତେକ ପ୍ରସଙ୍ଗ କ୍ଷୁଦ୍ର ଶିଳ୍ପର ବିକାଶ କ୍ଷେତ୍ରରେ ମୁଖ୍ୟ ପ୍ରତିବନ୍ଧକ ହୋଇଛି। ତେଣୁ କେବଳ ଆମଦାନୀ ଜନିତ ଅସମ ପ୍ରତିଯୋଗୀତା ନୁହେଁ, ବିଭିନ୍ନ ସମସ୍ୟା ଯୋଗୁଁ ମଧ୍ୟ ଭାରତରେ କ୍ଷୁଦ୍ର ଶିଳ୍ପ କ୍ଷେତ୍ର ପ୍ରଭାବିତ। ଉଦ୍ୟୋଗ ଆରମ୍ଭଠାରୁ ବଜାରରେ ଉତ୍ପାଦିତ ସାମଗ୍ରୀ ପହଞ୍ଚିବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସମସ୍ୟା ଓ ପ୍ରତିବନ୍ଧକ।

**ସ୍ୱତନ୍ତ୍ର ଶ୍ରମ ଆଇନର ଆବଶ୍ୟକତା:**

ଶ୍ରମିକଙ୍କ ସୁରକ୍ଷାଗତ ପ୍ରସଙ୍ଗକୁ କେହି ଅସ୍ୱୀକାର କରିବେ ନାହିଁ। ଲୋକଙ୍କୁ ନିଯୁକ୍ତି ଦିଅ ଓ ଇଚ୍ଛା ଅନୁସାରେ ବିଦାକର (ହାୟାର ଆଣ୍ଡ ଫାୟାର) ନୀତି ନିଶ୍ଚିତ ଭାବେ ଶ୍ରମିକ, କର୍ମଚାରୀଙ୍କ ସ୍ୱାର୍ଥ ବିରୋଧୀ। ଏହା ସତ୍ତ୍ୱେ ଆମକୁ ବୁଝିବାକୁ ପଡ଼ିବ ଯେ ଜଟିଳ ଶ୍ରମ ଆଇନ ଯୋଗୁଁ ଏବେ ଦୃଶ୍ୟପଟ ଯଥେଷ୍ଟ ବଦଳି ଯାଇଛି। କ୍ଷୁଦ୍ର ଉଦ୍ୟୋଗରେ ଆଉ ସ୍ଥାୟୀ କର୍ମଚାରୀ ନରଖି ଠିକା ଶ୍ରମିକଙ୍କୁ ନିଯୁକ୍ତି ଦିଆଯାଉଛି। ଏହି ଠିକା ଶ୍ରମିକଙ୍କୁ ମଧ୍ୟସ୍ଥି ବା ଦଲାଲମାନେ ମଧ୍ୟ ଶୋଷଣ କରୁଛନ୍ତି। ଏହାଫଳରେ ମାଲିକ ଓ ଶ୍ରମିକ ମଧ୍ୟରେ ଯେଉଁ ସାଂଗଠନିକ ଓ ଜୈବୀକ ସମ୍ପର୍କ ରହିବା କଥା ତାହା ନଷ୍ଟ ହେଉଛି। ଏହାର ପ୍ରଭାବ ଉଭୟ ଉଦ୍ୟୋଗୀ ଓ ଶ୍ରମିକଙ୍କ ଉପରେ ପଡୁଛି ଏବଂ ଉଭୟଙ୍କର ଅମଙ୍ଗଳ ଘଟୁଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଦ୍ୱିତୀୟ ଶ୍ରମ କମିଶନ କ୍ଷୁଦ୍ର ଶିଳ୍ପ ପାଇଁ ଏକ ସ୍ୱତନ୍ତ୍ର ଶ୍ରମ ଆଇନ ପ୍ରଣୟନ କରିବାକୁ ଏକ ଗୁରୁତ୍ୱପୂର୍ଣ୍ଣ ସୁପାରିସ କରିଥିଲେ। ଶ୍ରମିକ ସଂଗଠନ ସମୂହ ମଧ୍ୟ ଏ ପ୍ରସ୍ତାବକୁ ସ୍ୱାଗତ ଜଣାଇଥିଲେ। କିଛି ଦିନ ପୂର୍ବରୁ 'ଅତି କ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଲ୍' ନାମରେ ଏକ ବିଲ୍ ପ୍ରସ୍ତୁତ ହୋଇଛି। ତେବେ ସେ ଯା' ହେଉନା କାହିଁକି, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଏକ ସ୍ୱତନ୍ତ୍ର ଶ୍ରମ ଆଇନ ପ୍ରସ୍ତୁତ ଓ ପ୍ରବର୍ତ୍ତନର ଆବଶ୍ୟକତା ରହିଛି।

**ଅର୍ଥ:**

କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଋଣ ଦେବା ପାଇଁ ବ୍ୟାଙ୍କ ତଥା ବିତ୍ତୀୟ ଅନୁଷ୍ଠାନ ସମୂହ ଅନାଗ୍ରହ ପ୍ରକାଶ କରନ୍ତି। ଏହି ଋଣ ପ୍ରଦାନ ପ୍ରକ୍ରିୟା ଜଟିଳ ତଥା ଅର୍ଥ ଫେରିବାର ସମ୍ଭାବନା କମ୍ ଥିବା ବିଚାର କରାଯାଏ। ଏ ବିଚାରରେ କିନ୍ତୁ ସତ୍ୟତା କମ୍। ଏବେ ବ୍ୟାଙ୍କ ସମୂହ ଯେଉଁ ବିପୁଳ ଅନାଦାୟ ଋଣ ବା ଏନ୍‌ପିଏର ସମ୍ମୁଖୀନ ସେଥିମଧ୍ୟରୁ ସର୍ବାଧିକ ଅର୍ଥ ବଡ଼ ବଡ଼ ଉଦ୍ୟୋଗ ଓ ସଂସ୍ଥାକୁ ଋଣ ଆକାରରେ ଦିଆଯାଇଛି। ଏଥିରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଅଂଶ ଅତି ଅଳ୍ପ। ତଥାପି ବ୍ୟାଙ୍କ ସମୂହଙ୍କ ଏହି ଆଶଙ୍କା ମିଶ୍ରିତ ବିଚାର ଯୋଗୁଁ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗକୁ ଆବଶ୍ୟକ ପୁଞ୍ଜି ଋଣ ଆକାରରେ ମିଳୁନାହିଁ। ଏହି ଉଦ୍ୟୋଗୀମାନେ ଯେଉଁ ଋଣ ପାଆନ୍ତି ତାହାର ସୁଧହାର ପୁଣି ଅଧିକ।

ଏହି ସରକାର କ୍ଷମତାକୁ ଆସିବା ପରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ପୁଞ୍ଜି ସମସ୍ୟା ଦୂରକରିବା ପାଇଁ ମାଇକ୍ରୋ ୟୁନିଟ୍‌ସ ଡେଭଲପମେଣ୍ଟ ଆଣ୍ଡ୍ ରିଫାଇନାନ୍ସ ଏଜେନ୍ସି (ମୁଦ୍ରା) ଗଠନ କରିଛନ୍ତି। ଏହା ସହିତ ଆଗ୍ରହୀ ଉଦ୍ୟୋଗୀଙ୍କ ପାଇଁ 'ଷ୍ଟାର୍ଟଅପ୍ ସ୍କିମ୍' ପ୍ରସ୍ତୁତ କରାଯାଇଛି। ମୁଦ୍ରା ଯୋଜନାରେ ଏପର୍ଯ୍ୟନ୍ତ ୩.୯ ଲକ୍ଷ କୋଟି ଟଙ୍କା ଋଣ ଯୋଗାଇ ଦିଆଯାଇଛି। ଯେଉଁ ୯.୩ କୋଟି ହିତାଧିକାରୀ ଏହି ଋଣ ପାଇଛନ୍ତି, ସେମାନେ କେବଳ ନିଜର କର୍ମ ସଂସ୍ଥାନ କରିନାହାନ୍ତି, ଅନ୍ୟମାନଙ୍କ ପାଇଁ ମଧ୍ୟ ନିଯୁକ୍ତିର ସୁବିଧା କରିଛନ୍ତି।

ମୁଦ୍ରା ଯୋଜନାରେ ଦିଆଯାଇଥିବା ଋଣ

| ବର୍ଷ | ଋଣ ପାଇଥିବା ହିତାଧିକାରୀଙ୍କ ସଂଖ୍ୟା | ଦିଆଯାଇଥିବା ଋଣର ପରିମାଣ (କୋଟିରେ) |
|---|---|---|
| ୨୦୧୫-୧୬ | ୩୪୮୮୦୯୨୪ | ୧୩୨୯୫୪.୭୩ |
| ୨୦୧୬-୧୭ | ୩୯୭୦୧୦୪୭ | ୧୭୫୩୧୨.୧୩ |
| ୨୦୧୭-୧୮ | ୧୮୩୪୦୦୫୩ | ୮୪୪୧୩.୨୮ |
| ମୋଟ୍ | ୯୨୯୨୨୦୨୪ | ୩୯୨୬୮୦.୧୪ |


**ଆମଦାନୀ ଉପରେ କଟକଣା:**

ବର୍ତ୍ତମାନର ଯୁଗରେ ବୈଦେଶିକ ବାଣିଜ୍ୟ ଏକ ସ୍ୱାଭାବିକ ଘଟଣା ହୋଇଥିଲେ ହେଁ ଭାରତର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଦୁଃସ୍ଥିତି ପାଇଁ ଏହା ପ୍ରମୁଖ କାରଣ ହୋଇଛି। ଏହାର କାରଣ ହେଲା ଚୀନ୍ ଭଳି କେତେକ ଦେଶ ଭାରତରେ ପ୍ରଚୁର ପରିମାଣରେ ନିଜ ସାମଗ୍ରୀ ଶସ୍ତାରେ ବିକ୍ରି କରୁଛନ୍ତି। ଅବଶ୍ୟ କେନ୍ଦ୍ର ସରକାର ଏବେ ଏସବୁ ବିଦେଶୀ ଶସ୍ତା ସାମଗ୍ରୀ ଉପରେ ପ୍ରତିରୋଧୀ ଟିକସ ଲାଗୁ କରିବା ଆରମ୍ଭ କରିଛନ୍ତି। ଚୀନରୁ ଆସୁଥିବା ସାମଗ୍ରୀ ମଧ୍ୟରୁ ୯୩ଟି ଉପରେ ଏହି ପ୍ରତିରୋଧୀ ଟିକସ ଲାଗୁ କରାଯାଇଛି ବୋଲି ତତ୍‌କାଳୀନ ବାଣିଜ୍ୟମନ୍ତ୍ରୀ ନିର୍ମଳା ସୀତାରମଣ ରାଜ୍ୟସଭାରେ ସୂଚନା ଦେଇଥିଲେ। ଏହାଛଡ଼ା ଚୀନରୁ ଆସୁଥିବା ଅନ୍ୟ ୪୦ଟି ସାମଗ୍ରୀ ଉପରେ ପ୍ରତିରୋଧୀ ଟିକସ ଲଗାଇବାକୁ ମଧ୍ୟ ସମ୍ପୃକ୍ତ ବିଭାଗର ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

୨୦୧୬-୧୭ରେ ଏଭଳି ପ୍ରତିରୋଧୀ ଟିକସ ଲାଗୁ ହେବା ପରେ କିଛି ସୁଫଳ ମିଳିଥିଲା। ଏବେ ଅଧିକରୁ ଅଧିକ ଚୀନ ସାମ୍ରଗୀ ଉପରେ ଏହି ଟିକସ ଲାଗୁ ହୋଇଥିବାରୁ ଚଳିତବର୍ଷ ଚୀନରୁ ଆମଦାନୀ ମୂଲ୍ୟମଧ୍ୟ ନିର୍ଦ୍ଧାରିତ ହୋଇ ଉଦ୍ୟୋଗୀଙ୍କ ସ୍ୱାର୍ଥକୁ ସୁରକ୍ଷିତ କରାଯାଉଥିଲା। ତେବେ ସମୟକ୍ରମେ ଏହି ସରକାରୀ କ୍ରୟ ବ୍ୟବସ୍ଥାର ବିଲୋପ ଘଟିଲା। ଏବେ ସରକାର ଦୀର୍ଘ ବର୍ଷର ବ୍ୟବଧାନ ପରେ ଏହି କ୍ରୟ ବ୍ୟବସ୍ଥାର ପୁନଃ ପ୍ରଚଳନ କରିଛନ୍ତି। ଏଥିପାଇଁ ସାଧାରଣ ଆର୍ଥିକ ନିୟମ ଧାରା ୧୫୩ କାର୍ଯ୍ୟକାରୀ ହୋଇଛି। ଏହି ନିୟମ ଅନୁସାରେ ୫୦ଲକ୍ଷ କିମ୍ବା ତା'ଠାରୁ କମ୍ ମୂଲ୍ୟର ସାମଗ୍ରୀ କିଣିବା ସମୟରେ ସଂପୃକ୍ତ ମନ୍ତ୍ରଣାଳୟ ଯଦି ବିଚାର କରନ୍ତି ଯେ ସ୍ଥାନୀୟ ଭାବେ ଉତ୍ପାଦିତ ସାମଗ୍ରୀ ମିଳୁଛି ଓ ଏହାର ପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି ଏବଂ ଏହା ସରକାରଙ୍କ ଆବଶ୍ୟକତା ଓ ମାନକୁ ପୂରଣ କରିବାକୁ ସକ୍ଷମ, ତେବେ ସେସବୁ ସାମଗ୍ରୀ ସ୍ଥାନୀୟ ଯୋଗାଣକାରୀଙ୍କଠାରୁ କିଣିବାକୁ ନିଷ୍ପତ୍ତି ନେଇପାରିବେ।

ସେହିଭଳି ୫୦ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ କ୍ରୟ କ୍ଷେତ୍ରରେ ନୋଡାଲ ମନ୍ତ୍ରଣାଳୟ ଯଦି ଦେଖନ୍ତି ଯେ ସେଥିପାଇଁ ସ୍ଥାନୀୟ ଭାବେ ଉତ୍ପାଦନ ଓ ପ୍ରତିଯୋଗିତା ଚାଲିଛି ସେତେବେଳେ ଟେଣ୍ଡରରେ ବାହାରର ସପ୍ଲାୟର ଯଦି ସବୁଠୁ କମ୍ ମୂଲ୍ୟ ଦେଇଥିବେ ତଥାପି ତାଙ୍କୁ ସୁଯୋଗ ମିଳିବ ନାହିଁ। ଏ କ୍ଷେତ୍ରରେ ସ୍ଥାନୀୟ ସପ୍ଲାୟର୍ସଙ୍କ ମଧ୍ୟରୁ ଯିଏ ସବୁଠୁ କମ୍ ଡାକ ଦେଇଥିବ ଏବଂ ସର୍ବନିମ୍ନ ଡାକର ୨୦% ବ୍ୟବଧାନରେ ଥିବେ ତାଙ୍କୁ ଜିନିଷ ଯୋଗାଣ ପାଇଁ ଅଗ୍ରାଧିକାର ଦିଆଯିବ।

ସରକାରୀ କ୍ରୟ କ୍ଷେତ୍ରରେ ସ୍ଥାନୀୟ ସାମଗ୍ରୀ କ୍ରୟ କରିବାର ଏଭଳି ନୀତି ଘରୋଇ ଶିଳ୍ପ ସଂସ୍ଥାଙ୍କୁ




ପ୍ରୋତ୍ସାହିତ କରିବା ସହ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଅଶେଷ ଉପକାର କରିବ।

**ଇନ୍‌ସପେକ୍ଟର ରାଜ୍‌ର ଅବସାନ:**

ଭାରତରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ରରେ ୪୦ରୁ ଅଧିକ ଆଇନ ରହିଛି। ସେସବୁର ଉପଯୁକ୍ତ ପରିପାଳନ ହେଉଛି କି ନାହିଁ ତାହା ତଦାରଖ କରିବାକୁ ଗୋଟିଏ ଉଦ୍ୟୋଗ ବା କାରଖାନାକୁ ୫୦ରୁ ଅଧିକ ଇନ୍‌ସ୍‌ପେକ୍ଟରଙ୍କୁ ପରିଦର୍ଶନରେ ଆସିବାକୁ ହୋଇଥାଏ। ଏହି ଅଧିକାରୀମାନଙ୍କର ଦଣ୍ଡବିଧାନ ଠାରୁ ଆରମ୍ଭ କରି ବ୍ୟାପକ କ୍ଷମତା ଥାଏ। ଉଦ୍ୟୋଗୀମାନେ ଏହି ଇନ୍‌ସ୍‌ପେକ୍ଟରଙ୍କ ଭୟ ଓ ଆଇନ୍‌କାନୁନ୍ ପରିପାଳନ ଜନିତ ଧନ୍ଦାରେ ଅଧିକ ସମୟ ଦିଅନ୍ତି ଏବଂ ସଂସ୍ଥାର ଉତ୍ପାଦନ, ବିପଣନ, ଟେକ୍‌ନୋଲୋଜି ବିକାଶ ଆଦିରେ ଧ୍ୟାନ ଦେବାକୁ ଅଧିକ ସମୟ ପାଆନ୍ତି ନାହିଁ। ଏଭଳି କିଛି ପୁରୁଣା ଆଇନ ରହିଛି ଯାହାର ଆବଶ୍ୟକତା ଏବେ ନାହିଁ। ତଥାପି ତାହା ବଳବତ୍ତର ରହିଛି। ଆଉ କିଛି ଆଇନ ରହିଛି ଯାହା ଦେଶର ଅର୍ଥନୀତି ପାଇଁ ଏବଂ ନିର୍ଦ୍ଦିଷ୍ଟ ଭାବେ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଅନ୍ତରାୟ ସୃଷ୍ଟି କରୁଛନ୍ତି। ଏହି ଆଇନଗତ ଦୁର୍ଦ୍ଦଶାର ଅବସାନ





ଲୋଡ଼ା। କିଛି ପୁରୁଣାକାଳିଆ ତଥା ଅନାବଶ୍ୟକ ଆଇନର ଅବସାନ ଘଟାଇବାକୁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଇତି ମଧ୍ୟରେ ୧୨୦୦ ଅନାବଶ୍ୟକ ଓ ପୁରୁଣା ଆଇନର ଅବସାନ ଘଟିଛି। ଆଉ ୧୮୨୪ ଏଭଳି ଆଇନକୁ ଚିହ୍ନଟ କରାଯାଇଛି ଯାହାର ଅବସାନ ଆସନ୍ନ।

ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ନୂଆ ଉଦ୍ୟୋଗୀମାନଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବାର ବ୍ୟବସ୍ଥା ହେବା ଦରକାର। ଏହାଦ୍ୱାରା ଉଦ୍ୟୋଗୀଙ୍କୁ ବିଭିନ୍ନ ସ୍ଥାନକୁ ଦୌଡ଼ିବାକୁ ପଡ଼ିବ ନାହିଁ। ଅଧିକରୁ ଅଧିକ ରାଜ୍ୟ ସରକାର ଏବେ ଏଥିପାଇଁ ଅନ୍‌ଲାଇନ୍ ବ୍ୟବସ୍ଥାର ଉପଯୋଗ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଷ୍ଟାର୍ଟଅପ୍ ପାଇଁ ଅନ୍‌ଲାଇନ୍‌ରେ ମଞ୍ଜୁରୀ ପ୍ରଦାନ ବ୍ୟବସ୍ଥା ଇତିମଧ୍ୟରେ ଆରମ୍ଭ ହେବା ଏକ ସ୍ୱାଗତଯୋଗ୍ୟ ଘଟଣା।



**ଭିତ୍ତିଭୂମି ନିର୍ମାଣ:**

ଦେଶର ଆଭ୍ୟନ୍ତରୀଣ ଓ ଅପହଞ୍ଚ ଇଲାକାରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରି ତାହାକୁ ଚଳାଇବା ପ୍ରାୟ ଅସମ୍ଭବ। ସେସବୁ ସ୍ଥାନକୁ ରେଳ, ସଡ଼କ ଓ ବିଦ୍ୟୁତ୍ ସଂଯୋଗ ନାହିଁ। ଯେଉଁ ସ୍ଥାନକୁ ଭଲ ଯୋଗାଯୋଗ ଅଛି ସେଠାରେ ବିଜୁଳି ଶକ୍ତିର ଅନିଶ୍ଚିତତା ସମସ୍ୟା ରହିଛି। ଶକ୍ତି ପାଇଁ ଅନେକ ସ୍ଥାନରେ ଜେନେରେଟରର ମାତ୍ରାଧିକ ବ୍ୟବହାର ହେଉଛି। ଏହାଦ୍ୱାରା ଉତ୍ପାଦନ ଖର୍ଚ୍ଚ ବଢ଼ିବା ସହ ପରିବେଶ ପ୍ରଦୂଷଣ ମଧ୍ୟ ବଢୁଛି। ଅତଏବ ଆମକୁ ରେଳପଥ, ସଡ଼କ, ଶକ୍ତି, ଦକ୍ଷତା ବିକାଶ, ବଜାର, ଇ-ପୋଟାଲ ଆଦି ଆବଶ୍ୟକ ମୌଳିକ ଭିତ୍ତିଭୂମି ନିର୍ମାଣ କରିବାକୁ ପଡ଼ିବ। ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣ ଯୋଜନାରେ ସୌରଶକ୍ତିର ଉପଯୋଗ ଏକ ଉତ୍ତମ ପଦକ୍ଷେପ। ସେହିଭଳି ଚଳିତ ସରକାର ଦେଶର ବିଭିନ୍ନ ପ୍ରାନ୍ତରେ ସଡ଼କ ପଥର ବିକାଶ ପାଇଁ ଯେଉଁ ତ୍ୱରାନ୍ୱିତ ପଦକ୍ଷେପ ନେଇଛନ୍ତି ତାହା ମଧ୍ୟ ଭିତ୍ତିଭୂମି ବିକାଶ ତଥା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବ। ସେହିଭଳି ଚଳିତ ସରକାରଙ୍କ 'ଇ-କ୍ରୟ' ବ୍ୟବସ୍ଥା ଆଉ ଏକ ଅଭିନନ୍ଦନୀୟ ପଦକ୍ଷେପ।

ଭାରତୀୟମାନେ ସ୍ୱାଭାବତଃ କଠିନ ପରିଶ୍ରମୀ, ଉଦ୍‌ଯୋଗୀ ଓ ଉତ୍ସାହୀ। ଉଦ୍‌ଯୋଗ ବିକାଶ ପାଇଁ ସେମାନେ କେବଳ ଏକ ଅନୁକୂଳ ପରିବେଶ ଲୋଡ଼ନ୍ତି। ଏହି ପରିବେଶ ଯୋଗାଇଦେବା କାର୍ଯ୍ୟ ମୁଖ୍ୟତଃ ସରକାରଙ୍କର। ସେଥିପାଇଁ ଭଲ ଆଇନ ଓ ଉତ୍ତମ ବ୍ୟବସ୍ଥା ସରକାର କରିବା ଉଚିତ। ଭୌତିକ ବିକାଶ ଛଡ଼ା ଏଥିପାଇଁ ବହୁ ଅର୍ଥର ଆବଶ୍ୟକତା ନାହିଁ। ଭୌତିକ କ୍ଷେତ୍ରର ବିକାଶ ପାଇଁ ସରକାରୀ-ବେସରକାରୀ ଅଂଶୀଦାର ଭିତ୍ତିରେ କାର୍ଯ୍ୟ ହୋଇପାରିବ। ଭାରତ ଗତ କିଛି କାଳ ଧରି ଏ କ୍ଷେତ୍ରରେ ବେଶ୍ କିଛି ପ୍ରଗତି ହାସଲ କରିଛି; ଏହା ସତ୍ତ୍ୱେ ବ୍ୟବସାୟ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ସଂକ୍ରାନ୍ତ ଆନ୍ତର୍ଜାତିକ ତାଲିକାରେ ଭାରତର ସ୍ଥାନ ୧୩୦ରେ ରହିଛି। ଏହି ସରକାର ଏ କ୍ଷେତ୍ରରେ ବେଶ୍ କିଛି କରିଛନ୍ତି। ଆହୁରି କିଛି କରିବା ସରକାରଙ୍କଠାରୁ ଆଶା କରାଯାଏ।

ଲେଖକ ପିଜି ଡିଏଭି କଲେଜ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଠାରେ ସହଯୋଗୀ ପ୍ରଫେସର।

# ଏମ୍‌ଏସ୍‌ଏମ୍‌ଇର ସର୍ବଶେଷ ଆହ୍ୱାନ, ସୁଯୋଗ ଓ ଅନିବାର୍ଯ୍ୟତା

ପି.ଏମ୍. ମାଥ୍ୟୁ

ଭାରତୀୟ ସାଧାରଣତନ୍ତ୍ରର ସଂସ୍ଥାପକ ନେତୃମଣ୍ଡଳୀ ଦେଶଗଠନରେ କ୍ଷୁଦ୍ର ଉଦ୍ୟୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବେଶ୍ ଭଲଭାବେ ଦେଖି ପାରିଥିଲେ। ସମୟକ୍ରମେ ସେମାନଙ୍କ ଦୂରଦୃଷ୍ଟି ସତ୍ୟରେ ପରିଣତ ହୋଇଥିଲା ଏବଂ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ଦେଶରେ ବିଭିନ୍ନ ସାମଗ୍ରୀ ଉତ୍ପାଦନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା। ବିଶ୍ୱ ଅର୍ଥନୀତିରେ ଦ୍ରୁତ ପରିବର୍ତ୍ତନ ସହିତ ନୂଆ ଜ୍ଞାନ କୌଶଳର ଉପଯୋଗ ବଢ଼ିବା ଫଳରେ ଏହି ଉଦ୍ୟୋଗ ବିକଶିତ ରାଷ୍ଟ୍ରରେ ଅଭୂତପୂର୍ବ ସଫଳତା ଲାଭ କରିଛି। ଅପରପକ୍ଷରେ ଭାରତରେ ଏହି ଉଦ୍ୟୋଗ ଏହି ପରିବର୍ତ୍ତନ ପ୍ରକ୍ରିୟା ସହ ତାଳ ଦେଇ ଚାଲିପାରିନାହିଁ। ଏହି ଉଦ୍ୟୋଗର ବାସ୍ତବତାକୁ ବୁଝି ଏ କ୍ଷେତ୍ରରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

ଉଦ୍‌ଯୋଗର ମୌଳିକ ଢାଞ୍ଚା ଏମ୍‌ଏସ୍‌ଏମ୍‌ଇ ହିଁ ତିଆରି କରିଥାଏ। ଏହା ତୃଣମୂଳସ୍ତରରୁ ସ୍ଥାନୀୟ ଆବଶ୍ୟକତା ଓ ବଜାରକୁ ଦେଖି ମୁଣ୍ଡ ଟେକେ ଏବଂ ଲୋକଙ୍କୁ ନିଯୁକ୍ତିର ସୁଯୋଗ ଯୋଗାଏ। ତେଣୁ ଏହି ଉଦ୍ୟୋଗର ସ୍ଥିତି, ସାମର୍ଥ୍ୟ ଓ ସମ୍ଭାବନାର ବିଜ୍ଞାନଭିତ୍ତିକ ଆଲୋଚନା ଲୋଡ଼ା। ଏହି ପ୍ରବନ୍ଧରେ ସେ ସମ୍ପର୍କରେ ଆଲୋଚନା କରାଯାଇଛି।



**ସାମ୍ପ୍ରତିକ ସ୍ଥିତି:**

ଯେକୌଣସି ଦେଶର ଲୋକନୀତି ଆନ୍ତର୍ଜାତିକ ଘଟଣାବଳୀ ବା ସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଏ। ତଦନୁସାରେ ସରକାରୀ ନୀତି ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥାଏ। ଅତଏବ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ପାଇଁ ନୂଆ ନୀତି ପ୍ରଣୟନ ବେଳେ ପୁନର୍ଗଠନ, ଆନ୍ତଃ-ଆଞ୍ଚଳିକ ବାଣିଜ୍ୟ, ହବ୍-ଅର୍ଥନୀତି (ହବାନୋମିକ୍ସ) ଆନ୍ତର୍ଜାତିକ ବାଣିଜ୍ୟ ମଡେଲ ଆଦିକୁ ଅନୁଧ୍ୟାନ କରି ଏକ ଯୁଗ ଉପଯୋଗୀ ପଦକ୍ଷେପ ନେବାକୁ ହେବ। ଗୁଗୁଲ୍, ଆପଲ୍, ଫେସବୁକ୍ ଓ ଆମାଜନ ଭଳି ବୃହତ୍ ଜ୍ଞାନ ଉଦ୍ୟୋଗ ଏକ ଟେକ୍‌ନୋଲୋଜି ତରଙ୍ଗ ଓ ପ୍ରତିଯୋଗିତାମୂଳକ ଦୃଶ୍ୟପଟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି। ଏହା ପରବର୍ତ୍ତୀ ଶିଳ୍ପ ବିପ୍ଳବର ଢାଞ୍ଚା ପ୍ରସ୍ତୁତ କରିଛି।

ଇଂରାଜୀରେ ଯାହାକୁ ହବାନୋମିକ୍ସ କୁହାଯାଉଛି ତାହାର ଉତ୍ପତ୍ତି ହବ୍ ସଂସ୍କୃତିରୁ ହୋଇଛି। ହବ୍‌ରେ ବେପାର ଆରମ୍ଭ କରିବା ବା ହବ୍ ଭିତ୍ତିକ ଉଦ୍ୟୋଗ ସ୍ଥାପନ କରିବା ଏବେ ଏକ ଧାରାରେ ପରିଣତ ହୋଇଛି ଓ ଏହା ୨୦୧୭ର ଅନୁଭୂତି।

ସ୍ୱାଧୀନତା ପରେ ଭାରତର ଶିଳ୍ପ ନୀତି ଦୁଇଟି ଆଭିମୁଖ୍ୟ ନେଇ ପ୍ରସ୍ତୁତ ହୋଇଥିଲା। ପ୍ରଥମଟି ହେଲା ଲୋକଙ୍କୁ ନିଯୁକ୍ତି ସୁଯୋଗ ଦେବା ଓ ଦ୍ୱିତୀୟଟି ହେଲା ଏହି ସୁଯୋଗକୁ ବିଭିନ୍ନ ଅଞ୍ଚଳ ଓ ଗ୍ରାମ ପର୍ଯ୍ୟନ୍ତ ନେଇ ଶିଳ୍ପ ପ୍ରସାର କରିବା। ଏହା ଫଳରେ ଅନେକ ଉପସହରାଞ୍ଚଳ ଭାରତରେ ସୃଷ୍ଟି ହେଲା ଓ ଶିଳ୍ପର ପ୍ରସାର ଘଟିଲା। ଏହା ଫଳରେ ଶିଳ୍ପାୟନର



ପ୍ରସାର ସହିତ ଦେଶର ବିଭିନ୍ନ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପ୍ରଗତି ଘଟିଥିଲା। ଦେଶର ସହରାଞ୍ଚଳରେ ଉଭୟ ଧନୀ ଓ ଦରିଦ୍ର ବାସ କରନ୍ତି ଏବଂ ନିଜ ନିଜ ବୁଦ୍ଧି, ସାମର୍ଥ୍ୟ, ସୁଯୋଗ ସୁବିଧାର ଉପଯୋଗ କରି ସେମାନେ ରୋଜଗାର କରିଥାନ୍ତି। ଯେଉଁମାନେ ଆତ୍ମନିଯୁକ୍ତ ସେମାନେ ସ୍ଥାନୀୟ ଅର୍ଥନୀତିକୁ କ୍ରମଶଃ ସମୃଦ୍ଧ କରିଥାନ୍ତି। ଅତଏବ ସାଧାରଣ ଲୋକନୀତିରେ ସହର ଓ ଗ୍ରାମାଞ୍ଚଳ ମଧ୍ୟରେ ସଂଯୋଗ ସ୍ଥାପନ ଉପରେ ଅଗ୍ରାଧିକାର ପ୍ରଦାନ କରାଯିବା ଉଚିତ।


'ମେକ୍ ଇନ୍ ଇଣ୍ଡିଆ' ଏକ ଅତି ଦୃଶ୍ୟମାନ ଜାତୀୟ ଅଭିଯାନ। ଏହାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉତ୍ତମ। ଏହାର ରୂପାୟନ ଦୁଇ ପ୍ରକାର ଢଙ୍ଗରେ ହେବା ଦରକାର। ପ୍ରଥମଟି ହେଲା ବିପୁଳ ବିଦେଶୀ ଓ ଦେଶୀ ପୁଂଜି ଆକର୍ଷଣ କରିବା ଓ ଅନ୍ୟଟି ହେଲା ବୃହତ୍ ଉଦ୍ୟୋଗକୁ ଏମ୍‌ଏସ୍‌ଏମ୍‌ଇ ସହ ବ୍ୟାବସାୟିକ ଭାବେ ସଂଯୁକ୍ତ କରିବା। ଏହି ସଂଯୋଗର ମାର୍ଗ ହେଲା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ବୃହତ୍ ଉଦ୍ୟୋଗ ସମୂହ ସେବା ଯୋଗାଣ ବା ସାମଗ୍ରୀ ଉତ୍ପାଦନ ପାଇଁ ଉପଠିକା (ସବ୍‌କଣ୍ଟ୍ରାକ୍ଟ) ଯୋଗାଇଦେବା। ଯେଉଁ ଉଦ୍ୟୋଗଗୁଡ଼ିକର ଅଭିଜ୍ଞତା, ଦକ୍ଷତା ଓ ସୁଯୋଗ ସୁବିଧା ରହିଛି ଏହି ଠିକା ଯୋଗାଣରେ ସେମାନଙ୍କୁ ଅଗ୍ରାଧିକାର ଦିଆଯିବା ଆବଶ୍ୟକ।



**ଆହ୍ୱାନ ଓ ସୁଯୋଗ:**

ଭାରତରେ ବୃହତ୍ ଓ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ସମାନ୍ତରାଳ ଭାବେ ଚାଲିବା ପାଇଁ ଯୋଜନାରେ ଗୁରୁତ୍ୱ ଦିଆଯାଇଛି। ଏହା ସତ୍ତ୍ୱେ ଉଭୟ ଉଦ୍ୟୋଗର ସହାବସ୍ଥାନ ସମ୍ଭବ ହେଉନାହିଁ। ସେ ଦୃଷ୍ଟିରୁ କାରଣଗୁଡ଼ିକୁ ଖୋଜି ବାହାର କରି ଏହାର ସମାଧାନ ସହିତ ନୂଆ ନୀତି ଓ କାର୍ଯ୍ୟକ୍ରମ ହାତକୁ ନେବାର ଆବଶ୍ୟକତା ରହିଛି। ଏହା ଫଳରେ ସ୍ଥାନୀୟ ଲୋକ ଓ ସେମାନଙ୍କ ଜୀବନ ଜୀବିକା ଉପରେ ଭଲ ପ୍ରଭାବ ପଡ଼ିବ।

ଶିଳ୍ପାୟନ, ବିଶେଷତଃ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ରହିଛି। ସହଯୋଗର ଅଭାବ ପରିଲକ୍ଷିତ ହେଉଛି। ସ୍ଥାନୀୟ ଜନତା ଓ ଶିଳ୍ପ ସଂସ୍ଥା ମଧ୍ୟରେ ବିବାଦ, ସଂଘର୍ଷ ମଧ୍ୟ ସୃଷ୍ଟି ହେଉଛି। ଆହୁରି ମଧ୍ୟ ବିବାଦମାନ ସ୍ୱାର୍ଥ ସମସ୍ୟା ସୃଷ୍ଟି କରୁଛି। ସ୍ଥାନୀୟ ଆବଶ୍ୟକତା ପରିପ୍ରେକ୍ଷୀରେ ବିକାଶ ଏବେ ଏକ ନୂଆ ତତ୍ତ୍ୱ ହୋଇଛି। ଏହା ଫଳରେ ବିକାଶର ପାରମ୍ପରିକ ସଂଜ୍ଞା ବଦଳିଛି। ବିକାଶର ଉଦ୍ଦେଶ୍ୟ ହେଲା ସର୍ବାଧିକ ମାନବିକ କଲ୍ୟାଣ ସାଧନ କରିବା। ବିକାଶର ବିଚାର ଏକକ ନ'ହେଲେ ମଧ୍ୟ ଏହାର ଲକ୍ଷ୍ୟ ବହୁଜନହିତକାରୀ। ତେଣୁ ନିମ୍ନ ଚିତ୍ର ଆଧାରରେ ମଣିଷକୁ କେନ୍ଦ୍ରରେ ରଖି ବିକାଶର ଏକ ନୂଆ ଢାଞ୍ଚା ପ୍ରସ୍ତୁତ କରିବାକୁ ପଡ଼ିବ।




୧) ମଣିଷକୁ ବିକାଶର କେନ୍ଦ୍ରରେ ରଖିବାକୁ ହେବ। ୨) ମାନବ କଲ୍ୟାଣକୁ ଉଲ୍ଲିଖିତ ବିଷୟ ଆଧାରରେ ଅର୍ଥ କରିବାକୁ ପଡ଼ିବ। ମାନବ କଲ୍ୟାଣର ଆର୍ଥିକ, ସାମାଜିକ ଓ ପରିବଶେଗତ ଦିଗ ରହିଛି। ସ୍ଥାନୀୟ ଆର୍ଥିକ ବିକାଶ ନୀତି ଏହି ତିନି ଦିଗର ପରିପୂରକ ହେବା ଆବଶ୍ୟକ। ଏହା ନିଶ୍ଚିତ କରିବାକୁ ପଡ଼ିବ ଯେ ଏହି ବିକାଶ ପ୍ରକ୍ରିୟାରେ ସ୍ଥାନୀୟ ଲୋକ ବେଶୀ ସଂଖ୍ୟାରେ ଯେପରି ଉପକୃତ ହୁଅନ୍ତି। ଅଧିକ ସ୍ଥାନୀୟ ଲୋକଙ୍କ ସହଯୋଗ ରହିଲେ ଓ ସେମାନେ ବିକାଶ ପ୍ରକ୍ରିୟାରେ ସାମିଲ ହେଲେ ଦ୍ୱନ୍ଦ୍ୱ ରହିବ ନାହିଁ। ଆଗାମୀ ପିଢ଼ି ପାଇଁ ମଧ୍ୟ ଏହା ଲାଭଦାୟକ ସାବ୍ୟସ୍ତ ହେବ। ବିକାଶ ପ୍ରକ୍ରିୟାରେ ମାନବିକ ପରିବେଶକୁ ମନଇଚ୍ଛା ସହର, ଗ୍ରାମ, ପୁରୁଷ-ମହିଳା, ଯୁବା-ବୃଦ୍ଧ ଏଭଳି ଭାଗ ଭାଗ କରାଯିବା ଅନୁଚିତ। ଜାତୀୟ ଲକ୍ଷ୍ୟ ଓ ସ୍ୱାର୍ଥ, ଉପର ବର୍ଣ୍ଣିତ ନୀତି ଅନୁସାରେ ବିଶ୍ୱବ୍ୟାପୀ ନିର୍ଦ୍ଧାରିତ ହେଉଥିବାବେଳେ ପୁଂଜିର ସ୍ୱାର୍ଥ ତଳୁ ଉପରକୁ ବା ଉର୍ଦ୍ଧ୍ୱମୁଖୀ। ତେଣୁ ଏକ ବିକାଶ କାର୍ଯ୍ୟସୂଚୀ ତିଆରି କରିବାବେଳେ ଆଞ୍ଚଳିକ ସ୍ତରର ବାସ୍ତବତାକୁ ଗ୍ରହଣ କରିବା ଏକ କଠିନ କାର୍ଯ୍ୟ। ତେଣୁ ଉପଯୁକ୍ତ ପ୍ରମାଣ ଭିତ୍ତି ବିନା ଭାରତ ତାହାର ଏମ୍ଏସ୍ଏମ୍ଇ ଉଦ୍ୟୋଗର ବିକାଶ କରିବା ସହଜ ନୁହେଁ।

**ସମନ୍ୱିତ ବିକାଶର ଆବଶ୍ୟକତା:**

ଅର୍ଥନୀତିର କ୍ରମବର୍ଦ୍ଧିଷ୍ଣୁ ଜଟିଳତା ଦୃଷ୍ଟିରୁ ଏମ୍ଏସ୍ଏମ୍ଇ କ୍ଷେତ୍ରର ସମନ୍ୱିତ ବିକାଶ ପାଇଁ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି। ଏଥିରେ ଏହି ଉଦ୍ୟୋଗ ପାଇଁ ଥିବା ବିଭିନ୍ନ ସୁଯୋଗ ଓ ସମସ୍ୟାବଳୀଗୁଡ଼ିକୁ ନିର୍ଦ୍ଧାରଣ କରି କାର୍ଯ୍ୟ

ଉଦ୍ୟୋଗ ସ୍ଥାପନକୁ ନିର୍ଦ୍ଦିଷ୍ଟ ବର୍ଗ ବା ଶ୍ରେଣୀ ମଧ୍ୟରେ ସୀମିତ ନ'ରଖି ବଂଚିତ ବର୍ଗଙ୍କୁ ଏଥିରେ ସାମିଲ କରିବା ଉଦ୍ଦେଶ୍ୟରେ 'ଷ୍ଟାଣ୍ଡ ଅପ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଏକ ଉଲ୍ଲେଖନୀୟ ପଦକ୍ଷେପ। ସେହିଭଳି ସବା ତଳେ ଥିବା ଅତିକ୍ଷୁଦ୍ର ଉଦ୍ୟୋଗର ସମ୍ବଳ ସମସ୍ୟା ଦୂର ପାଇଁ ପ୍ରବର୍ତ୍ତନ କରାଯାଇଥିବା 'ମୁଦ୍ରା' ଯୋଜନା ଏକ ବାସ୍ତବବାଦୀ ସରକାରୀ ପ୍ରୟାସ।

ଏସବୁ ସରକାରୀ ପ୍ରୟାସରୁ ସ୍ପଷ୍ଟ ହୁଏ ଯେ ସରକାର ଅର୍ଥନୀତିରେ ଏମ୍ଏସ୍ଏମ୍ଇ ଉଦ୍ୟୋଗର ଗୁରୁତ୍ୱକୁ ଉପଲବ୍ଧି କରୁଛନ୍ତି। ସେଥିପାଇଁ ଏହାର ବିକାଶ ନିମନ୍ତେ ନାନାବିଧ ପ୍ରୋତ୍ସାହନ ଯୋଗାଉଛନ୍ତି। ନୂଆ କରି କିଛି କରିବା ଓ ନୂଆ ଜିନିଷ ଉତ୍ପାଦନ କରିବାକୁ ଏହି ଉଦ୍ୟୋଗକୁ 'ଇନୋଭେସନ' ଯୋଜନାରେ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ହେଲା ଉତ୍ତମ ବଜାର ହାସଲ କରିବା ଏବଂ ଶିଳ୍ପ ସଂସ୍ଥାଙ୍କୁ ସ୍ୱାବଲମ୍ବୀ କରାଇବା।

କରିବାକୁ ହେବ। ଗବେଷଣା ତଥା ବ୍ୟାପକ ଅନୁଧ୍ୟାନ ପୂର୍ବକ ପ୍ରଚଳିତ ନୀତିର ପରିବର୍ତ୍ତନ କରାଯିବା ଉଚିତ।


୫୬ତମ ସମ୍ବିଧାନ ସଂଶୋଧନ ବଳରେ ଗ୍ରାମ ଓ କ୍ଷୁଦ୍ରଶିଳ୍ପ ଏବେ ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇଛି। ଭାରତର ଶିଳ୍ପାୟନ ବ୍ୟବସ୍ଥାରେ ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥା ତଥା ଉଦ୍ୟୋଗମାନ ଛୋଟଛୋଟ ସହର ଓ ଗାଁ ଅଧିକ ସଂଖ୍ୟାରେ ରହିଛି। ସ୍ଥାନୀୟ ପରିବେଶ ଓ ପରିସ୍ଥିତିର ସୁଯୋଗ ନେଇ ଏସବୁ ସଂସ୍ଥା ଗଢ଼ିଉଠିଥାଏ। ବିଡ଼ମ୍ବନା ହେଉଛି ଆମ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥା (ପଞ୍ଚାୟତ ବା ପୌରପ୍ରଶାସନ) ଏସବୁ ଶିଳ୍ପ ସଂସ୍ଥା ବିଷୟରେ ଅଜ୍ଞ ଥାଆନ୍ତି କିମ୍ବା ସେ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରି ନ ଥାନ୍ତି। ଯେଉଁସବୁ ପଞ୍ଚାୟତ ବା ସହରାଞ୍ଚଳ ସଂସ୍ଥା ସଫଳତାର କାହାଣୀ ପାଇଁ ଲୋକଲୋଚନକୁ ଆସୁଛନ୍ତି ସେମାନଙ୍କୁ ଏହି ଉଦ୍ୟୋଗର ସଫଳତାର କାହାଣୀ ବାହାର ଦୁନିଆକୁ ଜଣାଇବାକୁ ପ୍ରୋତ୍ସାହିତ କରାଯିବାର ଆବଶ୍ୟକତା



ରହିଛି। ସେସବୁ ସଂସ୍ଥାର ବିକାଶ ପାଇଁ ପଞ୍ଚାୟତିରାଜ ବା ପୌର ପ୍ରଶାସନ ବିଭିନ୍ନ ପ୍ରୋତ୍ସାହନ ଯୋଗାଇଦେବା ଦରକାର।

ଏହି ଉଦ୍ୟୋଗର ଦକ୍ଷତା, ସାମର୍ଥ୍ୟ, ସମ୍ବଳ ଓ ସମ୍ଭାବନା ଆଦି ସମ୍ପର୍କରେ ତଳ ସ୍ତରରୁ ଉପଯୁକ୍ତ ଅନୁଧ୍ୟାନ କରାଯାଇ ବିକାଶମୁଖୀ ପଦକ୍ଷେପ ଗ୍ରହଣ କରାଗଲେ ତାହା ଅଧିକ ବାସ୍ତବବାଦୀ ହେବ। ଏହା ଫଳରେ ଏହି ଉଦ୍ୟୋଗ ନୂଆ ଅର୍ଥନୀତିର ସୁଫଳ ଲାଭ କରିବ ଏବଂ ଏହାକୁ ଋଦ୍ଧିମନ୍ତ କରିବାରେ ମଧ୍ୟ ସହାୟକ ହୋଇପାରିବ। ଏଥିପାଇଁ ପଞ୍ଚାୟତ-ବ୍ଲକ, ବ୍ଲକ୍-ଜିଲ୍ଲା, ଜିଲ୍ଲା-ପ୍ରଦେଶ, ପ୍ରଦେଶ ଓ ଦେଶ ମଧ୍ୟ ସମନ୍ୱୟ ଓ ସୁସଂପର୍କ ଲୋଡ଼ା।





**କେନ୍ଦ୍ର ସରକାରଙ୍କ ଉଦ୍ୟମ:**

୨୦୧୪ ଠାରୁ ଭାରତ ସରକାର ଏହି ଉଦ୍ୟୋଗର ସ୍ୱାର୍ଥକୁ ଆଖିଆଗରେ ରଖି ଦକ୍ଷତା ଓ ଉଦ୍‌ଯୋଗ ବିକାଶ, ଶିଳ୍ପ ପ୍ରୋତ୍ସାହନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏଥିପାଇଁ ନୀତି ନିୟମ ପ୍ରଣୟନ ସହିତ ନାନାବିଧ କାର୍ଯ୍ୟକ୍ରମମାନ ମଧ୍ୟ ଆରମ୍ଭ ହୋଇଛି । ଭାରତକୁ ଏକ ଉତ୍ପାଦନ ହବ୍‌ରେ ପରିଣତ କରିବା ପାଇଁ ଭାରତ ସରକାର 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି । ଏହାକୁ ଏକ ଧ୍ୱଜାଧାରୀ ଯୋଜନାର ମାନ୍ୟତା ଦିଆଯାଇଛି । ଦକ୍ଷତାର ଯେଉଁ ଅଭାବ ରହିଛି ତାହାକୁ ପୂରଣ କରିବାକୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବଡ଼ଧରଣର ଆରମ୍ଭ ହୋଇଛି । ଦକ୍ଷତା ବିକାଶରେ ଉଭୟ ବୈଷୟିକ ଓ ପରିଚାଳନା ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ ଦିଆଯାଉଛି । ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ 'ଷ୍ଟାର୍ଟ ଅପ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ନୂଆ ଅର୍ଥନୀତିର ସୁଯୋଗ ନେବାକୁ ଏମ୍ଏସ୍ଏମ୍ଇ ଉଦ୍ୟୋଗକୁ ଆନୁଷ୍ଠାନିକ ଓ ନୀତିଗତ ଭାବେ ପ୍ରସ୍ତୁତ କରିବା କାର୍ଯ୍ୟ ଚାଲିଛି ।

ଉଦ୍ୟୋଗ ସ୍ଥାପନକୁ ନିର୍ଦ୍ଦିଷ୍ଟ ବର୍ଗ ବା ଶ୍ରେଣୀ ମଧ୍ୟରେ ସୀମିତ ନ'ରଖି ବଂଚିତ ବର୍ଗଙ୍କୁ ଏଥିରେ ସାମିଲ କରିବା ଉଦ୍ଦେଶ୍ୟରେ 'ଷ୍ଟାଣ୍ଡ ଅପ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଏକ ଉଲ୍ଲେଖନୀୟ ପଦକ୍ଷେପ । ସେହିଭଳି ସବା ତଳେ ଥିବା ଅତିକ୍ଷୁଦ୍ର ଉଦ୍ୟୋଗର ସମ୍ବଳ ସମସ୍ୟା ଦୂର ପାଇଁ ପ୍ରବର୍ତ୍ତନ କରାଯାଇଥିବା 'ମୁଦ୍ରା' ଯୋଜନା ଏକ ବାସ୍ତବବାଦୀ ସରକାରୀ ପ୍ରୟାସ ।

ଏସବୁ ସରକାରୀ ପ୍ରୟାସରୁ ସ୍ପଷ୍ଟ ହୁଏ ଯେ ସରକାର ଅର୍ଥନୀତିରେ ଏମ୍ଏସ୍ଏମ୍ଇ ଉଦ୍ୟୋଗର ଗୁରୁତ୍ୱକୁ ଉପଲବ୍ଧି କରୁଛନ୍ତି । ସେଥିପାଇଁ ଏହାର ବିକାଶ ନିମନ୍ତେ ନାନାବିଧ ପ୍ରୋତ୍ସାହନ ଯୋଗାଉଛନ୍ତି । ନୂଆ କରି କିଛି କରିବା ଓ ନୂଆ ଜିନିଷ ଉତ୍ପାଦନ କରିବାକୁ ଏହି ଉଦ୍ୟୋଗକୁ 'ଇନୋଭେସନ' ଯୋଜନାରେ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ହେଲା ଉତ୍ତମ ବଜାର ହାସଲ କରିବା ଏବଂ ଶିଳ୍ପ ସଂସ୍ଥାଙ୍କୁ ସ୍ୱାବଲମ୍ବୀ କରାଇବା ।

ସରକାର ଏହି ଉଦ୍ୟୋଗର ବିକାଶ ପାଇଁ ବିଭିନ୍ନ ପ୍ରୟାସ ଜାରି ରଖିବାବେଳେ ବିମୁଦ୍ରାୟନ ଓ ଜିଏସ୍‌ଟି ପ୍ରବର୍ତ୍ତନ କରିବା ଦ୍ୱାରା ଏହାର କୁପ୍ରଭାବ ଏହି ଉଦ୍ୟୋଗ ଉପରେ ପଡ଼ିଛି କି ନାହିଁ ସେ ନେଇ ଏବେ ଅନେକ ବିତର୍କ ହେଉଛି । ଅର୍ଥନୀତିର ଭବିଷ୍ୟତ ଓ ଦୃଢ଼ତା ପାଇଁ ଜିଏସ୍‌ଟି ପ୍ରଚଳନ ଏବଂ ବିମୁଦ୍ରାୟନ ପଦକ୍ଷେପର ଯଥାର୍ଥତାକୁ ପ୍ରଶ୍ନ କରିହେବ ନାହିଁ । ଭାରତ ଭଳି ଏକ ଦ୍ରୁତବିକାଶଶୀଳ ରାଷ୍ଟ୍ରରେ ଏଭଳି ବଡ଼ ଧରଣର ପରିବର୍ତ୍ତନବାଦୀ ପଦକ୍ଷେପ ଲୋଡ଼ା । ତେବେ ସତକଥା ହେଲା କୌଣସି ଏକ ବଡ଼ଧରଣର ପରିବର୍ତ୍ତନ ହେଲେ ତାହାର ପ୍ରଭାବ ଅର୍ଥନୀତିର ବିଭିନ୍ନ କ୍ଷେତ୍ର ଉପରେ ତତ୍‌କାଳ ପଡ଼େ; କିନ୍ତୁ ଏହା ଯେ ସାମୟିକ ତାହା ବିଶ୍ୱର ବିଭିନ୍ନ ରାଷ୍ଟ୍ରର ଉଦାହରଣରୁ ସ୍ପଷ୍ଟ ହୁଏ । ସାମୟିକ ଅସୁବିଧା ପରେ ଏହାର ଲାଭ ଭବିଷ୍ୟତରେ ଅଧିକ ମିଳିଥାଏ । ସରକାରୀ ନୀତି ଯୁଗର ପରିବର୍ତ୍ତନ ସହ ତାଳ ଦେଇ ଚାଲିବ, ଏହା ଅନାସକ୍ତ ହୋଇ ରହିପାରିବ ନାହିଁ । ତେଣୁ ଏହି ପରିପ୍ରେକ୍ଷୀରେ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଯେଉଁ ପ୍ରଭାବ ପଡ଼ିଛି ତାହାକୁ ସ୍ୱତନ୍ତ୍ର ସହାୟତା ଓ କାର୍ଯ୍ୟକ୍ରମ ଦ୍ୱାରା ସରକାର ସୁଧାରିବାକୁ ପ୍ରୟାସୀ ।



ସବୁଠୁ ବଡ଼ କଥା ହେଲା ଏହି ଉଦ୍ୟୋଗକୁ ଆନୁଷ୍ଠାନିକ ରୂପ ଦେବା ପାଇଁ ସରକାର ନାନାବିଧ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି । ଏହାର ଫଳାଫଳକୁ ଜାରି ରଖିବା ପାଇଁ ସରକାରଙ୍କୁ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଏକ ବହୁମୁଖୀ ରଣକୌଶଳ କାର୍ଯ୍ୟକାରୀ କରିବାକୁ ପଡ଼ିବ । ସେଗୁଡ଼ିକ ହେଲା ୧) ଏମ୍‌ଏସ୍‌ଏମ୍‌ଇର ଉପବିଭାଗଗୁଡ଼ିକର ସ୍ଥିତିର ସବିଶେଷ ଅନୁଧ୍ୟାନ ଓ ସମସ୍ୟା ସମାଧାନ, ୨) ଅର୍ଥନୀତିରେ ଏହି ଉଦ୍ୟୋଗର ଗୁରୁତ୍ୱକୁ ବିଚାରକୁ ନେଇ ତାହାର ସ୍ପଷ୍ଟ କାର୍ଯ୍ୟଧାରା ନିର୍ଣ୍ଣୟ, ୩) ସବିଶେଷ ଅନୁଧ୍ୟାନ ପୂର୍ବକ ଏହି ଉଦ୍ୟୋଗର ପୁନର୍ଗଠନ ଓ ପ୍ରତିଷ୍ଠାନର ଭୂମିକାର ପୁନଃନିର୍ଦ୍ଧାରଣ, ୪) ଅର୍ଥ ଓ ବାସ୍ତବ କ୍ଷେତ୍ର ମଧ୍ୟରେ ଥିବା ସମ୍ପର୍କରେ ପୁନର୍ଗଠନ ଓ ଅର୍ଥର ଭୂମିକାର ପୁନଃବ୍ୟାଖ୍ୟା ଏବଂ ୫) ଉଦ୍ୟୋଗୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବେ ଗ୍ରହଣ କରି ସେମାନଙ୍କ ପାଇଁ ଯୋଜନା ତଥା କର୍ଯ୍ୟକ୍ରମ ପ୍ରସ୍ତୁତ ।

**ଉପସଂହାର:**

ସ୍ଥାନୀୟ ଅର୍ଥନୀତିର ବିକାଶରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ଭୂମିକା ଅନସ୍ୱୀକାର୍ଯ୍ୟ । ଏହାସତ୍ତ୍ୱେ ଏହି ଉଦ୍ୟୋଗ ପାଇଁ ଯେଉଁ ନୂଆ ନୀତି ଓ କାର୍ଯ୍ୟକ୍ରମମାନ ପ୍ରସ୍ତୁତ ହେଉଛି ତାହା ଅଧିକ ସ୍ପଷ୍ଟ ଏବଂ କୌଶଳାତ୍ମକ ହେବା ଆବଶ୍ୟକ । ଏହା ହେଲେ ଏହି ଉଦ୍ୟୋଗର ବିକାଶ ଢାଞ୍ଚା ଉପଯୁକ୍ତ ଆକାର ନେବ । ସେଥିପାଇଁ ବୃହତ୍ ଅର୍ଥନୀତିକ ପ୍ରସଙ୍ଗକୁ ବିଚାରକୁ ନେଇ ନୀତି ନିର୍ଦ୍ଧାରଣ କରିବାକୁ ପଡ଼ିବ । ସର୍ବୋପରି ଦେଶର ଆଞ୍ଚଳିକ ବିବିଧତାକୁ ବିଚାରକୁ ନେଇ ଏହି ଉଦ୍ୟୋଗର ବିକାଶ ଓ ସଂପ୍ରସାରଣ କଥା ଚିନ୍ତା କରାଯିବାର ଆବାଶ୍ୟକତା ରହିଛି ।

ଲେଖକ କୋଚିନସ୍ଥିତ କ୍ଷୁଦ୍ର ଉଦ୍ୟୋଗ ଓ ବିକାଶ ପ୍ରତିଷ୍ଠାନର ନିର୍ଦ୍ଦେଶକ

# ସମସ୍ତଙ୍କ ପାଇଁ ଏମ୍‌ଏସ୍‌ଏମ୍‌ଇ ସାମଗ୍ରୀ ଓ ସେବା

ଶିଶିର ସିହ୍ନା

ଏକ ଉତ୍ପାଦ ପ୍ରସ୍ତୁତ କରିବା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ଦ୍ରବ୍ୟ ଉଦ୍ଦିଷ୍ଟ ବର୍ଗ ବା ଖାଉଟିଙ୍କ ପାଖରେ ପହଞ୍ଚୁଛି କି ନାହିଁ ତାହା ଆହୁରି ଗୁରୁତ୍ୱପୂର୍ଣ୍ଣ। ଅନ୍ୟ ଅର୍ଥରେ ଜିନିଷଟିଏ ତିଆରି କରିବା ପରେ ତାକୁ ଖାଉଟି ପାଖରେ ବା ବଜାରରେ ପହଞ୍ଚାଇବାର ଆବଶ୍ୟକତା ରହିଛି। ସେହି ବଜାର ସୁବିଧା ପାଇବା ସହଜ କି ନୁହେଁ ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏସବୁ ପ୍ରଶ୍ନର ଉତ୍ତର ପାଇବା ସହଜ ନୁହେଁ। ଯେକୌଣସି ବଡ଼ କମ୍ପାନୀଙ୍କୁ ପଚାରନ୍ତୁ ସେମାନେ କହିବେ ଯେ ବଜାର ବା ଉପଭୋକ୍ତାଙ୍କ ପାଖରେ ଜିନିଷ ପହଞ୍ଚାଇବାକୁ ସେମାନଙ୍କୁ ନିୟୁତ ନିୟୁତ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ବଜାର ପ୍ରବେଶ ପାଇଁ ରଣ କୌଶଳ ନିର୍ଦ୍ଧାରଣ କରିବାକୁ ସେମାନଙ୍କୁ ବଜାର ଓ ବିପଣନ ବିଶେଷଜ୍ଞଙ୍କ ସହାୟତା ନେବାକୁ ପଡ଼େ। ଏଥି ପାଇଁ ଭଲ ଅର୍ଥ ଖର୍ଚ୍ଚ କରିବାକୁ ହୁଏ। ଯେଉଁ କମ୍ପାନୀ ବା ଉତ୍ପାଦକଙ୍କ ପାଖରେ ପ୍ରଚୁର ପୁଞ୍ଜି ଅଛି ସେମାନଙ୍କ ପାଇଁ ଏହା ବେଶ୍ ସହଜ। ଯେଉଁମାନଙ୍କ ପାଖରେ ଅର୍ଥର ଅଭାବ ରହିଛି, ବିଶେଷତଃ ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ସେମାନଙ୍କ କଥା ବିଚାର କରନ୍ତୁ ତ! ସେମାନେ ବହୁ କଷ୍ଟ ସ୍ୱୀକାର କରି ବଜାରରେ ପହଞ୍ଚିବା ବେଳକୁ ସେଠାରେ ଅନ୍ୟ ବଡ଼ ଘରୋଇ ଓ ବିଦେଶୀ ଉତ୍ପାଦକଙ୍କ ସାମଗ୍ରୀ ଭିଡ଼ ଜମାଇ ବସିଥାଏ। ସେଠି ନିଜ ସାମଗ୍ରୀ ଧରି ଏମ୍‌ଏସ୍‌ଏମ୍‌ଇ ସଂସ୍ଥା ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହୁଅନ୍ତି।

ଏ ବିଷୟରେ ଆଲୋଚନା କରିବା ପୂର୍ବରୁ କେତେକ ପ୍ରଶ୍ନର ଉତ୍ତର ଆମକୁ ଜାଣିବାକୁ ପଡ଼ିବ।

ପ୍ର.- ଏମଏସ୍‌ଏମ୍‌ଇର ଅର୍ଥ କ'ଣ ?

ଉ.- ବକ୍ସ-୧ ଦେଖନ୍ତୁ।

ପ୍ର.- ଦେଶରେ ମୋଟ୍ ପଞ୍ଜୀକୃତ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ସଂଖ୍ୟା କେତେ ?

ଉ.- ଦେଶରେ ପଂଜୀକୃତ ଏମ୍‌ଏସ୍‌ଏମ୍‌ଇ ସଂସ୍ଥାଙ୍କ ସଂଖ୍ୟା ୬୫,୯୧,୮୭୦। ଏଥିରେ କ୍ଷୁଦ୍ର ଶିଳ୍ପ ସଂସ୍ଥା ସଂଖ୍ୟା ୧୫,୬୩,୯୭୪, ଉଦ୍ୟୋଗୀ ସ୍ମାରକ ଶିଳ୍ପ ସଂସ୍ଥା ସଂଖ୍ୟା ୨୧,୯୬,୯୦୨ ଓ ଉଦ୍ୟୋଗ ଆଧାର ସ୍ମାରକ ଶିଳ୍ପ ସଂସ୍ଥା ସଂଖ୍ୟା ୨୮,୩୦,୯୯୪ ଅନ୍ତର୍ଭୁକ୍ତ।

ପ୍ର.-ଅର୍ଥନୀତିକୁ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ଅବଦାନ କେତେ?

ଉ.- କେନ୍ଦ୍ରୀୟ ପରିସଂଖ୍ୟାନ ଅନୁସାରେ ଜିଡିପିରେ ଏହାର ଅବଦାନ (୨୦୧୫-୧୬) ୨୮.୭୭ ଶତାଂଶ। ଗ୍ରସ୍ ଭ୍ୟାଲୁ ଆଡେଡ୍ (ଜିଭିଏ) ଅନୁସାରେ ୨୦୧୫-୧୬ ବର୍ଷରେ ପ୍ରଚଳିତ ମୂଲ୍ୟରେ ଏହାର ଅଂଶ ଥିଲା ୩୧.୬୦%।

ପ୍ର.- ନିଯୁକ୍ତିରେ ଏହି ଉଦ୍ୟୋଗର ଅବଦାନ କେତେ?

ଉ.- ବିଭିନ୍ନ ସରକାରୀ ତଥ୍ୟ ଅନୁସାରେ ୮.୦୫ ଭାଗ ବା ୧୨କୋଟି।

ପ୍ର.- ମୋଟ୍ ରପ୍ତାନୀରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ଅଂଶ କେତେ?

ଉ.- ପ୍ରାୟ ୪୫ ଶତାଂଶ।

ବର୍ଣ୍ଣିତ ତଥ୍ୟାବଳୀରୁ ଏହା ସ୍ପଷ୍ଟ ହେଉଛି ଯେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ଦେଶର ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏହି ଉଦ୍ୟୋଗ ସମୂହ ଆକାରରେ ଛୋଟ ହୋଇଥିଲେ ହେଁ ସଂଖ୍ୟାରେ ଅଧିକ। ଏଥିରେ ପୁଂଜି ନିବେଶ

**ବକ୍ସ -୧**

**ଅତି କ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ସଂଜ୍ଞା**

| ୨୦୦୬ ଆଇନ ଅନୁସାରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ଦୁଇ ଭାଗରେ ବିଭକ୍ତ | | | |
|---|---|---|---|
| ମାନୁଫାକଚରିଙ୍ଗ ଉଦ୍ୟୋଗ | | ସେବା (ସର୍ଭିସ୍) ଉଦ୍ୟୋଗ | |
| ଉଦ୍ୟୋଗ | କାରଖାନା ଓ ଯନ୍ତ୍ରପାତିରେ ପୁଂଜି ବିନିଯୋଗ ସୀମା | ଉଦ୍ୟୋଗ | ଉପକରଣ, ଯନ୍ତ୍ରାଂଶରେ ପୁଂଜି ନିବେଶ |
| ଅତି କ୍ଷୁଦ୍ର | ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ | ଅତିକ୍ଷୁଦ୍ର | ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ |
| କ୍ଷୁଦ୍ର | ୨୫ ଲକ୍ଷରୁ ୫କୋଟି ଟଙ୍କା ପର୍ଯ୍ୟନ୍ତ | କ୍ଷୁଦ୍ର | ୧୦ ଲକ୍ଷରୁ ୨ କୋଟି ଟଙ୍କା ପର୍ଯ୍ୟନ୍ତ |
| ମଧ୍ୟମ | ୫ କୋଟିରୁ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ | ମଧ୍ୟମ | ୨କୋଟିରୁ ୫କୋଟି ଟଙ୍କା ପର୍ଯ୍ୟନ୍ତ |

ସ୍ୱଳ୍ପ ଏବଂ ଲୋକ ନିଯୁକ୍ତି ଅଧିକ। ଏହାର ଉତ୍ପାଦନ ପରିମାଣ ଅଧିକ ଏବଂ ଏଥିରେ ବିଭିନ୍ନ ପ୍ରକାର ସାମଗ୍ରୀ ରହିଛି। ଏହି ସବୁ ସାମଗ୍ରୀର ଚାହିଦା ଉଭୟ ଦେଶ ଓ ବିଦେଶରେ ରହିଛି। ଏହି ଉଦ୍ୟୋଗର ପୁଂଜିଗତ ସମସ୍ୟା ରହିଥିବାରୁ ସେମାନେ ସରକାରଙ୍କ ଉପରେ ନିର୍ଭରଶୀଳ। ଏହି ଉଦ୍ୟୋଗର ଗୁରୁତ୍ୱ ବୁଝି ସରକାର ବିଭିନ୍ନ ପ୍ରକାର ସହାୟତା ଯୋଜନା ହାତକୁ ନେଇଛନ୍ତି। ସେସବୁ ଯୋଜନା ବିଷୟରେ ନିମ୍ନରେ ଆସନ୍ତୁ ଆଲୋଚନା କରିବା।

**ବିପଣନ ସହାୟତା ଯୋଜନା (ମାସ୍) :**

ଏହି ଯୋଜନାରେ ସରକାର ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ନିମନ୍ତେ ଘରୋଇ ଓ ଆର୍ନ୍ତଜାତିକ ପ୍ରଦର୍ଶନୀ, ବାଣିଜ୍ୟ ମେଳା, କ୍ରେତା-ବିକ୍ରେତା ବୈଠକ, ବିଭିନ୍ନ ଅଭିଯାନ, ଆଲୋଚନାଚକ୍ର ଓ କନ୍‌ସୋର୍ଟିୟମର ବ୍ୟବସ୍ଥା କରିଛନ୍ତି। ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ଜରିଆରେ ସଂପୃକ୍ତ ମନ୍ତ୍ରଣାଳୟ ଏସବୁର ଆୟୋଜନ କରୁଛି। ଏହା ସହିତ ବର୍ତ୍ତମାନ ସମୟର ଆବଶ୍ୟକତା ହେଲା ଏହି ଉଦ୍ୟୋଗର ବିକାଶ ପାଇଁ ଆର୍ଥିକ ସହାୟତା ଓ ସମର୍ଥନ ସରକାର ଯୋଗାଇଦେବା। ଏହାଦ୍ୱାରା ଏସବୁ ସଂସ୍ଥା ନିଜ ଉଦ୍ୟୋଗର ଯାନ୍ତ୍ରିକ ଉନ୍ନତି, କୁଶଳୀ ଶ୍ରମିକ, ନୂଆ ଟେକ୍‌ନୋଲୋଜିର ପ୍ରୟୋଗ କରି ଉତ୍ତମମାନର ସାମଗ୍ରୀ ଉତ୍ପାଦନ କରିପାରିବେ ଏବଂ ନିଜ ଔଦ୍ୟୋଗିକ ସଂସ୍କୃତିର ସଂସ୍କାର ଆଣିପାରିବେ।

ବିପଣନ ସହାୟତା ଯୋଜନାର କେତେକ ଲକ୍ଷ୍ୟ ରହିଛି। ସେଗୁଡ଼ିକ ହେଲା –

- ଏହି ଉଦ୍ୟୋଗର ବିପଣନ ଦକ୍ଷତା ବଢ଼ାଇବା ସହ ଏହାକୁ ଅଧିକ ପ୍ରତିଯୋଗିତା ପାଇଁ ସକ୍ଷମ କରାଇବା।
- ନିଜର ଦକ୍ଷତା ଓ ଶକ୍ତିକୁ ପ୍ରଦର୍ଶନ କରିବାକୁ ସକ୍ଷମ ହେବା।
- ପ୍ରବର୍ତ୍ତମାନ ବଜାର ବ୍ୟବସ୍ଥା ବିଷୟରେ ଅବଗତ ହୋଇ ଏହା ସହିତ ଖାପଖୁଆଇ ଚାଲିବା।
- କନ୍‌ସୋର୍ଟିୟମ ଜରିଆରେ ନିଜ ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନ ପାଇଁ ସୁଯୋଗ ପାଇବା।
- ଆନ୍ତର୍ଜାତିକ ସ୍ତରରେ ନିଜ ସାମଗ୍ରୀ ପାଇଁ ମଞ୍ଚ ସୁବିଧା ଲାଭ କରିବା ଓ ବଡ଼ ବଡ଼ ସଂସ୍ଥା ସହ ଭାଗ ନେବାର ସୁଯୋଗ ହାସଲ କରିବା।
- ବିଭିନ୍ନ ସରକାରୀ ସୁବିଧା ସୁଯୋଗ ବିଷୟରେ ଅବଗତ ହେବା।
- ନିଜ ଉଦ୍ୟୋଗର ବିପଣନ ଦକ୍ଷତା ବୃଦ୍ଧି କରିବା

**ପରିବର୍ଦ୍ଧିତ ବିପଣନ ସହାୟତା ଓ ଟେକ୍‌ନୋଲୋଜି ଅପ୍‌ଗ୍ରେଡେସନ୍ (ମୋଟ୍) ଯୋଜନା :**

ଏହି ଯୋଜନାରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ସମୂହଙ୍କୁ ରାଜ୍ୟ/ଜିଲା ସ୍ତରୀୟ ସ୍ଥାନୀୟ ପ୍ରଦର୍ଶନୀ / ବାଣିଜ୍ୟ ମେଳା ଆଦିରେ ଯୋଗ ଦେବାକୁ ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା କରାଯାଇଛି। ଏହି ସରକାରୀ ସହାୟତା ଦ୍ୱାରା ଏହି ଉଦ୍ୟୋଗ ଯେପରି ଉଭୟ ଘରୋଇ ଓ ଦରିଆପାରି ବଜାର ସୁଯୋଗ ସୁବିଧା ଲାଭ କରିବେ ତାହା ନିଶ୍ଚିତ କରିବାକୁ ସରକାର ପ୍ରୟାସୀ।

- ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ପାଇଁ ବାର୍ କୋଡିଂ ବ୍ୟବସ୍ଥା କରାଯାଇଛି। ଏହା ଫଳରେ ଏହି ଉଦ୍ୟୋଗର ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ଘରୋଇ





ଓ ବିଦେଶ ବଜାରରେ ସହଜ ହେବ।

- ବିପଣନ ବ୍ୟବସ୍ଥାକୁ ଅଧିକ ସୁସଂହତ କରିବା ସହ ସରକାରୀ କ୍ରୟ ବ୍ୟବସ୍ଥାରେ ଏହି ଉଦ୍ୟୋଗର ସାମଗ୍ରୀକୁ ସାମିଲ କରାଯାଇଛି। ଏହାଦ୍ୱାରା ଏହି ଉଦ୍ୟୋଗ ଲାଭବାନ ହେବ।
- ପ୍ୟାକେଜିଂ ବିକ୍ରୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ଏହି ଉଦ୍ୟୋଗକୁ ଭଲ ପ୍ୟାକେଜିଂ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି, ଏଥିପାଇଁ କର୍ମଶାଳା, ଆଲୋଚନାଚକ୍ରମାନ ଆୟୋଜନ କରାଯିବା ସହିତ ରପ୍ତାନୀ ନୀତି ଓ ବିପଣନ ନୀତି ସମ୍ପର୍କରେ ଉଦ୍ୟୋଗୀଙ୍କୁ ସଚେତନ ଓ ପ୍ରଶିକ୍ଷିତ କରାଯାଉଛି।

ଏସବୁ ଯୋଜନାରେ ସରକାରୀ ସହାୟତା ପାଇବା ପାଇଁ ଏମ୍ଏସ୍ଏମ୍ଇ ଉଦ୍ୟୋଗଗୁଡ଼ିକୁ ପଂଜୀକୃତ ହେବାକୁ ପଡ଼ିବ। ଏମ୍ଏସ୍ଏମ୍ଇ ବିକାଶ ପ୍ରତିଷ୍ଠାନ ଏହି ଯୋଜନାକୁ କାର୍ଯ୍ୟକାରୀ କରୁଛି। ଘରୋଇ ବାଣିଜ୍ୟ ମେଳା ଆୟୋଜନ କଥା ଚୂଡ଼ାନ୍ତ କରିବା ପାଇଁ ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ କମିଟି ଗଠିତ ହୋଇଛି। ଗୋଟିଏ ପ୍ରଦର୍ଶନୀରେ ସର୍ବାଧିକ ୧୦ଟି ଏମ୍ଏସ୍ଏମ୍ଇ ସଂସ୍ଥା ଭାଗ ନେଇ ପାରିବେ। ତେବେ ପ୍ରଦର୍ଶନୀର ଗୁରୁତ୍ୱ ଅନୁସାରେ କମିଟି ଅଂଶଗ୍ରହଣକାରୀ ଉଦ୍ୟୋଗଙ୍କ ସଂଖ୍ୟା ବଢ଼ାଇବାକୁ ଅଧିକୃତ। ପ୍ରଥମ ଆସୁଥିବା ସଂସ୍ଥାଙ୍କୁ ଏଥିପାଇଁ ଅଗ୍ରାଧିକାର ଦିଆଯିବ। ଅଂଶଗ୍ରହଣକାରୀଙ୍କୁ ସାଧାରଣ ବର୍ଗର ଉଦ୍ୟୋଗୀଙ୍କ ପାଇଁ ସ୍ଥାନ ଭଡ଼ାରେ ୮୦ଶତାଂଶ ରିଆତି ପ୍ରଦାନର ବ୍ୟବସ୍ଥା ଥିବାବେଳେ ସଂରକ୍ଷିତ ବର୍ଗ ଓ ମହିଳା ଉଦ୍ୟୋଗୀଙ୍କ ପାଇଁ ଶତପ୍ରତିଶତ ରିଆତି ବା ସର୍ବାଧିକ ୨୦ହଜାର ଟଙ୍କାର ରିଆତି ବ୍ୟବସ୍ଥା ରହିଛି।

ସେହିଭଳି କଣ୍ଟିଜେନ୍ସି ବା ଅନାବନ୍ଧ ବ୍ୟୟ ପାଇଁ ପ୍ରତି ୟୁନିଟ୍ ନିମନ୍ତେ ସର୍ବାଧିକ ୧୦ ହଜାର ଟଙ୍କା ସହାୟତା ଦେବାର ବ୍ୟବସ୍ଥା ଅଛି। ଗୋଟିଏ ସଂସ୍ଥା ଗୋଟିଏ ଗୋଟିଏ ବର୍ଷରେ ସର୍ବାଧିକ ଦୁଇଥର କୌଣସି ପ୍ରଦର୍ଶନୀ ବା କାର୍ଯ୍ୟକ୍ରମରେ ଭାଗ ନେଇପାରିବେ ଏବଂ ସେ ବାବଦ ବ୍ୟୟକୁ ଭରଣା କରାଯିବ। ସରକାର ଦେଉଥିବା ଆର୍ଥିକ ସହାୟତା ପରିମାଣ କାର୍ଯ୍ୟକ୍ରମ ପିଛା ୧୦ଲକ୍ଷ ଟଙ୍କାରୁ ଅଧିକ ହେବ ନାହିଁ।

**ଆନ୍ତର୍ଜାତିକ ବଜାର:**

ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଭାଗ ନେବାକୁ ଉଦ୍ୟୋଗୀମାନଙ୍କୁ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ପଡ଼ିବ। ଏଥିପାଇଁ ପ୍ରଦର୍ଶନୀର ଦୁଇ ମାସ ଆଗରୁ ଆବେଦନ କରିବାର ବ୍ୟବସ୍ଥା ରହିଛି। ଏଥିରେ ମଧ୍ୟ ଫାଷ୍ଟକମ୍ ଫାଷ୍ଟ ସର୍ଭ ବ୍ୟବସ୍ଥାରେ ଅଂଶଗ୍ରହଣକାରୀଙ୍କୁ ବଛାଯିବ। ଏଥିରେ ଉତ୍ପାଦିତ ସାମଗ୍ରୀର ମାନ ଉପରେ ଅଧିକ ଗୁରୁତ୍ୱ ଥିବାରୁ ଆବେଦନକାରୀ ନିଜ ସଂସ୍ଥା ପାଇଁ ଆଇଏସ୍ଓ ୯୦୦୦/୧୪୦୦୦ସାର୍ଟିଫିକେଟ ପାଇଥିବା



ଆବଶ୍ୟକ। ଏଥିରେ ମନୋନୀତ ଉଦ୍ୟୋଗ ଓ ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ସ୍ଥାନ ଭଡ଼ାରେ ସାଧାରଣ ବର୍ଗଙ୍କୁ ୮୦%, ମହିଳା ଓ ସଂରକ୍ଷିତ ବର୍ଗଙ୍କୁ ଶତପ୍ରତିଶତ ରିଆତି ମିଳିବ। ତେବେ ଏହି ସହାୟତା ପରିମାଣ ଏକଲକ୍ଷ ଟଙ୍କାରୁ ଅଧିକ ହେବ ନାହିଁ। ସେହିଭଳି ବିମାନ ଭଡ଼ାରେ ଇକୋନୋମି କ୍ଲାସରେ ସର୍ବାଧିକ ଏକ ଲକ୍ଷ ୨୫ ହଜାର ଟଙ୍କା ରିଆତି ସରକାର ଯୋଗାଇଦେବେ। ଗୋଟିଏ ଆର୍ଥିକ ବର୍ଷରେ ଗୋଟିଏ ଉଦ୍ୟୋଗକୁ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଯୋଗଦେବାକୁ ଥରୁଟିଏ ସୁଯୋଗ ମିଳିବ। ଏହି ମେଳା ପାଇଁ ମୋଟ୍ ସରକାରୀ ଆର୍ଥିକ ସହାୟତା ପରିମାଣ ୨୫ ଲକ୍ଷ ଟଙ୍କାରୁ ଅଧିକ ହେବ ନାହିଁ।

ଏହା ବ୍ୟତୀତ ଏହି ଉଦ୍ୟୋଗର ଉଦ୍ୟୋଗୀମାନଙ୍କ ପାଇଁ ସରକାର କର୍ମଶାଳା, ଆଲୋଚନାଚକ୍ର, ବିପଣନ, ସରକାରୀ ସଂଗ୍ରହ ବ୍ୟବସ୍ଥା ଓ ପ୍ୟାକେଜିଂ ସଂକ୍ରାନ୍ତ କର୍ମଶାଳାରେ ଯୋଗଦେବାର ବ୍ୟବସ୍ଥା ମଧ୍ୟ କରିଛନ୍ତି ଏବଂ ଏଥିପାଇଁ ଆର୍ଥିକ ସହାୟତା ବ୍ୟବସ୍ଥା କରାଯାଇଛି।

**ବାର୍‌କୋଡ୍ ବାବଦ ଖର୍ଚ୍ଚର ଭରଣା:**

ସାମଗ୍ରୀ ଉପରେ ଏବେ ବାର୍‌କୋଡ୍ ଲଗାଯାଉଛି। ଏଥିରେ ଉତ୍ପାଦନକାରୀ ସଂସ୍ଥାର ନାମ, ପଦାର୍ଥର ବିବରଣୀ, ମୂଲ୍ୟ ଓ ଅନ୍ୟାନ୍ୟ ତଥ୍ୟାବଳୀ ସଂକ୍ଷେପରେ ଲେଖାଯାଇଥାଏ। ଏହା କମ୍ପ୍ୟୁଟରୀକୃତ ବ୍ୟବସ୍ଥାରେ ପ୍ରସ୍ତୁତ ଏବଂ କିଣାବିକା ସମୟରେ ଏହା କେନ୍ଦ୍ରୀକୃତ କମ୍ପ୍ୟୁଟିଙ୍ଗରେ ବିଶେଷ ସହାୟକ ହୋଇଥାଏ। ଏହା କିଂଚିତ ବ୍ୟୟ ସାପେକ୍ଷ ହୋଇଥିବାରୁ ଏମ୍ଏସ୍ଏମ୍ଇ ସଂସ୍ଥାମାନେ ଏହାର ଉପଯୋଗ ଅଧିକ କରିପାରନ୍ତି ନାହିଁ। ଆଜିକାଲିର ପ୍ରତିଯୋଗିତାମୂଳକ ବଜାରରେ ଏହା ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଥିବାରୁ ବାରକୋଡ୍ ବ୍ୟବହାର କରିବାକୁ ସରକାର ଗୁରୁତ୍ୱ ଦେବା ସହ ଏଥିପାଇଁ ଏହି ଉଦ୍ୟୋଗକୁ ପ୍ରୋତ୍ସାହିତ କରୁଛନ୍ତି। ଯେଉଁ ସଂସ୍ଥା ଏଥିପାଇଁ ଅର୍ଥ ଖର୍ଚ୍ଚ କରିବେ ସରକାର ତାହାର ଭରଣା କରିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏଥିପାଇଁ ଏକକାଳୀନ ପଂଜୀକରଣ ଫି ଓ ତିନିବର୍ଷ ପାଇଁ ବାର୍ଷିକ ପୌନଃ ପୌନିକ ଫି ବାବଦରେ ସଂପୃକ୍ତ ଉଦ୍ୟୋଗୀଙ୍କୁ ଯେଉଁ ବ୍ୟୟ କରିବାକୁ ପଡ଼ିବ ତାହାର ୮୦ ଶତାଂଶ ଅର୍ଥ ସରକାର ଭରଣା କରିବେ। ଜିଏସ୍-୧ ଇଣ୍ଡିଆ (ପୂର୍ବତନ ଇଏଏନ୍ ଇଣ୍ଡିଆ ସଂସ୍ଥା) ଯାହା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ, ତାହା ବାରକୋଡ୍ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରିଥାଏ।




**ବିକ୍ରେତା ବିକାଶ କାର୍ଯ୍ୟକ୍ରମ (ଭିଡିପି):**

ଏହି କାର୍ଯ୍ୟକ୍ରମ ମାଧ୍ୟମରେ କ୍ରେତା ଓ ବିକ୍ରେତାଙ୍କୁ ମିଳିତ ମଞ୍ଚ ଯୋଗାଇ ବ୍ୟବସାୟ ବୃଦ୍ଧିର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଦେଶର ବିଭିନ୍ନ ସ୍ଥାନରେ ପ୍ଲାଟଫର୍ମ ବା ମଞ୍ଚ କରାଯାଇଛି। କ୍ରେତାବିକ୍ରେତା ଏକାଠି ହେଲେ ସାମଗ୍ରୀର ମାନ, ମୂଲ୍ୟ, ବିପଣନ, ଲାଭ ଏବଂ ବିକ୍ରେତାଙ୍କ ସ୍ୱାର୍ଥ ରକ୍ଷା ସଂକ୍ରାନ୍ତ ଅନେକ ପ୍ରଶ୍ନର ସମାଧାନ ହୋଇପାରୁଛି। ଏହାଦ୍ୱାରା ବ୍ୟବସାୟ ମଧ୍ୟ ବଢୁଛି। ଏହି ମଞ୍ଚରେ ପ୍ରତିରକ୍ଷା, ରେଳବାଇ ଓ ଅନ୍ୟାନ୍ୟ ସରକାରୀ ବେସରକାରୀ

‘ଜେଡ୍’ ବିଚାରକୁ ସଫଳ କରିବା ପାଇଁ ସରକାର କେତେକ ପଦକ୍ଷେପ ନେବା ସହ ଏମ୍ଏସ୍ଏମ୍ଇ ଉଦ୍ୟୋଗକୁ ମଧ୍ୟ ଆର୍ଥିକ ପ୍ରୋତ୍ସାହନ ଯୋଗାଉଛନ୍ତି। ଏହାଛଡ଼ା ଉତ୍ତମ ପରିବେଶ ସୃଷ୍ଟି, ଉଚ୍ଚମାନର ଯନ୍ତ୍ରପାତି ବ୍ୟବହାର, ମେକ୍ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଏହି ଉଦ୍ୟୋଗକୁ ପ୍ରୋତ୍ସାହନ ଓ ପ୍ରମାଣପତ୍ର ପ୍ରଦାନ ଆଦି ଯୋଗାଇ ଦିଆଯାଉଛି। ‘ଜେଡ୍’ ପାଇଁ ୫୦ଟି ମାନକ ନିର୍ଦ୍ଧାରିତ ହୋଇଛି। ଏହାଛଡ଼ା କେତେକ ବିଶେଷ ସାମଗ୍ରୀ ପାଇଁ ଅତିରିକ୍ତ ୨୫ଟି ମାନକର ବ୍ୟବସ୍ଥା ରହିଛି। ଏପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ମୋଟ୍ ୨୭୨୨୨ଟି ସଂସ୍ଥା ପଂଜୀକୃତ ହୋଇଛନ୍ତି। ଏଥିପାଇଁ ୪୯୧ କୋଟି ଟଙ୍କାର ଏକ ପାଣ୍ଠି ଗଠନ କରାଯାଇଛି ଓ ସରକାର ୩୬୫ କୋଟି ଟଙ୍କା ଯୋଗାଇଦେଇଛନ୍ତି। ଅବଶିଷ୍ଟ ଅର୍ଥ ସଂପୃକ୍ତ ଶିଳ୍ପ ସଂସ୍ଥା ଦେଇଛନ୍ତି।



ସଂସ୍ଥା ସାମିଲ ହୋଇ ନିଜର ଆବଶ୍ୟକତା ପୂରଣ କରୁଥିବା ଜିନିଷ କିଣିବାର ସୁଯୋଗ ପାଉଛନ୍ତି। ଏହା ଫଳରେ ଅଧିକ ମୂଲ୍ୟରେ ସେମାନଙ୍କୁ ବିଦେଶୀ ଦ୍ରବ୍ୟ କିଣିବାକୁ ପଡୁନାହିଁ। ଜାତୀୟ, ପ୍ରାଦେଶିକ ଓ ଜିଲାସ୍ତରରେ ଏଭଳି ମଞ୍ଚମାନ ନିୟମିତ ବ୍ୟବଧାନରେ ଆୟୋଜିତ ହୋଇ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି।

**ବିପଣନ ବିକାଶ ସହାୟତା (ଏମ୍‌ଡିଏ):**

ଏହି ଯୋଜନାରେ ଏମ୍‌ଏସ୍‌ଏମ୍ ଉଦ୍ୟୋଗର ଉତ୍ପାଦିତ ସାମଗ୍ରୀ ବିପଣନକୁ ନାନାବିଧ ସହାୟତା ପ୍ରଦାନ କରାଯାଉଛି। ଦେଶ ଓ ଦେଶ ବାହାରେ ବିଭିନ୍ନ ବାଣିଜ୍ୟ ମେଳାରେ ଅଂଶଗ୍ରହଣ ପାଇଁ ଉଦ୍ୟୋଗୀଙ୍କୁ ସାହାଯ୍ୟ ସହଯୋଗ ସରକାର ଯୋଗାଉଛନ୍ତି। ଏହାଛଡ଼ା ନିର୍ଦ୍ଦିଷ୍ଟ ଉଦ୍ୟୋଗ ଭିତ୍ତିକ ସଂଘ ଗଠନ ସହ ରପ୍ତାନୀ ପ୍ରୋତ୍ସାହନ ଓ ବଜାର ଅନୁଧ୍ୟାନ ଆଦି କାର୍ଯ୍ୟ କରାଯାଉଛି। ବାରକୋଡ୍ ବାବଦ ବ୍ୟୟର ଭରଣା ସହ ଆଣ୍ଟି ଡମ୍ପିଂ ମାମଲା ଲଢ଼ିବାକୁ ସହାୟତା ଦିଆଯାଉଛି। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଲା ଏମ୍‌ଏସ୍‌ଏମ୍‌ଇ ପାଇଁ ବିଦେଶୀ ବଜାର ଖୋଜି ସେଠାରେ ଜିନିଷ ବିକ୍ରିର ବ୍ୟବସ୍ଥା କରିବା।

ଏହାଛଡ଼ା ସରକାର ଏହି ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ସରକାରୀ କ୍ରୟ କ୍ଷେତ୍ରରେ ଅଗ୍ରାଧିକାର ଦେଇଛନ୍ତି। ଏଥିପାଇଁ ନୀତି ନିୟମ ଓ ପଦ୍ଧତି ନିର୍ଦ୍ଧାରିତ ହୋଇଥିବାବେଳେ ଉତ୍ତମମାନର ସାମଗ୍ରୀ ଉତ୍ପାଦନକୁ ପ୍ରୋତ୍ସାହିତ କରାଯାଉଛି। ସାମଗ୍ରୀ ମାନ ଓ ମୂଲ୍ୟ ଠିକ୍ ରହିଲେ ଏହା ଆନ୍ତର୍ଜାତିକ ବଜାରରେ ପ୍ରତିଯୋଗିତା ଭଲ କରିଥାଏ। ତେଣୁ ସରକାର ଏହା ଉପରେ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ 'ଜେଡ୍' ବିଚାର ଅଗ୍ରାଧିକାର ପାଇଛି ଯାହାର ଅର୍ଥ ଜିରୋ୍ ଡିଫେକ୍ଟ, ଜିରୋ ଇଫେକ୍ଟ। ଅର୍ଥାତ୍ ସାମଗ୍ରୀରେ ତ୍ରୁଟି ନ ଥିଲେ ବଜାର ଚାହିଦା ଭଲ ରହିବ। ପ୍ରଧାନମନ୍ତ୍ରୀ ତାଙ୍କ ସ୍ୱାଧୀନତା ଦିବସ ଭାଷଣରେ ଏହାକୁ ଭଲଭାବେ ବୁଝାଇ କହିଛନ୍ତି। ସେ କହିଥିଲେ, 'ଆମେ ତ୍ରୁଟିଶୂନ୍ୟ ସାମଗ୍ରୀ ଉତ୍ପାଦନ କଲେ ଆମ ଜିନିଷପତ୍ର ପାଇଁ ନ'କାରାତ୍ମକ ପରିବେଶ ରହିବ ନାହିଁ।'

'ଜେଡ୍' ବିଚାରକୁ ସଫଳ କରିବା ପାଇଁ ସରକାର କେତେକ ପଦକ୍ଷେପ ନେବା ସହ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ମଧ୍ୟ ଆର୍ଥିକ ପ୍ରୋତ୍ସାହନ ଯୋଗାଉଛନ୍ତି। ଏହାଛଡ଼ା ଉତ୍ତମ ପରିବେଶ ସୃଷ୍ଟି, ଉଚ୍ଚମାନର ଯନ୍ତ୍ରପାତି ବ୍ୟବହାର, ମେକ୍‌ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଏହି ଉଦ୍ୟୋଗକୁ ପ୍ରୋତ୍ସାହନ ଓ ପ୍ରମାଣପତ୍ର ପ୍ରଦାନ ଆଦି ଯୋଗାଇ ଦିଆଯାଉଛି। 'ଜେଡ୍' ପାଇଁ ୫୦ଟି ମାନକ ନିର୍ଦ୍ଧାରିତ ହୋଇଛି। ଏହାଛଡ଼ା କେତେକ ବିଶେଷ ସାମଗ୍ରୀ ପାଇଁ ଅତିରିକ୍ତ ୨୫ଟି ମାନକର ବ୍ୟବସ୍ଥା ରହିଛି। ଏପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ମୋଟ୍ ୨୭୨୨୨ଟି ସଂସ୍ଥା ପଂଜୀକୃତ ହୋଇଛନ୍ତି। ଏଥିପାଇଁ ୪୯୧ କୋଟି ଟଙ୍କାର ଏକ ପାଣ୍ଠି ଗଠନ କରାଯାଇଛି ଓ ସରକାର ୩୬୫ କୋଟି ଟଙ୍କା ଯୋଗାଇଦେଇଛନ୍ତି। ଅବଶିଷ୍ଟ ଅର୍ଥ ସଂପୃକ୍ତ ଶିଳ୍ପ ସଂସ୍ଥା ଦେଇଛନ୍ତି।



ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଏହା ଅଧୀନରେ ଥିବା ବିଭିନ୍ନ ସଂସ୍ଥାଙ୍କୁ ବଜାର ବିକାଶ ଯୋଜନାରେ ୩୪୧ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ଏହା ଫଳରେ ଦେଶରେ ୧୩୦୦ କୋଟି ଟଙ୍କା ମୂଲ୍ୟର ଖଦି ଉତ୍ପାଦିତ ହୋଇପାରିବ ବୋଲି ଆଶା କରାଯାଉଛି। ୨୦୧୬-୧୭ ଆର୍ଥିକ ବର୍ଷରେ ଦେଶରେ ୧୮୦୦ କୋଟି ଟଙ୍କାର ଖଦି ବିକ୍ରି ହୋଇଥିଲା। ନୂଆ ପ୍ରୟାସ ଦ୍ୱାରା ଏହି କ୍ଷେତ୍ରରେ ୧୯.୫ ଲକ୍ଷ ଲୋକଙ୍କୁ ନିଯୁକ୍ତି ମିଳିପାରିବ ବୋଲି ଆକଳନ କରାଯାଇଛି।

ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗର ସାମର୍ଥ ଓ କାର୍ଯ୍ୟ ପରିସର ବ୍ୟାପକ। ତେବେ ଅର୍ଥାଭାବ ଏହାର ପ୍ରମୁଖ ସମସ୍ୟା। ତେଣୁ ଏହି ଉଦ୍ୟୋଗରେ ଅଧିକ ପୁଂଜି ନିବେଶ ସହ ଅନୁକୂଳ ବାତାବରଣ ସୃଷ୍ଟି ବର୍ତ୍ତମାନ ସମୟର ପ୍ରମୁଖ ଆବଶ୍ୟକତା। ଏହି ଉଦ୍ୟୋଗର ବିକାଶ ପାଇଁ ଏଗାର ବର୍ଷ ତଳେ ଯେଉଁ ନୀତି ଓ ଆଇନ ପ୍ରଣିତ ହୋଇଥିଲା ତାହାକୁ ବଦଳାଇବା ପାଇଁ ମୋଦି ସରକାର ୨୦୧୫ରେ ପାର୍ଲାମେଣ୍ଟରେ ଏକ ବିଲ୍ ଆଗତ କରିଥିଲେ। ଏହା ଆଇନରେ ପରିଣତ ହେଲେ ଏହି ଉଦ୍ୟୋଗର ଅଶେଷ କଲ୍ୟାଣ ସାଧିତ ହୋଇପାରିବ।

ଅତି କ୍ଷୁଦ୍ର ଶିଳ୍ପରେ ପୁଂଜିନିବେଶ ସୀମାକୁ ୨୫ ରୁ ୫୦ ଲକ୍ଷକୁ, କ୍ଷୁଦ୍ର ଉଦ୍ୟୋଗରେ ପୁଂଜିନିବେଶ ସୀମା ୫୦ ଲକ୍ଷରୁ ୧୦କୋଟିକୁ ଏବଂ ମଧ୍ୟମ ଉଦ୍ୟୋଗରେ ଏହି ନିବେଶ ସୀମା ୫ କୋଟିରୁ ୩୦ କୋଟିକୁ ବୃଦ୍ଧି କରିବାକୁ ସରକାରଙ୍କ ପ୍ରସ୍ତାବ ରହିଛି। ଏହି ବିଲ୍ ଏବେ ପାର୍ଲାମେଣ୍ଟରେ ବିଚାର ଅପେକ୍ଷାରେ ଅଛି। ଏହା ଶୀଘ୍ର ଆଇନରେ ପରିଣତ ହେଲେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ବିଶେଷ ଉପକୃତ ହେବ।

**ଟେବୁଲ -୧** **ଏମ୍‌ଏସ୍‌ଏମ୍‌ଇରୁ ସରକାରୀ ଜିନିଷ କ୍ରୟ (କୋଟିରେ)**

| **ବର୍ଷ** | **ମୋଟ କ୍ରୟ** | **ଏମ୍‌ଏସ୍‌ଏମ୍‌ରୁ କ୍ରୟ (ତଫସିଲଭୁକ୍ତ ଜାତି / ଉପଜାତିର ମାଲିକଙ୍କ ସଂଖ୍ୟା ମିଶାଇ)** |
|---|---|---|
| ୨୦୧୪-୧୫ (୧୩୩ ସିପିଏସ୍‌ୟୁ) | ୧୩୧୭୬୬.୮୬ | ୧୫୩୦୦.୫୭ |
| ୨୦୧୫-୧୬ (୧୧୬ ସିପିଏସ୍‌ୟୁ) | ୧୩୪୮୪୮.୧୪ | ୧୮୨୪୬.୧୫ |
| ୨୦୧୬-୧୭ (୬୦ ସିପିଏସ୍‌ୟୁ) | ୫୫୨୯୧.୬୪ | ୧୩୨୮୮.୯୬ |

ଲେଖକ ହେଉଛନ୍ତି ଅର୍ଥନୈତିକ ଏବଂ ବ୍ୟାପାର ସଂକ୍ରାନ୍ତୀୟ ଜଣେ ବରିଷ୍ଠ ସାମ୍ବାଦିକ।

## ଆପଣ ଜାଣନ୍ତି କି ?

# ଉଦ୍ୟୋଗ ଆଧାର ସ୍ମାରକପତ୍ର (ୟୁଏଏମ୍)

ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଙ୍କ ପାଇଁ ସରକାର ଯୋଗାଉଥିବା ବିଭିନ୍ନ ସୁବିଧା ସୁଯୋଗର ଲାଭ ପାଇବାକୁ ହେଲେ ସେଇ ଉଦ୍ୟୋଗଗୁଡ଼ିକୁ ଏମ୍ଏସ୍ଏମ୍ଇ ଦ୍ୱାରା ପଞ୍ଜୀକୃତ ହେବାକୁ ପଡ଼ିବ। କାଗଜପତ୍ରର ଜଟିଳତା ଓ ଯାବତୀୟ ଅସୁବିଧା ଯୋଗୁଁ ଅଧିକାଂଶ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପଞ୍ଜୀକୃତ ହୋଇନଥାନ୍ତି। ଫଳରେ ସେମାନେ ସରକାରୀ ସୁବିଧା ସୁଯୋଗ ଓ ଲାଭରୁ ବଞ୍ଚିତ ହେବାର ସମ୍ଭାବନା ଅଧିକ। ଏମ୍ଏସ୍ଏମ୍ଇ ଉଦ୍ୟୋଗକୁ ଆର୍ଥିକ ସହାୟତା ଯୋଗାଣ ସଂକ୍ରାନ୍ତ କେ.ଭି. କାମତ୍ କମିଟିଙ୍କ ସୁପାରିସ ଅନୁସାରେ ଉଦ୍ୟୋଗଗୁଡ଼ିକର ପଞ୍ଜୀକରଣ ସାର୍ବଜନୀନ ହେବା ଉଚିତ। ସେ ଦୃଷ୍ଟିରୁ ଉଦ୍ୟୋଗ ଆଧାର ଓ ସହଜ ପଞ୍ଜୀକରଣ ବିଚାର ଉଦ୍‌ଭବ ହୋଇଛି। ଏହାଦ୍ୱାରା ଏମ୍ଏସ୍ଏମ୍ଇ ଉଦ୍ୟୋଗ ସକଳ ପଞ୍ଜୀକୃତ ହୋଇ ସରକାର ଯୋଗାଇଦେଉଥିବା ସହାୟତା ଓ ଲାଭର ଫାଇଦା ଉଠାଇବା ଆବଶ୍ୟକ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ଏହି ଶିଳ୍ପ ସଂସ୍ଥାଙ୍କୁ ସୁବିଧା ସୁଯୋଗ ଯୋଗାଉଛନ୍ତି। ଉଦ୍ୟୋଗ ଆଧାର ସ୍ମାରକପତ୍ର (ୟୁଏଏମ୍)ଏକ ପୃଷ୍ଠା ବିଶିଷ୍ଟ ଏକ ପଞ୍ଜୀକରଣ ଫର୍ମ। ଏହାକୁ ପୂରଣ କରି ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥା ନିଜ ନାମ ପଞ୍ଜୀକରଣ ସହଜରେ କରିପାରିବେ। ଏହି ବ୍ୟବସ୍ଥା, ପୂର୍ବର ଇମ୍-୧ ଓ ଇମ୍-୨ ବ୍ୟବସ୍ଥା ବଦଳରେ ଲାଗୁ ହୋଇଛି। ପୂର୍ବ ବ୍ୟବସ୍ଥାରେ ପଞ୍ଜୀକରଣ ପାଇଁ ଅନେକ କାଗଜପତ୍ର ଓ ସବିଶେଷ ତଥ୍ୟ ପ୍ରମାଣ ଦାଖଲ କରିବାକୁ ପଡୁଥିଲା। ନୂଆ ବ୍ୟବସ୍ଥାରେ ଉଦ୍ୟୋଗୀଙ୍କୁ ନିର୍ଦ୍ଧାରିତ ଫର୍ମରେ ଆତ୍ମଘୋଷଣା ଦେବାକୁ ପଡ଼ିବ। ଏହି ଘୋଷଣାନାମାରେ ଧରିନିଆଯିବ ଯେ ସେ ନିଜ ଉଦ୍ୟୋଗ ସମ୍ପର୍କରେ ଯେଉଁସବୁ ଘୋଷଣା ବା ସ୍ୱୀକାରୋକ୍ତି ଦେଇଛନ୍ତି ତାହା ସତ୍ୟ। ସେଇ ଆଧାରରେ ସେ ପଞ୍ଜୀକୃତ ହେବେ।

ଉଦ୍ୟୋଗ ଆଧାର ସ୍ମାରକପତ୍ରର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା।

- ଏକ ପୃଷ୍ଠା ବିଶିଷ୍ଟ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ ଓ ଏହା ମୋବାଇଲ ଫ୍ରେଣ୍ଡଲୀ।
- ଆତ୍ମପ୍ରମାଣନ ଏବଂ ଏକାଧିକ ଉଦ୍ୟୋଗ ଆଧାର ଦାଖଲ ସୁବିଧା ଅଛି।
- କୌଣସି କାଗଜପତ୍ରର ଆବଶ୍ୟକତା ନାହିଁ ଏବଂ ଉଦ୍ୟୋଗ ଆଧାର ପାଇଁ କୌଣସି ଦେୟ ପଡ଼େନା।

ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ଅର୍ଥାତ୍ ଉଦ୍ୟୋଗ ଆଧାର ପୋର୍ଟାଲ ପ୍ରସ୍ତୁତ କରାଯାଇଛି। (http://udyogaadhaar.gov.in) ମାଧ୍ୟମରେ ଅନ୍‌ଲାଇନ୍‌ରେ ଉଦ୍ୟୋଗ ଆଧାର ସ୍ମାରକପତ୍ର ଦାଖଲ କରିହେବ। ଦେଶର ଯେକୌଣସି ସ୍ଥାନରେ ଥିବା ଉଦ୍ୟୋଗ ପାଇଁ ଉଦ୍ୟୋଗୀ ଏହା ମାଧ୍ୟମରେ ନିଜର ପଞ୍ଜୀକରଣ ପତ୍ର ଦାଖଲ କରିପାରିବେ। ମୋବାଇଲରେ ମଧ୍ୟ ଉଦ୍ୟୋଗ ଆଧାର ପୋର୍ଟାଲକୁ ଆକ୍‌ସେସ୍ କରିହେବ।

ଉଦ୍ୟୋଗ ଆଧାର ବଳରେ ଶିଳ୍ପୋଦ୍ୟୋଗୀ ଅନ୍‌ଲାଇନ୍‌ରେ ସମସ୍ତ ପ୍ରକାରର ବିଭିନ୍ନ ତଥ୍ୟ ପାଇପାରିବେ ଏବଂ ସରକାରୀ ସୁବିଧାସୁଯୋଗର ଲାଭ ନେବାକୁ ମଧ୍ୟ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ସେଥିପାଇଁ ତାଙ୍କୁ କେବଳ ଉଦ୍ୟୋଗ ଆଧାର ନମ୍ବର ଦେବାକୁ ପଡ଼ିବ।

ଉଦ୍ୟୋଗ ଆଧାରର ନୂଆ ବ୍ୟବସ୍ଥା ଅନୁସାରେ ଏକକ ରେଜିଷ୍ଟ୍ରେସନ ବ୍ୟବସ୍ଥା ପ୍ରଦାନ କରାଯାଉଛି। ଆଗ୍ରହୀ ଲୋକଙ୍କୁ ସହଜରେ ବେପାର ବଣିଜ ଓ ବ୍ୟବସାୟ କରିବାର ସୁବିଧା ସୁଯୋଗ ଆଧାରଧାରୀଙ୍କୁ ଯୋଗାଇ ଦିଆଯାଉଛି। ଏପର୍ଯ୍ୟନ୍ତ ଦେଶର ୯୨ ଶତାଂଶ ଲୋକ ଆଧାର ବ୍ୟବସ୍ଥାରେ ପଞ୍ଜୀକୃତ ହୋଇଛନ୍ତି।


ଭବିଷ୍ୟତରେ ରାଜ୍ୟ ସମୂହ ଆଉ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଭଳି ସଂସ୍ଥାର ତଥ୍ୟାବଳୀ ରଖିବେ ନାହିଁ। ତେଣୁ ଏହି ପଞ୍ଜୀକରଣ ବ୍ୟବସ୍ଥା ଦ୍ୱାରା ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ ଭବିଷ୍ୟତ ପାଇଁ ଏକ ଉତ୍ତମ ବ୍ୟବସ୍ଥା କରିଛି ଯ'ଦ୍ୱାରା ତଥ୍ୟବଳୀର ରକ୍ଷଣାବେକ୍ଷଣ ସହଜ ଓ ସୁବିଧାଜନକ ହୋଇପାରିବ। ସରଳ ଆଧାର ବ୍ୟବସ୍ଥା ପ୍ରଚଳନ ପରେ ଦେଶର ୩,୬୨୯,୭୫୪ ଏମ୍ଏସ୍ଏମ୍ଇ ସଂସ୍ଥା ଉଦ୍ୟୋଗ ଆଧାରରେ ନିଜକୁ ଏପର୍ଯ୍ୟନ୍ତ (ଅକ୍ଟୋବର ୧୦, ୨୦୧୭ ସୁଦ୍ଧା) ପଞ୍ଜୀକୃତ କରିସାରିଲେଣି। ଆଶା କରାଯାଉଛି ଯେ ଏହାଦ୍ୱାରା ଏମ୍ଏମ୍ଏମ୍ଇର ଦକ୍ଷତା ବଢ଼ିବ ଏବଂ ସହଜରେ ବେପାର ବଣିଜ ଓ ଉଦ୍ୟୋଗ କରିବାର ଆନ୍ତର୍ଜାତିକ ତାଲିକାରେ ଭାରତର ସ୍ଥାନ ଉପରକୁ ଉଠିବ।

# "ପୋଷ୍ୟ ଐତିହ୍ୟ ଯୋଜନା"ରେ ସ୍ଥାନ ପାଇଲା ଓଡ଼ିଶାର ଐତିହାସିକ କୀର୍ତ୍ତିରାଜି



କୋଣାର୍କ, ରାଜାରାଣୀ ଓ ରତ୍ନଗିରି ଐତିହ୍ୟକୁ ପୋଷ୍ୟ ଭାବେ ଟିକେ ଇଂଟରନେସନାଲ ଲିମିଟେଡ ଗ୍ରହଣ କରିଛି ।ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ 'ପୋଷ୍ୟ ଐତିହ୍ୟ' ଯୋଜନାରେ ଦେଶର ୧୪ଟି ଐତିହାସିକ କିର୍ତିରାଜିର ସଂରକ୍ଷଣ ପାଇଁ ୭ଟି କମ୍ପାନୀକୁ ତାଲିକାଭୁକ୍ତ କରାଯାଇ ମତପତ୍ର ପ୍ରଦାନ କରାଯାଇଛି । ଦିଲ୍ଲୀର ରାଜପଥ ସମାରୋହରେ ଉଦ୍‌ଯାପିତ ପର୍ଯ୍ୟଟନ ପର୍ବ ଅବସରରେ ଏହି ମତପତ୍ର ପ୍ରଦାନ କରାଯାଇଛି । ଏହି କମ୍ପାନୀଗୁଡ଼ିକ ସେମାନଙ୍କ ସିଏସ୍‌ଆର କାର୍ଯ୍ୟକ୍ରମ ଜରିଆରେ "ଐତିହ୍ୟ ମିତ୍ର" ହୋଇପାରିବେ । ଆନ୍ତଃମନ୍ତ୍ରଣାଳୟ ଓଭରସାଇଟ୍ ଏବଂ ଭିଜନ୍ କମିଟିର ସଦସ୍ୟମାନଙ୍କ ଦ୍ୱାରା ୫୭ଟି ମଧ୍ୟରୁ ୧୪ଟି ଐତିହାସିକ କିର୍ତ୍ତିରାଜିକୁ ଚୟନ କରାଯାଇ ୭ଟି କମ୍ପାନୀକୁ ମତପତ୍ର ପ୍ରଦାନ କରାଯାଇଛି । ବିସ୍ତୃତ ଯାଂଚ ପରେ ଆତିଥ୍ୟ ଶିଳ୍ପ, ପର୍ଯ୍ୟଟନ ଶିଳ୍ପ ଓ ବ୍ୟାଙ୍କ ସଂସ୍ଥାକୁ ସୂଚୀଭୂକ୍ତ କରାଯାଇ ଚୂଡ଼ାନ୍ତ ଐତିହ୍ୟ ମିତ୍ର ପାଇଁ ଚୟନ କରାଯାଇଛି ।

ଦିଲ୍ଲୀର ଯନ୍ତରମନ୍ତରକୁ ଏସ୍‌ବିଆଇ ଫାଉଣ୍ଡେସନ ପୋଷ୍ୟ ଭାବେ ଗ୍ରହଣ କରିଥିବା ବେଳେ, ଟିକେ ଇଂଟରନ୍ୟାସନାଲ୍ ଲିମିଟେଡ୍ ଓଡ଼ିଶାର କୋଣାର୍କସ୍ଥିତ ସୂର୍ଯ୍ୟ ମନ୍ଦିର, ଭୁବନେଶ୍ୱରର ରାଜାରାଣୀ ମନ୍ଦିର ଏବଂ ଯାଜପୁରର ରତ୍ନଗିରି କୀର୍ତ୍ତିରାଜିକୁ ପୋଷ୍ୟ ଭାବେ ଗ୍ରହଣ କରିଛି । ସେହିପରି ଯାତ୍ରା ଅନ୍‌ଲାଇନ୍ ପ୍ରାଇଭେଟ୍ ଲିମିଟେଡ୍ କର୍ଣ୍ଣାଟକର ହାମ୍ପି, ଜାମ୍ମୁ ଓ କାଶ୍ମୀରର ଲେହ



ରାଜପ୍ରାସାଦ, ଦିଲ୍ଲୀର କୁତବ ମିନାର ଏବଂ ମହାରାଷ୍ଟ୍ରର ଅଜନ୍ତା ଗୁମ୍ଫାକୁ ପୋଷ୍ୟ ଭାବେ ଗ୍ରହଣ କରିଛି । ଟ୍ରାଭେଲ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ କୋଚିର ମାର୍ଟ୍ଟାନ୍‌ଚେରୀ ରାଜପ୍ରାସାଦ ଏବଂ ଦିଲ୍ଲୀର ସଫଦରଜଙ୍ଗ ସମାଧିକୁ ଗ୍ରହଣ କରିଛି । ଗୋମୁଖର ଗଙ୍ଗୋତ୍ରୀ ମନ୍ଦିର ଅଂଚଳ ଏବଂ ଜାମ୍ମୁ-କାଶ୍ମୀରର ଲାଦାଖ ଅନ୍ତର୍ଗତ ମାଉଂଟ ଷ୍ଟକ୍‌କାଂଗରୀକୁ ଆଡଭେଂଚର ଟୁର ଅପରେଟର ଆସୋସିଏସନ୍ ଅଫ୍ ଇଣ୍ଡିଆ ଗ୍ରହଣ କରିଥିବା ବେଳେ ଦିଲ୍ଲୀର ରୋଟାରୀ କ୍ଲବ୍ ସହଯୋଗରେ ସ୍ପେଶାଲ୍ ହଲିଡେଜ୍ ଟ୍ରାଭେଲ୍ ପ୍ରାଇଭେଟ୍ ଲିମିଟେଡ୍ ଦିଲ୍ଲୀର ଅଗ୍ରସେନ କି ବାଓ୍ୱଲୀ ଏବଂ ଏନବିସିସି ଦିଲ୍ଲୀର ପୁରାନା ଦିଲ୍ଲୀକୁ ପୋଷ୍ୟ ରୂପରେ ଗ୍ରହଣ କରିଥିବା ଜଣାଯାଇଛି ।

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରପତିଙ୍କ ଦ୍ୱାରା "ପୋଷ୍ୟ ଐତିହ୍ୟ ଯୋଜନାର ଶୁଭାରମ୍ଭ କରାଯାଇଥିଲା । ଯାହାଦ୍ୱାରା ବିଭିନ୍ନ ପର୍ଯ୍ୟଟନସ୍ଥଳର ଦାୟିତ୍ୱ ନେଇ ଦେଶର ଐତିହ୍ୟ ଓ ପର୍ଯ୍ୟଟନସ୍ଥଳଗୁଡ଼ିକର ସଂରକ୍ଷଣ ଏବଂ ଓ ନିରନ୍ତର ବିକାଶ କରାଯିବା ନିମନ୍ତେ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଘରୋଇ କମ୍ପାନୀ, ରାଷ୍ଟ୍ରାୟତ କମ୍ପାନୀ ଓ କର୍ପୋରେଟ ସଂସ୍ଥାମାନଙ୍କୁ ଆମନ୍ତ୍ରଣ କରାଯାଇଥିଲା । ସଂସ୍କୃତି ମନ୍ତ୍ରଣାଳୟ ଓ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥାର ମିଳିତ ସହଯୋଗରେ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଏହି ଅନନ୍ୟ ଯୋଜନା ଆରମ୍ଭ କରାଯାଇଛି । ଏହାଦ୍ୱାରା ଦେଶର ଐତିହ୍ୟସ୍ଥଳ, ସ୍ମାରକୀ ଓ ପର୍ଯ୍ୟଟନସ୍ଥଳଗୁଡ଼ିକ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ପର୍ଯ୍ୟାୟକ୍ରମେ ଯୋଜନାବଦ୍ଧ ଭାବେ ପର୍ଯ୍ୟଟନ ଓ ସଂସ୍କୃତିର ବିକାଶ କରାଯାଇପାରିବ ।

ବିବିଧ ତଥା ସମୃଦ୍ଧ ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟ ପାଇଁ ସମଗ୍ର ବିଶ୍ୱରେ ଭାରତର ସୁନାମ ରହିଛି । ସଂସ୍କୃତି ମନ୍ତ୍ରଣାଳୟ ଏବଂ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥାର ସହଯୋଗରେ ପର୍ଯ୍ୟଟନ ମନ୍ତ୍ରଣାଳୟର ଏହି ଐତିହ୍ୟ 'ଆପନା ଧରୋହର ଆପନା ପେହେଚାନ' ପ୍ରକଳ୍ପ ଏକ ଅନନ୍ୟ ପଦକ୍ଷେପ । ଏହି ପ୍ରକଳ୍ପ ଜରିଆରେ ବିଶ୍ୱ ଶ୍ରେଣୀୟ ପର୍ଯ୍ୟଟନ ଭିତ୍ତିଭୂମି ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧାର ବିକାଶ ଓ ପରିଚାଳନା ସାଙ୍ଗକୁ ସ୍ୱଚ୍ଛତା, ଜନ ଉପଯୋଗିତା, ସହଜରେ ପହଂଚିପାରିବା, ପରିବେଶ ସୁରକ୍ଷା, ଆଲୋକ ଦ୍ୱାରା ରାତ୍ରୀକାଳୀନ ଦୃଶ୍ୟ ଆଦିର ଅନୁଭୂତି ମିଳିବ । ଯଦ୍ୱାରା ଉଭୟ ଘରୋଇ ଏବଂ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଅଧିକ ମାତ୍ରାରେ ବୃଦ୍ଧି ପାଇପାରିବ ବୋଲି ଆଶା ରଖାଯାଇଛି ।

# ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରର ଶୁଭାରମ୍ଭ କଲେ ରାଜନାଥ ସିଂହ ଓ ଧର୍ମେନ୍ଦ୍ର ପ୍ରଧାନ




ସ୍ମାର୍ଟସିଟିମାନଙ୍କରେ ଦକ୍ଷତା , କୌଶଳ ବୃଦ୍ଧି ସକାଶେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ତଥା କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର (ପିଏମ୍‌କେକେ) ଉଦଘାଟନ କରିଛନ୍ତି । ଦେଶର ସ୍ମାର୍ଟସିଟିମାନଙ୍କରେ ଦକ୍ଷତା ବିକାଶ ସକାଶେ ଏହି କେନ୍ଦ୍ର କାର୍ଯ୍ୟକରିବ । ନୂଆଦିଲ୍ଲୀ ପୌର ପରିଷଦ (ଏନଡ଼ିଏମସି)ର ସହଯୋଗରେ ଏହି କେନ୍ଦ୍ର ନୂଆଦିଲ୍ଲୀଠାରେ ସ୍ଥାପନ କରାଯାଇଛି । ଏହା ବ୍ୟତୀତ ଉଭୟ ମନ୍ତ୍ରୀ ମୋତିବାଗଠାରେ କୌଶଳ ବିକାଶ କେନ୍ଦ୍ର ଏବଂ ଧରମମାର୍ଗଠାରେ ଏକ ଉତ୍କର୍ଷ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଭାରତ ସରକାରଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ ସହ ତାଳମେଳ ରଖି ଏହି ନୂତନ କୌଶଳ ବିକାଶ କେନ୍ଦ୍ରଗୁଡ଼ିକ କେନ୍ଦ୍ର ସହରାଂଚଳ ବ୍ୟାପାର ଓ ଗୃହନିର୍ମାଣର ସମସ୍ତ ପ୍ରତିଶ୍ରୁତିକୁ ସାକାର କରିବା ଦିଗରେ କାର୍ଯ୍ୟକରିବ । କୌଶଳ ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ

# ସାମ୍ପ୍ରତିକୀ

ସ୍ମାର୍ଟ ସିଟିଗୁଡ଼ିକୁ ସମସ୍ତ ପ୍ରକାର କୌଶଳ ଜନିତ ସହଯୋଗ ଯୋଗାଇଦେବ। ଜାତୀୟ କୌଶଳ ବିକାଶ ନିଗମ (ଏନଏସଡ଼ିସି)ଯାହାକି ଏମ୍‌ଏସ୍‌ଡ଼ିଇର ଏକ କାର୍ଯ୍ୟାନ୍ୱୟନ ଶାଖା, ତାହା ନୂଆଦିଲ୍ଲୀ ପୌରପରିଷଦ ସ୍ମାର୍ଟ ସିଟି ଲିମିଟେଡ଼ ସହ ଏଥିନିମନ୍ତେ ସହଯୋଗରେ ଅନୁବନ୍ଧିତ ହୋଇଛି। ଏହା ମାଧ୍ୟମରେ ସ୍ମାର୍ଟ ସିଟିମାନଙ୍କରେ ପିଏମ୍‌କେକେ କେନ୍ଦ୍ରମାନ ସ୍ଥାପନ କରାଯିବ, ଯାହାକି ବେକାର ଯୁବକଯୁବତୀମାନଙ୍କୁ ସ୍ୱଳ୍ପକାଳୀନ କୌଶଳ ତାଲିମ ପ୍ରଶିକ୍ଷଣ ଯୋଗାଇଦେବ। ଏହା ପୌର କର୍ମଚାରୀମାନଙ୍କର ଦକ୍ଷତା ବୃଦ୍ଧିପାଇବ ଯାହାକି ପ୍ରାକ୍ ଅଧ୍ୟୟନ ସ୍ୱୀକୃତି କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ।ଏହି କୌଶଳ ବିକାଶ କେନ୍ଦ୍ରକୁ ଉଦ୍‌ଘାଟନ କରି ଶ୍ରୀ ରାଜନାଥ ସିଂହ କହିଲେ ଯେ ଭାରତ ଏକ ଯୁବ ରାଷ୍ଟ୍ର ଭାବେ ଗୌରବର ଅଧିକାରୀ ହୋଇଛି। ଏହାର ସାମର୍ଥ୍ୟ ୨୦୩୦ ମସିହା ସୁଦ୍ଧା ବିଶ୍ୱରେ ଏହାକୁ ଏକ ମହାନଶକ୍ତି ଏବଂ ଶ୍ରେଷ୍ଠ ତିନିଟି ରାଷ୍ଟ୍ରମଧ୍ୟରୁ ଅନ୍ୟତମ ରାଷ୍ଟ୍ର ଭାବେ ସୁପ୍ରତିଷ୍ଠିତ କରାଇପାରିବ। ଏହି ଲକ୍ଷ୍ୟ ହାସଲ କରିବାର ମୁଖ୍ୟ ଉପାୟଟି ହେଲା ଆମର ଯୁବଶକ୍ତିଙ୍କୁ କୁଶଳୀ ଏବଂ ଦକ୍ଷ କରିବା। କୁଶଳୀ ବ୍ୟକ୍ତି ସର୍ବତ୍ର ସମ୍ମାନ,ସ୍ୱୀକୃତି ଏବଂ ଗୌରବ ଲାଭ କରିଥାଏ। କାରଣ କଠିନ ପରିଶ୍ରମ କରିବାର ସାମର୍ଥ୍ୟ ତାକୁ ଏହି ଗୌରବର ଅଧିକାରୀ କରାଇଥାଏ। ତେଣୁ ଏଭଳି କୌଶଳ ବିକାଶ କେନ୍ଦ୍ରମାନ ପ୍ରତିଷ୍ଠା କରି ଦେଶର ଯୁବଶକ୍ତିଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ଏବଂ ସେମାନଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନ କରି ସ୍ୱାବଲମ୍ବୀ କରାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଶ୍ରୀ ସିଂହ ଦୃଢ଼ ମତପୋଷଣ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ ସହଯୋଗ ହେଉଛି ସମୟର ଆବଶ୍ୟକତା ଏବଂ ଦେଶରେ ପୋଷଣୀୟ ଏବଂ ସମାବେଶୀ ବିକାଶକୁ ଏହା ପ୍ରୋତ୍ସାହନ ଯୋଗାଇବ। ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ଦୁଇଟି ସର୍ବୋତ୍କୃଷ୍ଟ ପ୍ରକଳ୍ପ-ସ୍କିଲ ଇଣ୍ଡିଆ ମିଶନ୍ ଏବଂ ସ୍ମାର୍ଟ ସିଟି ମିଶନ ମଧ୍ୟରେ ସମନ୍ୱୟ ଓ ସହଯୋଗର ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ ବୋଲି ସେ ଆଶାପୋଷଣ କରିଥିଲେ। ସଫଳ ବିକାଶ ନିମନ୍ତେ କୁଶଳୀମାନବ ସମ୍ବଳର ଯଥେଷ୍ଟ ଆବଶ୍ୟକତା ରହିଛି ବିଶେଷ କରି ବୃହତ୍ ଏବଂ ସ୍ମାର୍ଟ ସିଟିମାନଙ୍କରେ ଏହା ସଫଳତାର ସହ ପ୍ରୟୋଗ କରାଯାଇପାରିବ। କୌଶଳ ତାଲିମ ଦ୍ୱାରା ଏଭଳି ଶ୍ରମଶକ୍ତିଙ୍କୁ ଆମେ ସ୍ୱୀକୃତି ଓ ସମ୍ମାନ ପ୍ରଦର୍ଶନ କରିପାରିବୁ ବୋଲି ସେ ମତପୋଷଣ କରିଥିଲେ। ଏଭଳି କେନ୍ଦ୍ର ଯୁବକଯୁବତୀମାନଙ୍କୁ ଗୁଣାତ୍ମକ କୌଶଳ ତାଲିମ ପ୍ରଦାନ ମାଧ୍ୟମରେ ସେମାନଙ୍କୁ କର୍ମନିଯୁକ୍ତିକ୍ଷମ ଓ ରୋଜଗାରକ୍ଷମ କରାଯାଇପାରିବ। ଦେଶରେ ସ୍ମାର୍ଟ ସିଟି ପ୍ରକଳ୍ପକୁ ସାକାର କରିବା ଦିଗରେ ଏହା ବିଶେଷ ଭାବେ ସହାୟକ ହେବ ବୋଲି ସେ କହିଥିଲେ। ନୂଆଦିଲ୍ଲୀର ମନ୍ଦିରମାର୍ଗଠାରେ ପ୍ରତିଷ୍ଠିତ ଏହି ଏନଡ଼ିଏମସି-ପିଏମକେକେ କେନ୍ଦ୍ର ସ୍ମାର୍ଟସିଟିର କୌଶଳ ବିକାଶ ଦିଗରେ ଏକ ଅଭିନବ ପ୍ରୟାସ ଏବଂ ୩୦,୦୦୦ବର୍ଗମିଟର ପରିମିତ କ୍ଷେତ୍ରରେ ପ୍ରତିଷ୍ଠା କରାଯାଇଛି। ଏହି କେନ୍ଦ୍ରରୁ ପ୍ରତିବର୍ଷ ପ୍ରାୟ ୪୦୦୦ ଯୁବକ କୌଶଳ ବିକାଶ ତାଲିମ ପାଇପାରିବେ। ସ୍ୱାସ୍ଥ୍ୟସେବା ଏବଂ ସୌରଶକ୍ତି ସେକ୍ଟରର ଆବଶ୍ୟକତା ପୂରଣ କରିବା ସହ ଏନଏସଡ଼ିସିର ଏକ ତାଲିମ ସହଯୋଗୀ ଓରିଅନ୍ ଇଡୁଟେକ୍ ଦ୍ୱାରା ଏହା ପରିଚାଳିତ ହେବ। ଏହା ଦେଶର ୨୭୫ଟି କୌଶଳ ତାଲିମ କେନ୍ଦ୍ର ମାଧ୍ୟମରେ ଏବେସୁଦ୍ଧା ପ୍ରାୟ ୩ଲକ୍ଷରୁ ଉର୍ଦ୍ଧ୍ୱ ଯୁବକଙ୍କୁ ତାଲିମ ପ୍ରଦାନ କରିସାରିଛି।

# ବୋଇତ ଓଡିଆ ସମ୍ପନ୍ନତାର ପ୍ରତୀକ ଥିଲା - ଧର୍ମେନ୍ଦ୍ର ପ୍ରଧାନ



ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅନୁଗୁଳଠାରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ଉଦବୋଧନ ଦେଇ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଓଡିଶାର ସାଧବ ପୁଅ ବୋଇତରେ ଓଡିଶାର କୃଷି ଉତ୍ପାଦ. ତାରକସୀ କାମ, ସିଲ୍କ, ହସ୍ତତନ୍ତ, ପଟ୍ଟଚିତ୍ର, ହସ୍ତକଳାକୁ ଦକ୍ଷିଣ ପୂର୍ବ ଏସୀୟ ଦେଶ ମାନଙ୍କରେ ବ୍ୟବସାୟ କରି ଓଡିଶାକୁ ସମ୍ପନ୍ନ କରିଥିଲେ । କାର୍ତ୍ତିକ ପୂର୍ଣିମା ଦିନ ବୋଇତରେ ଯାତ୍ରା ଆରମ୍ଭ କରିବା ପଛରେ ଓଡିଆ ଜାତିର ସମୁଦ୍ର ତଥା ପବନ ଉପରେ ଗଭୀର ଅଧ୍ୟୟନର ବୈଜ୍ଞାନିକତା ଏବେ ସ୍ପଷ୍ଟ ହୋଇଛି । ସେ କହିଛନ୍ତି ଯେ ଦକ୍ଷିଣ ପୂର୍ବ ଏସିଆର ଥାଇଲ୍ୟାଣ୍ଡକୁ ସେ ତିନି ଦିନ ତଳେ ଯାଇଥିଲେ । ଦିଲ୍ଲୀରୁ ଥାଇଲ୍ୟାଣ୍ଡ ବିମାନ ଯାତ୍ରା ସାଢେ ତିନି ଘଣ୍ଟା ହୋଇଥିବା ବେଳେ ବିମାନରେ ଫେରିବା ସମୟ ସାଢେ ଚାରି ଘଂଟା ହୋଇଥାଏ । କାର୍ତ୍ତିକ ମାସରେ ପବନ ପୂର୍ବ ମୁହାଁ ହେବା କାରଣରୁ ଓଡିଆ ମାନେ ପାଲଟଣା ଜାହାଜକୁ ସମୁଦ୍ର ପଥରେ ଅଳ୍ପ ସମୟରେ ଦକ୍ଷିଣ ପୂର୍ବ ଏସୀୟ ଦେଶରେ ପହଂଚି ପାରୁଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ ୮୦୦ ବର୍ଷ ପୂର୍ବେ ପୁରୀ, କୋଣାର୍କ, ଲିଙ୍ଗରାଜ ମନ୍ଦିର ଓଡିଶାରେ ନିର୍ମାଣ ହେବା ଓଡିଶାର ଆର୍ଥିକ ସମ୍ପନ୍ନତାକୁ ହିଁ ପ୍ରତିବାଦିତ କରୁଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଖାରବେଳଙ୍କ ଓଡିଶାର ଭୌଗଳିକ ସୀମା ଖୁବ ବିସ୍ତୃତ ଥିଲା । ଓଡିଶାର କଳା, ସ୍ଥାପତ୍ୟ, ହସ୍ତତନ୍ତ ଓ ସଂସ୍କୃତିର ଛାପ ସମ୍ପୂର୍ଣ ଦକ୍ଷିଣ ପୂର୍ବ ଏସିଆରେ ଏବେ ବି ରହିଛି । ଦକ୍ଷିଣ ପୂର୍ବ ଏସିଆରେ ସମ୍ବଲପୁରୀ ଢାଞ୍ଚାର ବସ୍ତ୍ର ଉପଲବ୍ଧ ହେବା ଓ ଓଡିଶାରେ ବୋଇତ ବନ୍ଦାଣ ପରି ଥାଇଲ୍ୟାଣ୍ଡରେ ଲାଇକର ପର୍ବରେ ଜ୍ୱଳନ୍ତ ଦୀପ ଭସାଇବାର ପରମ୍ପରା କାର୍ତ୍ତିକ ପୂର୍ଣିମା ଆଖ ପାଖରେ ହିଁ ପାଳନ କରାଯାଉଛି । ଓଡିଶାର ଗୌରବପୂର୍ଣ୍ଣ ଇତିହାସ ସତ୍ତ୍ୱେ ଅନୁଗୁଳ ଜିଲ୍ଲାରେ ଦେଶର ସବୁଠୁ ଅଧିକ କୋଇଲା, ଅନୁଗୁଳର ଆଲୁମିନିୟମ ବିଶ୍ୱରେ ପହଞ୍ଚିବା, ଇସ୍ପାତ ଉତ୍ପାଦନ ଯୋଜନାରେ ଆଗୁଆ ହେବା, ବିଜୁଳି ଶକ୍ତି ଉତ୍ପାଦନରେ ମଧ୍ୟ ନାଁ କରିବା ମହାନଦୀ ଓ ବ୍ରାହ୍ମଣୀ ପରି ନଦୀ ଜଳ ସମ୍ପଦ ଦେବା ସତ୍ତ୍ୱେ ବିକାଶର ଦୌଡରେ ଓଡିଶା ଓ ଅନୁଗୁଳ ପଛରେ ପଡିବା ନେଇ ଶ୍ରୀ ପ୍ରଧାନ ଚିନ୍ତା ବ୍ୟକ୍ତ କରିଥିଲେ । ବିଶିଷ୍ଟ ବିଦ୍ୱାନ ହାଉସ୍‌ମ୍ୟାନ୍‌ଙ୍କ ଲିଖିତ ପୁସ୍ତକରୁ ଉଦ୍ଧୃତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଯେତେବେଳେ ସମାଜ, ସମୁହ ଆଗକୁ ବଢିବା ପାଇଁ ନିର୍ଣୟ କରେ ସେତେବେଳେ ସେ ରାଷ୍ଟ୍ରର ବିକାଶକୁ କେହି ରୋକି ପାରିବେ ନାହିଁ । ତେଣୁ ଓଡିଶା ଓ ଅନୁଗୁଳର ସମାଜ ଯଦି ଆଗକୁ ବଢିବା ପାଇଁ ଅଣ୍ଟା ଭିଡେ ତେବେ ସବୁ ପ୍ରତିବନ୍ଧକକୁ ପଛରେ ପକାଇ ଆଗେଇ ଯାଇ ପାରିବ ବୋଲି ସେ କହିଛନ୍ତି ।


ପ୍ରକାଶନ ବିଭାଗ ପାଖରେ ରହିଛି ୨୦୦ରୁ ଊର୍ଦ୍ଧ୍ୱ ଇ-ପୁସ୍ତକ
ବର୍ତ୍ତମାନ ଅନଲାଇନ ମାଧ୍ୟମରେ ଉପଲବ୍ଧ
ବିକ୍ରୟ :
play. google.com
kobo.com
amazon.in
BUILDERS OF MODERN INDIA
GREAT MEN GREAT DEEDS
ऐसे थे बापू
THE GOSPEL OF BUDDHA
SARDAR PATEL A PICTORIAL BIOGRAPHY
AFTER PARTITION
Art & Science of PLAYING TABLA
विवेकानन्द चित्रावली
BELIEF IN THE BALLOT
LEGENDS OF INDIAN SILVER SCREEN
ପ୍ରକାଶନ ବିଭାଗ
ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
ଇ-ପୁସ୍ତକ ସମ୍ପର୍କିତ ସମ୍ପୂର୍ଣ୍ଣ ସୂଚୀ: Publicationsdivision.nic.inରେ ଉପଲବ୍ଧ

**YOJANA (Odia) : Monthly** **November 2017** **RNI No. 57203/93**
**ISSN 0971-8346** **Total Number of Pages (56)**

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

## ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

## ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା,
ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash